R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୯୧
ତିଥି: ଚତୁର୍ଦ୍ଦଶୀ
୧୬ ଏପ୍ରିଲ ୨୦୨୬, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.ଓଠ

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 191
16 April 2026, Thursday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

Government of Bharat
ନାରୀ ଶକ୍ତି ବନ୍ଦନ
ପ୍ରତି ସମର୍ପିତ
#NariShaktiVandan
CBC 22201/13/0012/2627

ଦେଶର ମହିଳାମାନଙ୍କୁ ଲୋକସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ୩୩% ସଂରକ୍ଷଣର ଗ୍ୟାରେଣ୍ଟି



୪ କୋଟିରୁ ଅଧିକ ପକ୍କା ଆବାସ, ଅଧିକାଂଶ ମହିଳାଙ୍କ ନାମରେ

୩୫ କୋଟିରୁ ଅଧିକ ମହିଳାଙ୍କୁ ମିଳିଛି ମୁଦ୍ରା ଋଣ

# ଖୁବ୍‌ଶୀଘ୍ର ଯୁଦ୍ଧ ସରିବ



- ମଧ୍ୟପ୍ରାଚ୍ୟକୁ ଆମେରିକା ପଠାଇଲା ୧୦ ହଜାର ସୈନ୍ୟ
- ୨୨ରେ ସରିବ ଯୁଦ୍ଧବିରତି ଡେଡ୍‌ଲାଇନ୍
- ଦ୍ୱିତୀୟ ପର୍ଯ୍ୟାୟ କଥାବର୍ତ୍ତା ଲାଗି ପାକ୍‌ର ପ୍ରୟାସ
- ପାକ୍ ସେନା ମୁଖ୍ୟ ମୁନୀରଙ୍କ ତେହେରାନ ଗସ୍ତ

ନୂଆଦିଲ୍ଲୀ, ୧୫।୪ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଇରାନ ସହ ଯୁଦ୍ଧ ଖୁବ୍‌ଶୀଘ୍ର ଶେଷ ହେବ। କିନ୍ତୁ ଏହା କହିବା ସହ ମଧ୍ୟପ୍ରାଚ୍ୟକୁ ପ୍ରାୟ ୧୦ ହଜାର ଅତିରିକ୍ତ ସୈନ୍ୟ ଆମେରିକା ପଠାଇଛି। ମଧ୍ୟପ୍ରାଚ୍ୟରେ ନିଜର ଦବ୍‌ଦବା ଜାହିର କରିବାକୁ ଆମେରିକା ଚାହୁଁଛି। ହରମୁଜ୍ ପ୍ରଣାଳୀ ଓ ଇରାନର ପରମାଣୁ ଅସ୍ତ୍ର ନିର୍ମାଣ ନେଇ ଆଲୋଚନାରେ ବାଧା ଉପୁଜିଛି। ଆସନ୍ତା ୨୨ ତାରିଖ ଯୁଦ୍ଧ ବିରତୀର ଡେଡ୍‌ଲାଇନ୍ ରହିଛି। ଏହି ଡେଡ୍‌ଲାଇନ୍ ଆଗକୁ ବଢ଼ିପାରେ ବୋଲି ଆଲୋଚନା ହେଉଛି। ଇରାନକୁ ମନାଇବା ପାଇଁ ପାକିସ୍ତାନ ସେନା ମୁଖ୍ୟ ମୁନୀର ତେହେରାନ୍ ଗସ୍ତ କରିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ଲାଗି ପୁଣି ପ୍ରୟାସ ଆରମ୍ଭ ହୋଇଛି।

ଆମେରିକା ସୂତ୍ରରୁ ଜଣାପଡ଼ିଛି ଯେ ସେମାନେ ଏହି ବିବାଦକୁ ସମାଧାନ କରିବାକୁ ଚାହୁଁଛନ୍ତି। ତେବେ ବେଳେବେଳେ ଯେଉଁ ପରସ୍ପର ବିରୋଧ ଆଚରଣରେ ବାର୍ତ୍ତା ଆସୁଛି। ଆମେରିକା ରାଷ୍ଟ୍ରପତି ଖୁବ୍‌ଶୀଘ୍ର ବିବାଦର ସମାଧାନ ହୋଇଯିବ ବୋଲି ନିଜ ପକ୍ଷରୁ ଏକ ଧାରଣା ଦେବାକୁ ଚାହୁଁଛନ୍ତି। ସେ କହୁଛନ୍ତି ଯେ ଖୁବ୍‌ଶୀଘ୍ର ଏହାର ପରିସମାପ୍ତି ଘଟିବ। ଦୁଇଦିନ ମଧ୍ୟରେ ସମଗ୍ର ବିଶ୍ୱ ଏକ ଗୁରୁତର ଅଗ୍ରଗତି ଦେଖିବ। ମାତ୍ର ବାସ୍ତବତା ଠାରୁ ଏହା ଭିନ୍ନ ହୋଇଥିବା ଜଣାପଡ଼ିଛି। ତେବେ ଇତି ମଧ୍ୟରେ ଆମେରିକା ୧୦ ହଜାର ଅତିରିକ୍ତ ସୈନ୍ୟ ମଧ୍ୟପ୍ରାଚ୍ୟକୁ ପଠାଇଛି। ଏଥିରେ ୬ ହଜାର ଏୟାରକ୍ରାଫ୍ଟ କ୍ୟାରିୟର ଅଛନ୍ତି। ତେବେ ୫୦ ହଜାର ଆମେରିକୀୟ ସୈନ୍ୟ ଗଲ୍ଫ ରାଷ୍ଟ୍ରଗୁଡ଼ିକରେ ନିୟୋଜିତ ଅଛନ୍ତି। ଏହାଛଡ଼ା ୟୁଏସ୍‌ଏସ୍ ଆବ୍ରାହନ ଲିଙ୍କନ,ୟୁଏସ୍‌ଏସ୍ ଗେରାଲ୍ଡ ଆର୍ ଫୋର୍ଡ, ୟୁଏସ୍‌ଏସ୍ ଜର୍ଜ ଏଚ୍‌ଡବ୍ଲ୍ୟୁ ବୁସ୍ ଜାହାଜ ମଧ୍ୟପ୍ରାଚ୍ୟ ଜଳରାଶିରେ ଏବେବି ରହିଛନ୍ତି। ଆମେରିକା ପକ୍ଷରୁ ଇରାନ ଉପରେ ଚାପ (୯ ପୃଷ୍ଠାରେ)

## ଆଜିଠୁଁ ସଂସଦର ପରିବର୍ଦ୍ଧିତ ଅଧିବେଶନ

# ସୀମା ପୁନଃନିର୍ଦ୍ଧାରଣ ବିଲ୍‌କୁ ବିରୋଧୀଙ୍କ ବିରୋଧ



ଖଡ୍‌ଗେଙ୍କ ବାସଭବନରେ ଇଣ୍ଡିଆ ବ୍ଲକ୍ ବୈଠକ

ସମ୍ବିଧାନ ସଂଶୋଧନ ଲାଗି ଦୁଇ ତୃତୀୟାଂଶ ସଭ୍ୟଙ୍କ ସମର୍ଥନ ଲୋଡ଼ା

ନୂଆଦିଲ୍ଲୀ, ୧୫।୪ : ଆସନ୍ତାକାଲିଠୁ ସଂସଦର ପରିବର୍ଦ୍ଧିତ ଅଧିବେଶନ ଆରମ୍ଭ ହେବ। ହେବାକୁ ଥିବା ତିନିଦିନିଆ ଏହି ଅଧିବେଶନରେ ମହିଳା ସରକ୍ଷଣ ବିଲ୍ ସହ ସୀମା ପୁନର୍ନିର୍ଦ୍ଧାରଣ ବିଲ୍ ପରିତ କରିବାକୁ ସରକାର ଯୋଜନା କରିଛନ୍ତି। ତେବେ ସରକାରଙ୍କ ଏହି ପଦକ୍ଷେପକୁ ବିରୋଧୀ ଦଳଗୁଡ଼ିକ ବିରୋଧ କରିଛନ୍ତି। ମହିଳା ସଂରକ୍ଷଣ ବିଲ୍ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ବିରୋଧୀ ଦଳ ପକ୍ଷରୁ ଅଭିଯୋଗ କରାଯାଇଛି।

ଏଆଇସିସି ସଭାପତି ମଲ୍ଲିକାର୍ଜୁନେ ଖଡ୍‌ଗେଙ୍କ ବାସଭବନରେ ଆଜି ଇଣ୍ଡିଆ ବ୍ଲକ୍‌ର ଅଂଶୀଦାର ଦଳଗୁଡ଼ିକର ବୈଠକ ଅନୁଷ୍ଠିତ ହୋଇଥିଲା। ବିରୋଧୀ ଦଳଗୁଡ଼ିକ ମହିଳା ସଂରକ୍ଷଣକୁ ସମର୍ଥନ କରୁଛନ୍ତି, ମାତ୍ର ସରକାରଙ୍କ ପ୍ରସ୍ତାବିତ ସୀମା ପୁନଃନିର୍ଦ୍ଧାରଣ ବିଲ୍‌କୁ ବିରୋଧ କରୁଛନ୍ତି। ସର୍ବଦଳୀୟ ବୈଠକ ପରେ ଖଡ୍‌ଗେ ଗଣମାଧ୍ୟମକୁ କହିଛନ୍ତି ଯେ ନୀତିଗତ ଭାବେ ମହିଳା ସଂରକ୍ଷଣ ବିଲ୍ ଅନୁମୋଦନ ହୋଇଛି। ମାତ୍ର ଯେଉଁଭଳି ଭାବରେ ସରକାର ନିର୍ବାଚନମଣ୍ଡଳୀ ସୀମା ନିର୍ଦ୍ଧାରଣ ବିଲ୍ ଆଣୁଛନ୍ତି ଏହା ଭୁଲ ଓ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ବିରୋଧୀ ଦଳଗୁଡ଼ିକ ସଂସଦରେ ଏହାକୁ ବିରୋଧ କରିବେ। ସମ୍ବିଧାନ ସଂଶୋଧନ ବିଲ୍ ଆଗତ ହେବାକୁ ହେଲେ ଦୁଇ ତୃତୀୟାଂଶ ସଭ୍ୟଙ୍କ ସମର୍ଥନ ଦରକାର। ଖଡ୍‌ଗେ କହିଛନ୍ତି ଯେ ବିରୋଧୀ ଦଳଗୁଡ଼ିକ ମହିଳା ସଂରକ୍ଷଣ ବିଲ୍‌ର ବିରୋଧୀ ନୁହଁନ୍ତି। ୨୦୧୦ରେ କଂଗ୍ରେସ ଏହି ବିଲ୍ ଆଣିଥିଲା। ୨୦୨୩ରେ ଏହି ବିଲ୍ ସର୍ବସମ୍ମତ ଭାବେ ସଂସଦରେ ପାରିତ ହୋଇଥିଲା। ସୀମା ପୁନଃନିର୍ଦ୍ଧାରଣକୁ ଆମେ ବିରୋଧ କରୁଛୁ। (୯ ପୃଷ୍ଠାରେ)

## ନାରୀ ଶକ୍ତି ବନ୍ଦନ ବୈଠକରେ ମୁଖ୍ୟମନ୍ତ୍ରୀ

# ଇଚ୍ଛାଶକ୍ତି ଥିଲେ ଅଟକିବେନି ମହିଳା : ମୁଖ୍ୟମନ୍ତ୍ରୀ



- ସଶକ୍ତ ନାରୀ, ସଶକ୍ତ ଭାରତ ଗଠନ ଲାଗି ଆହ୍ୱାନ
- ନାରୀଶକ୍ତି ବନ୍ଦନ ଆଇନ୍ ନୁହେଁ, ସ୍ୱପ୍ନର ଉଡାଣ

ଭୁବନେଶ୍ୱର, ୧୫।୪ (ସବ୍ୟ) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତୀୟ ସଂସ୍କୃତି ଓ ପରମ୍ପରା ପ୍ରତି ସମ୍ମାନ ଜଣାଇ ଗତ ୧୨ ବର୍ଷ ମଧ୍ୟରେ ମହିଳାଙ୍କ ବିକାଶ ପାଇଁ ଅନେକ କଲ୍ୟାଣକାରୀ କାର୍ଯ୍ୟକ୍ରମ କରିଛନ୍ତି। କିନ୍ତୁ, ସବୁଠାରୁ ବୈପ୍ଳବିକ ନିଷ୍ପତି ହେଉଛି ୨୦୨୩ ମସିହାର ନାରୀ ଶକ୍ତି ବନ୍ଦନ ଅଧିନିୟମ। ଯାହା ସ୍ୱାଧୀନତୋର ଭାରତରେ ମହିଳା ସଶକ୍ତିକରଣ କ୍ଷେତ୍ରରେ ସବୁଠାରୁ ବଡ ପଦକ୍ଷେପ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରରେ ଆୟୋଜିତ ନାରୀଶକ୍ତି ବନ୍ଦନ ଟାଉନ ହଲ୍ ମିଟିଂ ଅବସରରେ କହିଛନ୍ତି।

ଭୁବନେଶ୍ୱର ରେଳ ଅଡିଟୋରିଅମ୍ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ନାରୀଶକ୍ତି ବନ୍ଦନ ଅଧିନିୟମ କେବଳ ଏକ ଆଇନ୍ ନୁହେଁ, ବରଂ କୋଟି କୋଟି (୯ ପୃଷ୍ଠାରେ)

# ସିବିଏସ୍‌ଇ ଦଶମ ପରୀକ୍ଷା ଫଳ ପ୍ରକାଶ

ନୂଆଦିଲ୍ଲୀ, ୧୫।୪ : ସିବିଏସ୍‌ଇର ଦଶମ ବୋର୍ଡ ପରୀକ୍ଷା ଫଳ ପ୍ରକାଶ ପାଇଛି। ହାରାହାରି ଭାବେ ପରୀକ୍ଷା ଫଳ ୯୩.୭୦% ହୋଇଛି। ଛାତ୍ରଛାତ୍ରୀମାନେ ୱେବ୍‌ସାଇଟ୍‌ରୁ ସେମାନଙ୍କ ପରୀକ୍ଷା ଫଳ ଦେଖିବା ପାଇଁ ସିବିଏସ୍‌ସି ପକ୍ଷରୁ କୁହାଯାଇଛି। ଚଳିତବର୍ଷ ୨୫ ଲକ୍ଷ ଛାତ୍ରଛାତ୍ରୀ ଦଶମ ପରୀକ୍ଷା ଦେଇଥିଲେ। ଏମାନଙ୍କ ମଧ୍ୟରୁ ୨ ଲକ୍ଷ ଛାତ୍ରଛାତ୍ରୀ ୯୦%ରୁ ଅଧିକ ନମ୍ବର ରଖିଛନ୍ତି। ତେବେ ଛାତ୍ରୀମାନେ ଛାତ୍ରଙ୍କ ଠାରୁ ପାସ୍ ହାରରେ ଆଗରେ ଅଛନ୍ତି। ଛାତ୍ରୀଙ୍କ ପାସ୍ ହାର ୯୪.୯୯% ଥିବାବେଳେ ଛାତ୍ରଙ୍କ ପାସ୍ ହାର ୯୨.୬୯% ରହିଛି। ପାଯ ୨ ଲକ୍ଷ ୨୧ ହଜାର ୫୭୪ ଛାତ୍ରଛାତ୍ରୀ ୯୦%ରୁ ଅଧିକ (୯ ପୃଷ୍ଠାରେ)

## ନ୍ୟାୟିକ ଆଦେଶ ଅନୁପାଳନରେ କର୍ତ୍ତୃପକ୍ଷଙ୍କ ଟାଳଟୁଳ ନୀତି

# ମାନସିକ ଅବସାଦରେ ଅବସରପ୍ରାପ୍ତ ଆୟକର ଅଧିକାରୀ

ଭୁବନେଶ୍ୱର, ୧୫।୪ (ସବ୍ୟ) : ଅବସର ନେବାର ୧୦ ବର୍ଷ ପରେ ମଧ୍ୟ ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ନିଜର ହକ୍ ପାଇବା ଲାଗି ସଂଘର୍ଷ କରିବାକୁ ପଡୁଛି। ଅଦାଲତଙ୍କ ଆଦେଶ ଅନୁପାଳନ କରିବାରେ କେନ୍ଦ୍ରୀୟ ପରୋକ୍ଷ ଟିକସ ଓ ସୀମା ଶୁଳ୍କବୋର୍ଡ (ସିବିଆଇସି) ଅଧକ୍ଷଙ୍କ ଟାଳଟୁଳ ନୀତି କାରଣରୁ ଆୟକର ବିଭାଗର ପୂର୍ବତନ ଅଧିକାରୀ ଅମୀୟକାନ୍ତି ପଟ୍ଟନାୟକ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲ (କ୍ୟାଟ୍) ଗତ ୫ ମାର୍ଚ୍ଚ ୨୦୨୪ରେ ଶ୍ରୀ ପଟ୍ଟନାୟକଙ୍କୁ ପିଛିଲା ଭାବେ ଯୁଗ୍ମ ଆୟକର କମିଶନର (୯ ପୃଷ୍ଠାରେ)

# ଆଜିଠୁଁ ଜନଗଣନା ଆରମ୍ଭ

ଭୁବନେଶ୍ୱର, ୧୫।୪ (ସବ୍ୟ): ରାଜ୍ୟରେ ଘରକୁ ଘର ବୁଲି ଜନଗଣନା କାର୍ଯ୍ୟକ୍ରମ ଆସନ୍ତାକାଲି (ଗୁରୁବାର) ଠାରୁ ଆରମ୍ଭ ହେବ। ଏହା ପୂର୍ବରୁ ସ୍ୱଗଣନା କାର୍ଯ୍ୟକ୍ରମ ୧୫ ତାରିଖରେ ଶେଷ ହୋଇଛି। ସମଗ୍ର ଓଡ଼ିଶାର ୩୦ଟି ଜିଲ୍ଲାରେ ଜନଗଣନାର ପ୍ରଥମ ପର୍ଯ୍ୟାୟରେ ଗୃହଗଣନା ଓ ଗୃହତାଲିକା ପ୍ରସ୍ତୁତି କାର୍ଯ୍ୟକ୍ରମ ଚଳିତ ମାସ ୧୬ ତାରିଖରୁ ଆରମ୍ଭ ହୋଇ ମେ ୧୫ ତାରିଖ ପର୍ଯ୍ୟନ୍ତ ଅର୍ଥାତ୍ ୩୦ ଦିନ ଧରି ଚାଲିବ। ତେବେ ୨୦୨୭ରୁ ଦ୍ୱିତୀୟ (୯ ପୃଷ୍ଠାରେ)

## ମୁଖ୍ୟମନ୍ତ୍ରୀଙ୍କୁ ବିରୋଧୀ ଦଳ ନେତାଙ୍କ ଚିଠି

# ୪୮ ଘଣ୍ଟା ମଧ୍ୟରେ ଡକାଯାଉ ସ୍ୱତନ୍ତ୍ର ଅଧିବେଶନ



ସୀମା ପୁନଃନିର୍ଦ୍ଧାରଣରେ ରାଜ୍ୟର ପ୍ରତିନିଧିତ୍ୱ ୩.୪%କୁ ହ୍ରାସ ହେବ

ମହିଳା ସଂରକ୍ଷଣ ବିଲ୍‌କୁ ବିଜେଡିର ସମର୍ଥନ

ଭୁବନେଶ୍ୱର, ୧୫।୪ (ସବ୍ୟ) : ସୀମା ପୁନଃ ନିର୍ଦ୍ଧାରଣ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଆଜି ଏକ ଚିଠି ଲେଖି ଆଗାମୀ ୪୮ ଘଣ୍ଟା ମଧ୍ୟରେ ରାଜ୍ୟ ବିଧାନ ସଭାର ସ୍ୱତନ୍ତ୍ର ଅଧିବେଶନ ଡାକି ଏ ପ୍ରସଙ୍ଗରେ ଆଲୋଚନା କରିବା ପାଇଁ ଅନୁରୋଧ କରିଛନ୍ତି। ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ସମ୍ବିଧାନର ପ୍ରସ୍ତାବିତ ୧୩୧ ତମ ସଂଶୋଧନ ବିଲ୍ ୨୦୨୬ – ସୀମା ପୁନଃ ନିର୍ଦ୍ଧାରଣ ବିଲ୍ ଦ୍ୱାରା ଲୋକସଭାରେ ଆସନ ସଂଖ୍ୟାରେ ବ୍ୟାପକ ପରିବର୍ତ୍ତନ ଘଟିବ। ଲୋକ ସଭାର ସଦସ୍ୟ ସଂଖ୍ୟା ୫୪୩ ରି ୮୫୦କୁ ବୃଦ୍ଧି ପାଇବ। ବର୍ତ୍ତମାନ ଓଡିଶାର ଲୋକ ସଭା ଆସନ ସଂଖ୍ୟା ୨୧ ଅଛି ଯାହାକି ମୋଟ ଆସନ ସଂଖ୍ୟାର ୩.୯ ପ୍ରତିଶତ। କିନ୍ତୁ ଯଦି ଉପରୋକ୍ତ ସମ୍ବିଧାନ ସଂଶୋଧନ ବିଲ୍ ପାରିତ ହୁଏ ତେବେ ଲୋକସଭାରେ ଓଡିଶାର ପ୍ରତିନିଧିତ୍ୱ ୨୯କୁ ବୃଦ୍ଧି ପାଇବ। କିନ୍ତୁ ଆନୁପାତିକ ହାରରେ ଏହା ୩.୯ ପ୍ରତିଶତରୁ ୩.୪ ପ୍ରତିଶତକୁ ହ୍ରାସ ଘଟିବ।

ଶ୍ରୀ ପଟ୍ଟନାୟକ ଆହୁରି କହିଛନ୍ତି ଓଡିଶା ଜନସଂଖ୍ୟା ନିୟନ୍ତ୍ରଣରେ ଏକ ଆଗୁଆ ରାଜ୍ୟ ଏବଂ ମାନବ ସମ୍ବଳର ବିକାଶରେ ମଧ୍ୟ ପ୍ରଶଂସନୀୟ କାର୍ଯ୍ୟ କରି ଆସିଛି। କିନ୍ତୁ ଏହି ନୂତନ ସଂଶୋଧନ ଦ୍ୱାରା ଓଡିଶାର ରାଜନୈତିକ ପ୍ରତିନିଧିତ୍ୱ ଜାତୀୟ ସ୍ତରରେ ୧୫ ପ୍ରତିଶତ ହ୍ରାସ ର ସମ୍ଭାବନା ରହିଛି, ଯାହାକି ଚିନ୍ତା ଜନକ। ଓଡ଼ିଶାର ରାଜନୈତିକ ପ୍ରତିଷ୍ଠା ବିଶେଷ ଭାବରେ ପ୍ରଭାବିତ ହେବ। ରିପୋର୍ଟ ଅନୁଯାୟୀ ଏହି ପ୍ରସ୍ତାବିତ ନୂତନ ବ୍ୟବସ୍ଥା ଦ୍ୱାରା ଓଡିଶା ବିପୁଳ କ୍ଷତି ସହିବାରେ ଦେଶର ଚତୁର୍ଥ ରାଜ୍ୟ ହେବ। ସାଢେ ଚାରିକୋଟି ଓଡିଆଙ୍କ ଆଶା ଓ ଆକାଂକ୍ଷା ଉପରେ ଏହା ଏକ ଶକ୍ତ ପ୍ରହାର ସଦୃଶ ଏବଂ ଆମର ଭବିଷ୍ୟତ ପୀଢି ପାଇଁ ବହୁତ ବଡ ଅନ୍ୟାୟ ହେବ।

ତାଙ୍କ ପତ୍ରରେ ଶ୍ରୀ ପଟ୍ଟନାୟକ ଆହୁରି ଉଲ୍ଲେଖ କରିଛନ୍ତି ଯେ ଯଦି ଓଡିଶାର ରାଜନୈତିକ ଅଧିକାର ଅକ୍ଷୁର୍ଣ୍ଣ ରୁହେ, ତେବେ ଯାଇ (୯ ପୃଷ୍ଠାରେ)

## ରାଜ୍ୟରେ ଆଉ ଏକ ଆଞ୍ଚଳିକ ଦଳ

# ଓଡ଼ିଶା ଜନତା କଂଗ୍ରେସର ପଡ଼ିଲା ମୂଳଦୁଆ



- ପୌର ନିର୍ବାଚନରେ ପ୍ରାର୍ଥୀ ଦେବାକୁ ମୋକିମଙ୍କ ଆହ୍ୱାନ
- ନୂଆ ଓଡ଼ିଶା ଏକ ଯୁବ କେନ୍ଦ୍ରିକ ଓଡ଼ିଶା ହେବ
- ମଞ୍ଚ ଉପରେ ଚଢ଼ିଲେନି ବିଧାୟିକା ସୋଫିଆ ଫିର୍ଦ୍ଦୋସ

ଭୁବନେଶ୍ୱର, ୧୫।୪ (ସବ୍ୟ): ଓଡ଼ିଶା ରାଜନୀତିରେ ଜନ୍ମ ନେଲା ନୂଆ ଆଞ୍ଚଳିକ ଦଳ "ଓଡ଼ିଶା ଜନତା କଂଗ୍ରେସ'(ଓଜେସି) । ପୂର୍ବତନ ବିଧାୟକ ମହମ୍ମଦ ମୋକିମଙ୍କ ନେତୃତ୍ୱରେ ଗଠନ ହୋଇଛି ଏହି ନୂଆ ଦଳ। ଆଜି(ବୁଧବାର) ବିଧିବଦ୍ଧ ଭାବେ ଏହାର ମୂଳଦୁଆ ପଡ଼ିଥିଲା। ଯୁବପିଢ଼ିଙ୍କୁ ନେଇ ଓଜେସି ଆଗକୁ ବଢ଼ିବ। ନୂଆ ଓଡ଼ିଶା ଏକ ଯୁବ କେନ୍ଦ୍ରିକ ଓଡ଼ିଶା ହେବ ବୋଲି ଆହ୍ୱାନ ଦେଇଛନ୍ତି ମୋକିମ। ତେବେ ମୋକିମଙ୍କ ଝିଅ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଯୋଗ ଦେଇଥିବା ବେଳେ ମଞ୍ଚ ଉପରେ ବସିନଥିବା ଦେଖିବାକୁ ମିଳିଥିଲା।

ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ବିଭିନ୍ନ ଜିଲ୍ଲାର ଶହ ଶହ ସଂଖ୍ୟାରେ ଯୁବ ସମର୍ଥକଙ୍କ ଉପସ୍ଥିତି ଦେଖାଦେଇଛି। ମୋକିମ କହିଛନ୍ତି, ଓଡ଼ିଆଙ୍କ ହକ ପାଇଁ ଲଢ଼ିବ ଓଡ଼ିଆ ଜନତା କଂଗ୍ରେସ। ରାଜ୍ୟରେ ପ୍ରମୁଖ ବିରୋଧୀ ଦଳ ହେବ ଓଡ଼ିଶା ଜନତା କଂଗ୍ରେସ। ଏହାଛଡା ଆଗାମୀ ପୌର ନିର୍ବାଚନରେ ପ୍ରାର୍ଥୀ ଦେବା ନେଇ ସ୍ପଷ୍ଟ କରିଛନ୍ତି ମୋକିମ। ଯାହା ଉଭୟ ଶାସକ ଓ ବିରୋଧୀ ଦଳରେ କମ୍ପନ ସୃଷ୍ଟି କରିଛି।

ଆରମ୍ଭରୁ ଉଭୟ ବିଜେପି ଓ ବିଜେଡିକୁ ଟାର୍ଗେଟ କରିବାକୁ ଭୁଲି ନାହାନ୍ତି ମୋକିମ। ସେ କହିଛନ୍ତି, ବିଗତ ସରକାରରେ ଓଡ଼ିଶାରେ ତାମିଲନାଡୁ କଣ୍ଟ୍ରାକ୍ଟର, ବାହାର ରାଜ୍ୟର ପୁଞ୍ଜିପତି, ଓଡ଼ିଶାକୁ ଶୋଷଣ (୯ ପୃଷ୍ଠାରେ)

# ପିଲାଙ୍କ ଚାଲି ନପାରିବା ସମସ୍ୟା

ହିପ୍ ଜଏଣ୍ଟ ସମସ୍ୟା ବା ଡିଡିଏଚ ହେଉଛି ଏକ ଜନ୍ମଗତ ସ୍ୱାସ୍ଥ୍ୟ ଅବସ୍ଥା, ଯେଉଁଠାରେ ଶିଶୁର ହିପ୍ ଜଏଣ୍ଟ ବା ତଳି ଅଣ୍ଟା ସଠିକ୍ ଭାବେ ବିକଶିତ ହୋଇନଥାଏ । ଏହି କାରଣରୁ ଜଙ୍ଘ ହାଡର ଗୋଲାକାର ଅଂଶ , ତଳ ଅଣ୍ଟାର ସକେଟ୍ ମଧ୍ୟରେ ଠିକ୍ ଭାବେ ଖାପ ଖାଇ ରହିପାରେ ନାହିଁ । ଫଳରେ ଜଏଣ୍ଟଟି ଢିଲା କିମ୍ବା ଅସ୍ଥିର ହୋଇଯାଏ । 'ନ୍ୟାସନାଲ ଲାଇବ୍ରେରୀ ଅଫ୍ ମେଡିସିନ୍' ଅନୁଯାୟୀ, ଭାରତରେ ପ୍ରତି ୧୦୦୦ ଶିଶୁଙ୍କ ମଧ୍ୟରୁ ୨-୩ ଜଣଙ୍କଠାରେ ଏହି ସମସ୍ୟା ଦେଖାଯାଏ । ଏହା ଏକ ସାଧାରଣ କଣ୍ଡିସନ ହେଲେ ମଧ୍ୟ ଅନେକ ସମୟରେ ଏହାର ଚିହ୍ନଟ ବିଳମ୍ବରେ ହୋଇଥାଏ ।ଏହା ଏକ ଡେଭଲପମେଣ୍ଟାଲ କଣ୍ଡିସନ, ଯାହା ଶିଶୁ ଜନ୍ମ ହେବା ପୂର୍ବରୁ ଗର୍ଭାବସ୍ଥାରେ ଶାରୀରିକ ବିକାଶ ସମୟରେ ଆରମ୍ଭ ହୋଇଥାଏ । ଏହା କେବଳ ଜନ୍ମ ସମୟରେ ନୁହେଁ, ବରଂ ଜନ୍ମର କିଛି ମାସ ପରେ ମଧ୍ୟ ବିକଶିତ ହୋଇପାରେ । ଏହାକୁ ଚିହ୍ନଟ ପାଇଁ ଅନେକ ଡାକ୍ତରୀ ପରୀକ୍ଷା ରହିଛି, ଯେଉଁଥିରୁ ଏହାକୁ ସଠିକ ସମୟରେ ଚିହ୍ନଟ କରିହୋଇଥାଏ । ଯାହାପରେ ଉପଯୁକ୍ତ ଚିକିତ୍ସା ସାହାଯ୍ୟରେ ଏହାକୁ ଭଲ ମଧ୍ୟ କରିହୋଇଥାଏ । ତେବେ ଏହାର ଚିହ୍ନଟ ଉପରେ ସବୁକିଛି ନିର୍ଭର କରିଥାଏ ।



**ପ୍ରାରମ୍ଭିକ ଲକ୍ଷଣ**

- ଗୋଟିଏ ଗୋଡ଼ ଅପେକ୍ଷାକୃତ ଅନ୍ୟଟିଠାରୁ ଛୋଟ ଦେଖାଯିବା ।
- ଜଙ୍ଘ ପାଖର ଚର୍ମର ଭାଙ୍ଗ ସମାନ ନ ରହିବା ।
- ଶିଶୁକୁ ଗୋଡ଼ ଖୋଲିବାରେ କଷ୍ଟ ହେବା ।
- ଶିଶୁ ଚାଲିବା ଶିଖିବା ପରେ ଛୋଟେଇ ଛୋଟେଇ ଚାଲିବା ।

# ବ୍ୟସ୍ତ ନାୟିକା ଯାମୀ



ବଲିଉଡର ଭର୍ସାଟାଇଲ ଅଭିନେତ୍ରୀ ଯାମୀ ଗୌତମଙ୍କୁ ଆଗକୁ ଏକ ଭିନ୍ନ ଏବଂ ସାହସିକ ପ୍ରୋଜେକ୍ଟରେ ଦେଖିବାକୁ ମିଳିବ । ଚର୍ଚ୍ଚା ହେଉଛି ଯେ, ତାଙ୍କୁ ପ୍ରଖ୍ୟାତ ନିର୍ମାତା-ନିର୍ଦ୍ଦେଶକ ଆନନ୍ଦ ଏଲ୍. ରାଇଙ୍କର 'ନଇ ନଭେଲୀ' ନାମକ ଏକ ପୌରାଣିକ ହରର୍-କମେଡ଼ି ଫିଲ୍ମରେ ଦେଖିବାକୁ ମିଳିବ । ଫିଲ୍ମଟି ପ୍ରାଚୀନ ଲୋକକଥା ଏବଂ ଆଧୁନିକ କାହାଣୀର ଏକ ଅନନ୍ୟ ମିଶ୍ରଣ ହେବ, ଯେଉଁଥିରେ ସାଉଥର ବଡ଼ ଟେକ୍ନିକାଲ ଟିମ୍ ସାମିଲ ହେବେ । ସୂଚନା ଅନୁଯାୟୀ, ମୁମ୍ବାଇର ମାଲଭଣୀ ଅଞ୍ଚଳରେ ଗତ ଏକ ସପ୍ତାହ ଧରି ଏହି ଫିଲ୍ମର ସୁଟିଂ ଗୋପନୀୟ ଭାବେ ଜାରି ରହିଛି ଏବଂ ଏହାର ପ୍ରସ୍ତୁତି ପାଇଁ ପ୍ରାୟ ୨ ବର୍ଷ ସମୟ ଲାଗିଥିଲା । ମିରଟର ପୃଷ୍ଠଭୂମି ଉପରେ ଆଧାରିତ ଏହି କାହାଣୀରେ ଜଣେ ନବବଧୂ ଘରକୁ ଆସିବା ପରେ ଘଟୁଥିବା ରହସ୍ୟମୟ ଘଟଣାକୁ ଦର୍ଶାଯାଇଛି । ଏଥିରେ ଯାମୀଙ୍କୁ ପୁଣିଥରେ ଆକ୍ସନ ଅବତାରରେ ଦେଖିବାକୁ ମିଳିବ । ୨୦୨୬ ଶେଷ ସୁଦ୍ଧା ରିଲିଜ ହେବାକୁ ଥିବା ଏହି ଫିଲ୍ମ ବ୍ୟତୀତ ୨୦୨୭ରେ ଯାମୀ ନିଜ ସ୍ୱାମୀ ଆଦିତ୍ୟ ଧରଙ୍କ ଏକ ବଡ଼ ଆକ୍ସନ ପ୍ରୋଜେକ୍ଟ ଏବଂ ଏକ ସ୍ପାଏ-ଥ୍ରୀଲରରେ ମଧ୍ୟ ନଜର ଆସିବେ । ଏହି ଖବର ସାମ୍ନାକୁ ଆସିବା ପରେ ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ବଢିବାରେ ଲାଗିଛି ।

# ସୋସିଆଲ କୋଟ୍ସ



ଯେପରି ବହିର ଶେଷ ପେଜ୍ ବନ୍ଦ କରିବାକୁ ଇଚ୍ଛା ହୋଇନଥାଏ । ସେହିଭଳି ସୁଟିଂର ଲାଷ୍ଟ ଦିନ ମଧ୍ୟ କଷ୍ଟ ଦେଇଥାଏ । ମୋ ସହିତ ଏହା ସବୁ ସେଟ୍‌ରେ ହୋଇଥାଏ ।

**ନିମ୍ରିତ କୌର, ଅଭିନେତ୍ରୀ**



ଯେଉଁମାନଙ୍କର ପରିବାର ସେମାନଙ୍କୁ ସପୋର୍ଟ କରନ୍ତି ସେମାନେ ଭାଗ୍ୟଶାଳୀ ହୋଇଥାଆନ୍ତି । ଜୀବନରେ ଏଭଳି ସମସ୍ୟା ଆସେ ଯେଉଁଠି ପରିବାର ହିଁ ଆପଣଙ୍କୁ ସହାୟତା କରିଥାଏ ।

**ପ୍ରିୟଙ୍କା ଚୋପ୍ରା, ଅଭିନେତ୍ରୀ**



ଯଦିଓ ମୋର ସୁଶାନ୍ତଙ୍କ ସହ କାଇ ପୋଛେ ସିନେମାରେ ଗୋଟିଏ ସିନ୍ ଥିଲା, କିନ୍ତୁ ତାଙ୍କର ମୋର ବହୁତ ଅଧିକ ମଜା କରିଛୁ । ମୁଁ ସବୁବେଳେ ତାଙ୍କ ହୋଟେଲ ରୁମରେ ହିଁ ଥାଏ । ସେ ଜଣେ ବହୁତ ଭଲ ଲୋକ ଥିଲେ ।

**ମାନବ କୌଲ, ଅଭିନେତା**

# ପେଟରୁ ବାହାରିଲା ଥର୍ମୋମିଟର

ଚୀନରେ ଏକ ଆଶ୍ଚର୍ଯ୍ୟଜନକ ଖବର ସାମ୍ନାକୁ ଆସିଛି, ଯେଉଁଠାରେ ଜଣେ ୩୨ ବର୍ଷୀୟ ବ୍ୟକ୍ତିଙ୍କ ପେଟରୁ ପ୍ରାୟ ୨୦ ବର୍ଷ ପରେ ଏକ ଥର୍ମୋମିଟର ଉଦ୍ଧାର କରାଯାଇଛି । ସୂଚନା ଅନୁଯାୟୀ, ଚୀନର ୱେନଜୋଉ ସହରରେ ରହୁଥିବା ୱାଙ୍ଗ ନାମକ ଜଣେ ବ୍ୟକ୍ତି କ୍ରମାଗତ ପେଟ ଯନ୍ତ୍ରଣା ଅନୁଭବ କରିବା ପରେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ । ଡାକ୍ତରମାନେ ଯେତେବେଳେ ତାଙ୍କ ପେଟର ସ୍କାନିଂ କରିଥିଲେ, ସେତେବେଳେ ତାଙ୍କ କ୍ଷୁଦ୍ର ଅନ୍ତ୍ରର ପ୍ରାରମ୍ଭିକ ଭାଗରେ ଏକ ଅଜବ ବସ୍ତୁ ଲାଗି ରହିଥିବା ଦେଖିବାକୁ ପାଇଥିଲେ । ପରେ ଜଣାପଡିଥିଲା ଯେ ଏହା ଏକ ପାରଦ ଥର୍ମୋମିଟର, ଯାହା ଅନ୍ତ୍ରର କାନ୍ଥକୁ ଚାପି ରଖିଥିବାରୁ ଯନ୍ତ୍ରଣା ହେଉଥିଲା । ୱାଙ୍ଗ ପ୍ରକାଶ କରିଛନ୍ତି ଯେ, ସେ ଯେତେବେଳେ ମାତ୍ର ୧୨ ବର୍ଷର ହୋଇଥିଲେ, ଭୁଲବଶତଃ ସେ ଏହି ଥର୍ମୋମିଟରଟିକୁ ଗିଳି ଦେଇଥିଲେ, କିନ୍ତୁ ଭୟରେ ସେ ନିଜ ପରିବାର ଲୋକଙ୍କୁ ଏ ବିଷୟରେ କିଛି ଜଣାଇନଥିଲେ । ଦୀର୍ଘ ୨୦ ବର୍ଷ ଧରି ଏହା ପେଟରେ ରହିବା ପରେ ସେଠାରେ ଗୁରୁତର ସଂକ୍ରମଣ ବା ଅନ୍ତ୍ରରେ ଛିଦ୍ର ହେବାର ଭୟ ରହିଥିଲା । ଶେଷରେ ଡାକ୍ତରମାନେ ଏକ ଅତ୍ୟନ୍ତ ଜଟିଳ ଅପରେସନ୍ ମାଧ୍ୟମରେ ଥର୍ମୋମିଟରଟିକୁ ସୁରକ୍ଷିତ ଭାବେ ବାହାର କରିଥିଲେ । ଡାକ୍ତରଙ୍କ କହିବା ଅନୁଯାୟୀ, ଥର୍ମୋମିଟରଟି ପିତ୍ତ ନଳୀ ନିକଟରେ ଫସି ରହିଥିବାରୁ ଏହା ଅଧିକ ବିପଜ୍ଜନକ ଥିଲା, କିନ୍ତୁ ସୌଭାଗ୍ୟବଶତଃ ଏହା ଭାଙ୍ଗିନଥିବାରୁ ବ୍ୟକ୍ତିଜଣଙ୍କ ଏକ ବଡ଼ ବିପଦରୁ ରକ୍ଷା ପାଇଯାଇଛନ୍ତି ।



# କୋବି କୋକଲି ଝୋଳ

**ଓଡ଼ିଆ ରୁଚି**

**ସାମଗ୍ରୀ:** କୋକଲି ମାଛ ୨୫୦ ଗ୍ରାମ, ଫୁଲକୋବି ୧ଟି ମଧ୍ୟମ ଆକାରର (ଛୋଟ ଛୋଟ କଟା ହୋଇଥିବା), ଆଳୁ ୨ଟି (ଲମ୍ବା ଲମ୍ବା କଟା ହୋଇଥିବା), ପିଆଜ ୧ଟି, ଅଦା-ରସୁଣ ବଟା ୧ ଚାମଚ, ଟମାଟୋ ୧ଟି (କଟା ହୋଇଥିବା) , ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, କଞ୍ଚା ଲଙ୍କା ଓ ଧନିଆ ପତ୍ର ।

**ପ୍ରସ୍ତୁତି :** ପ୍ରଥମେ କୋକଲି ମାଛକୁ ଭଲଭାବେ ଧୋଇ ସେଥିରେ ଲୁଣ ଏବଂ ହଳଦୀ ଗୋଳାଇ ରଖନ୍ତୁ । କଡ଼େଇରେ ତେଲ ଗରମ କରି ମାଛକୁ ମୁଡ଼ମୁଡ଼ିଆ କରି ଭାଜି ଏକ ପାତ୍ରକୁ କାଢି ରଖନ୍ତୁ । ସେହି ତେଲରେ କଟା ହୋଇଥିବା ଫୁଲକୋବି ଏବଂ ଆଳୁରେ ସାମାନ୍ୟ ଲୁଣ-ହଳଦୀ ଦେଇ ଭଲଭାବେ ଭାଜି ଦିଅନ୍ତୁ । ପରିବା ହାଲୁକା ସୁବର୍ଣ୍ଣ ରଙ୍ଗ ହୋଇଗଲେ ତାକୁ କାଢି ରଖନ୍ତୁ । କଡ଼େଇରେ ଆଉ ଟିକେ ତେଲ ଦେଇ ସେଥିରେ ଜିରା ଫୁଟାନ୍ତୁ । ଏବେ କଟା ପିଆଜ ପକାଇ ଭାଜନ୍ତୁ । ପିଆଜ ନାଲି ହୋଇ ଆସିଲେ ଅଦା-ରସୁଣ ବଟା ପକାଇ କଷନ୍ତୁ । ଏହାପରେ ସେଥିରେ ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଜିରା ଗୁଣ୍ଡ ଏବଂ ଧନିଆ ଗୁଣ୍ଡ ପକାଇ ସାମାନ୍ୟ ପାଣି ଦେଇ ଗୋଳାନ୍ତୁ । ମସଲା ତେଲ ଛାଡିବା ଆରମ୍ଭ କଲେ କଟା ଟମାଟୋ ଏବଂ ସ୍ୱାଦ ଅନୁସାରେ ଲୁଣ ପକାନ୍ତୁ । ଟମାଟୋ ନରମ ହେବା ପର୍ଯ୍ୟନ୍ତ କଷନ୍ତୁ । ଏବେ ଭଜା ହୋଇଥିବା ଆଳୁ ଏବଂ କୋବିକୁ ମସଲା ସହିତ ୨ ମିନିଟ୍ ପାଇଁ ଗୋଳାଇ ଦିଅନ୍ତୁ । ଏହାପରେ ଆବଶ୍ୟକ ଅନୁସାରେ ଉଷୁମ ପାଣି ଦେଇ କଡ଼େଇକୁ ଢାଙ୍କି ଦିଅନ୍ତୁ । ଯେତେବେଳେ ପରିବା ସିଝି ଯିବ ଏବଂ ଝୋଳ ଫୁଟିବା ଆରମ୍ଭ କରିବ, ସେଥିରେ ଭଜା କୋକଲି ମାଛକୁ ପକାଇ ଦିଅନ୍ତୁ । ମାଛ ପକାଇବା ପରେ ମାତ୍ର ୨-୩ ମିନିଟ୍ ଫୁଟାନ୍ତୁ ଯେପରି ମାଛଗୁଡ଼ିକ ଅଧିକ ନରମ ନ ହୁଏ । ଶେଷରେ ଉପରେ କଟା ଧନିଆ ପତ୍ର ଏବଂ କଞ୍ଚା ଲଙ୍କା ପକାଇ ଚୁଲିରୁ ଓହ୍ଲାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା କୋବି-କୋକଲି ମାଛ ଝୋଳ । ଏହାକୁ ଭାତ ସହିତ ଖାଆନ୍ତୁ ।

# ଇତିହାସ

୧୮୫୩- ଭାରତରେ ପ୍ରଥମ କରି ମୁମ୍ବାଇ ଓ ଥାଣେ ମଧ୍ୟରେ ପ୍ରଥମ ରେଳ ଯାତ୍ରା ।
୧୮୮୯- ଦୁନିଆର ପ୍ରସିଦ୍ଧ ହାସ୍ୟ କଳାକାର ଚାର୍ଲି ଚାପ୍‌ଲିନ୍‌ଙ୍କ ଜନ୍ମ ।
୧୯୧୯- ଜାଲିଆନାୱାଲାବାଗ ହତ୍ୟାକାଣ୍ଡର ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ପ୍ରାର୍ଥନା ସଭା ଓ ଉପବାସର ଘୋଷଣା କରାଯାଇଥିଲା ।
୧୯୪୫- ଜର୍ମାନ ଜାହାଜ ବୁଡ଼ିବା ଫଳରେ ୭ ହଜାର ଲୋକଙ୍କ ମୃତ୍ୟୁ ।
୧୯୮୮- ଉତ୍ତର ଇରାକରେ ହୋଇଥିବା ଗ୍ୟାସ ଆକ୍ରମଣରେ ଏକ ହଜାରରୁ ଅଧିକ ଲୋକଙ୍କର ମୃତ୍ୟୁ ।
୨୦୦୨- ଦକ୍ଷିଣ କୋରିଆରେ ଏକ ବିମାନ ଦୁର୍ଘଟଣାରେ ୧୨୦ ଲୋକଙ୍କ ମୃତ୍ୟୁ ।

# ଆମ୍ବପ୍ରେମୀ ଭାରତୀୟ

ଭାରତରେ ଆମ୍ବ କେବଳ ଏକ ସ୍ୱାଦିଷ୍ଟ ଫଳ ନୁହେଁ, ବରଂ ଏହା ଏକ ଋତୁକାଳୀନ ଉତ୍ସବ ସଦୃଶ ଅଟେ । ତଥ୍ୟ ଅନୁଯାୟୀ, ଭାରତୀୟମାନେ ପ୍ରତିବର୍ଷ ପ୍ରାୟ ୨୬ ଶହ କୋଟି କିଲୋ ଆମ୍ବ ଖାଇଥାନ୍ତି । ସାରା ବିଶ୍ୱର ପ୍ରାୟ ଅଧା ଆମ୍ବ ଭାରତରେ ଉତ୍ପାଦନ ହେଉଥିବା ବେଳେ ଏହାର ପରିମାଣ ବାର୍ଷିକ ପ୍ରାୟ ୨୪ ରୁ ୨୬ ଶହ କୋଟି କିଲୋ ମଧ୍ୟରେ ରହିଥାଏ । ଆଶ୍ଚର୍ଯ୍ୟର କଥା ହେଉଛି, ଏତେ ବିପୁଳ ପରିମାଣର ଉତ୍ପାଦନ ସତ୍ତ୍ୱେ ଭାରତରୁ ମାତ୍ର ୧ ପ୍ରତିଶତରୁ କମ୍ ଆମ୍ବ ବିଦେଶକୁ ରପ୍ତାନି କରାଯାଇଥାଏ । ପରିସଂଖ୍ୟାନ ଅନୁଯାୟୀ, ଭାରତ ବାର୍ଷିକ ମାତ୍ର ୩୨,୦୦୦ ଟନ୍ ଆମ୍ବ ରପ୍ତାନି କରେ, ଯାହା ମୋଟ ଉତ୍ପାଦନର ମାତ୍ର ୦.୧୩ ପ୍ରତିଶତ ଅଟେ । ଅନ୍ୟପଟେ ମେକ୍ସିକୋ ଭଳି ଦେଶ ଭାରତ ତୁଳନାରେ କମ୍ ଉତ୍ପାଦନ କରି ମଧ୍ୟ ରପ୍ତାନି ଜରିଆରେ ଅଧିକ ଲାଭ କରୁଛନ୍ତି । ଭାରତର ପ୍ରାୟ ୧୫୦ କୋଟି ଜନସଂଖ୍ୟା ମଧ୍ୟରେ ଆମ୍ବର ଚାହିଦା ଏତେ ଅଧିକ ଯେ, ଜଣେ ବ୍ୟକ୍ତି ହାରାହାରି ବର୍ଷକୁ ୧୦୦ ରୁ ଅଧିକ ଆମ୍ବ ଖାଇଥାନ୍ତି । ସୋସିଆଲ ମିଡିଆରେ ଏହି ତଥ୍ୟ ଭାଇରାଲ ହେବା ପରେ ଜଣେ ୟୁଜର ନିଜ ପ୍ରତିକ୍ରିୟାରେ ଲେଖିଛନ୍ତି ଯେ, ସେ ପ୍ରତି ସିଜନରେ ଅତି କମରେ ୨୦୦ରୁ ଅଧିକ ଆମ୍ବ ଏକୁଟିଆ ଖାଇଯାନ୍ତି । ଏହି ରିପୋର୍ଟରୁ ସ୍ପଷ୍ଟ ହେଉଛି ଯେ ଭାରତୀୟଙ୍କ ପାଇଁ "ଫଳର ରାଜା" ଆମ୍ବ କେତେ ପ୍ରିୟ ଏବଂ ଦେଶର ଘରୋଇ ବଜାରରେ ଏହାର ଚାହିଦା ଆନ୍ତର୍ଜାତୀୟ ରପ୍ତାନି ତୁଳନାରେ ବହୁତ ଅଧିକ ରହିଛି ।





**ମେଷ:** ପରୋପକାର, ସମାଜସେବା, ଧର୍ମକାର୍ଯ୍ୟରେ ଆଗ୍ରହ, ଶରୀର ସୁସ୍ଥ, କର୍ମକ୍ଷେତ୍ରେ ସ୍ୱଳ୍ପ ଲାଭ, ବନ୍ଧୁ ଦର୍ଶନ, ନୂତନ ବ୍ୟବସାୟ ଆରମ୍ଭ, ଶତ୍ରୁ ପରାଭବ, ଆର୍ଥିକ ସହାୟତା, ଦୂରଯାତ୍ରା, ଭରଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ମା' ମଙ୍ଗଳା ।

**ବୃଷ:** କର୍ମକ୍ଷେତ୍ରେ ବାଧା, ମାନସିକ ଅବସାଦ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଗାଡ଼ିଚାଳନାରେ ସାବଧାନ, ଆର୍ଥିକ ସମସ୍ୟା, ଶରୀର କଷ୍ଟ, ସମ୍ମାନହାନି, କିଛି କାର୍ଯ୍ୟରେ ବିଳମ୍ବ, ବିଦ୍ୟାରେ ଅସଫଳ, ମୃଗଶିରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କ, ସଂଖ୍ୟା-୨, ଆରାଧନା- ଭଗବାନ ଶଙ୍କର ।

**ମିଥୁନ:** ପୈତୃକ ସମ୍ପତ୍ତିରେ ଲାଭ, ଶତ୍ରୁ ରହିବେ, ଉତ୍ତମ ସ୍ୱାସ୍ଥ୍ୟ, ଗୃହଶତ୍ରୁ ରହିବେ, ଜଞ୍ଜାଳବୃଦ୍ଧି, ବ୍ୟବସାୟରେ ଲାଭ, ଆଶା ସଫଳ, ବନ୍ଧୁ ସହଯୋଗ, ଦେବଦର୍ଶନ, ଶରୀର ସୁସ୍ଥ, ପୁନର୍ବସୁ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲଡ଼େନ, ସଂଖ୍ୟା-୬, ଆରାଧନା-ଲକ୍ଷ୍ମୀନୃସିଂହ ।

**କର୍କଟ:** କାର୍ଯ୍ୟକ୍ଷେତ୍ରେ ଉନ୍ନତି, ବ୍ୟବସାୟରେ ଲାଭ, ସ୍ୱାସ୍ଥ୍ୟରେ ଉନ୍ନତି, ସୁସମାଚାର ମିଳିବ, ଖୁସି ରହିବେ, ତୀର୍ଥାଟନ, ଶରୀର ସୁସ୍ଥ, ଅଚାନକ କଳହ ଯୋଗ, କଚେରୀ ମାମଲା ସମାଧାନ, ପୂର୍ବାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଦାମୀ, ସଂଖ୍ୟା-୫, ଆରାଧନା-ମା'ଭଗବତୀ ।

**ସିଂହ:** ଶୁଭଖବର, ଗୃହେ ଅତିଥିଆଗମନ, ଆର୍ଥିକଖୁସି, ନୂଆ ଯୋଜନାରେ ଲାଭ, ବ୍ୟବସାୟରେ ଶତ୍ରୁତା, ଲୋକସମ୍ପର୍କ ବୃଦ୍ଧି, କ୍ରୋଧରୁ କୌଣସି କାର୍ଯ୍ୟରେ ବାଧା, ସନ୍ତାନସୁଖ, ବିଦ୍ୟାରେ ସଫଳତା, ଉତ୍ତରାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ପ୍ରତିକାର- ଗୋସେବା କରନ୍ତୁ ।

**କନ୍ୟା:** ଅପମାନଯୋଗ, ବ୍ୟବସାୟରେ ଲାଭ, ଅର୍ଥ ଖର୍ଚ୍ଚାନ୍ତ, ଦୂରଯାତ୍ରା, ଶତ୍ରୁକଷ୍ଟ, ଲୋକସମ୍ପର୍କରେ ଉନ୍ନତି, ଉଚ୍ଚଆଶାରେ ବିଳମ୍ବ, ଉତ୍ତମସ୍ୱାସ୍ଥ୍ୟ, ନ୍ୟାୟିକ ବ୍ୟବସ୍ଥାରେ ଦୁଃଖ, ସନ୍ତାନ ସମସ୍ୟା, ଚିତ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୩, ଆରାଧନା-ମା' ବଗଳାମୁଖୀ ।

**ତୁଳା:** ସଫଳତା, ତୀର୍ଥାଟନ, ବ୍ୟବସାୟରେ ଉନ୍ନତି, ସମ୍ମାନପ୍ରାପ୍ତି, ଶତ୍ରୁ ପରାଜିତ, ନୂତନ ନିଯୁକ୍ତି, ସ୍ୱାସ୍ଥ୍ୟ ଭଲରହିବ, ବହୁ କାର୍ଯ୍ୟରେ ଖୁସି, ବିଶାଖା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୮, ଆରାଧନା- ପ୍ରଭୁ ଜଗନ୍ନାଥ ।

**ବିଛା:** ଶୁଭଖବର, ଅର୍ଥସମସ୍ୟା, ଜନସେବା, ବ୍ୟବସାୟରେ ବାଧା, ବନ୍ଧୁ ବିଦ୍ରୋହ, ସ୍ୱାସ୍ଥ୍ୟଲାଭ, ପରିବାରରେ ସହଯୋଗ, ସନ୍ତାନ ସମସ୍ୟା, ଭାଗିଦାରୀ କ୍ଷେତ୍ରେ ସଫଳତା, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୪, ଆରାଧନା-ମହାଲକ୍ଷ୍ମୀ ।

**ଧନୁ:** ଶୁଭକାର୍ଯ୍ୟରେ ଧନଖର୍ଚ୍ଚ, ଲୋକସମ୍ପର୍କରେ ଉନ୍ନତି, ବହୁ ପରିଶ୍ରମ, ଲାଭକମ୍, ଶରୀର ଅସୁସ୍ଥ, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ନ୍ୟାୟିକ ବ୍ୟବସ୍ଥାରେ ଖୁସି, କର୍ମକ୍ଷେତ୍ରେ ସମ୍ମାନ, ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୯, ଆରାଧନା-ରାଧାକୃଷ୍ଣ ।

**ମକର:** ବନ୍ଧୁ ସହଯୋଗ, ବ୍ୟବସାୟରେ ଲାଭ, ସ୍ୱାସ୍ଥ୍ୟରେ ଉନ୍ନତି, ସୁସମାଚାର, କର୍ମରେ ସଫଳ, କିଛି କାର୍ଯ୍ୟରେ ବିରୋଧ, ଲୋକସମ୍ପର୍କ ବୃଦ୍ଧି, ଶତ୍ରୁ ରହିବେ, ଦାମ୍ପତ୍ୟ କଳହ, ପିଲାଙ୍କ ଖୁସି, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- କଳା, ସଂଖ୍ୟା-୪, ଆରାଧନା-ମା' ଦକ୍ଷିଣକାଳୀ ।

**କୁମ୍ଭ:** ପଦୋନ୍ନତି, କର୍ମକ୍ଷେତ୍ରେ ଖୁସି, ଆଶା ସଫଳ, ଦୂରଯାତ୍ରାରେ ଲାଭ, ଶତ୍ରୁସମସ୍ୟା ସମାଧାନ, ସମ୍ମାନପ୍ରାପ୍ତି, ବ୍ୟବସାୟରେ ଲାଭ, ଅଚାନକ ଦୂରଯାତ୍ରା, ଭ୍ରାତୃ ସ୍ନେହ, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୯, ଆରାଧନା-ଭଗବାନ ଶଙ୍କର ।

**ମୀନ:** ଗୁରୁଜନଙ୍କ କୃପା, ବ୍ୟବସାୟରେ ଉନ୍ନତି, ବିଦେଶ ଯାତ୍ରା, ଅନୁଷ୍ଠାନରୁ ଲାଭ, ସ୍ୱାସ୍ଥ୍ୟଲାଭ, ଉଚ୍ଚସମ୍ମାନ, ଶତ୍ରୁ ପରାଭବ, ଉତ୍ସବ ପ୍ରତି ବିମୁଖ, ଅଧିକ ଖର୍ଚ୍ଚ, ରେବତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୬, ଆରାଧନା- ପ୍ରଭୁ ହନୁମାନ ।

**ବୈଶାଖ କୃଷ୍ଣପକ୍ଷ, ଚତୁର୍ଦ୍ଦଶୀ**
**୧୬.୪.୨୦୨୬ ଗୁରୁବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

### ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ

# ରାଜ୍ୟରେ ବ୍ୟାପକ ସଡ଼କ ସଂଯୋଗୀକରଣ ସଂପର୍କିତ ଯୋଜନା ଉପସ୍ଥାପିତ

ଭୁବନେଶ୍ୱର, (ସବ୍ୟୁ) : ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ବୁଧବାର ସଚିବସ୍ତରୀୟ ବୈଠକ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂଙ୍କ ସମେତ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ଏବଂ କମିଶନର ତଥା ଶାସନ ସଚିବମାନେ ଉପସ୍ଥିତ ଥିଲେ । ଏଥି ସହିତ ପ୍ରଶିକ୍ଷଣ ନେଉଥିବା ୨୦୨୪ ବ୍ୟାଚ୍ ଓଡ଼ିଶା କ୍ୟାଡର ଆଇଏଏସ୍ ପ୍ରୋବେଶନରମାନେ ମଧ୍ୟ ଅଭିଜ୍ଞତା ଅର୍ଜନ ପାଇଁ ବୈଠକରେ ଯୋଗଦେଇଥିଲେ । ବୈଠକରେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ ଆଭାସୀ ମାଧ୍ୟମରେ ଯୋଗଦେଇ ଉପସ୍ଥାପନା ରଖିଥିଲେ । ପ୍ରାରମ୍ଭରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ଗତ ମାର୍ଚ୍ଚ ମାସରେ ବିଭିନ୍ନ ବିଭାଗର ଉଲ୍ଲେଖନୀୟ କାର୍ଯ୍ୟ ଓ ପ୍ରମୁଖ ପଦକ୍ଷେପଗୁଡ଼ିକ ସଂପର୍କରେ ଉଲ୍ଲେଖ କରିଥିଲେ । ଇଣ୍ଡିଆ ସ୍କିଲ୍ସ-୨୦୨୫-୨୬ ପ୍ରତିଯୋଗିତାରେ



ଓଡ଼ିଶାର ସର୍ବୋତ୍କୃଷ୍ଟ ପ୍ରଦର୍ଶନ ପାଇଁ ଦକ୍ଷତା ବିକାଶ ବିଭାଗର ପଦକ୍ଷେପକୁ ସେ ପ୍ରଶଂସା କରିଥିଲେ । ସେହିପରି ଶ୍ରୀମନ୍ଦିର ରତ୍ନଭଣ୍ଡାରର "ଗଣତି-ମଣତି" କାର୍ଯ୍ୟ ପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ସଂପୃକ୍ତ ସମସ୍ତଙ୍କୁ ପ୍ରଶଂସା କରାଯାଇଥିଲା । ଏଥି ସହ "ଆମେ ଜାଣିବା ଆମ ବଜେଟ୍" କାର୍ଯ୍ୟକ୍ରମରେ ବଜେଟ୍ ସଂପର୍କିତ ସୂଚନାର ପ୍ରଚାର ପ୍ରସାର ଓ ଏ ସଂପର୍କରେ ଆଗକୁ କାର୍ଯ୍ୟକ୍ରମ ଜାରି ରହିବା ନେଇ ଆଲୋଚନା କରାଯାଇଥିଲା । ଅର୍ଥ ଏବଂ ସୂଚନା ଓ ଲୋକ ସଂପର୍କ ବିଭାଗର ପ୍ରୟାସକୁ ଏଥିପାଇଁ ପ୍ରଶଂସା କରାଯାଇଥିଲା । ଆଇ-ଗଟ୍ କର୍ମଯୋଗୀ ଭାରତ ପ୍ଲାଟଫର୍ମରେ "ସାଧନା ସପ୍ତାହ" ବିଶେଷ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟରେ ଅଧିକାରୀ ଓ କର୍ମଚାରୀମାନେ ଏହି ବ୍ୟବସ୍ଥାକୁ ଆସି ପ୍ରଶିକ୍ଷଣ ନେବା(ଅନ୍ ବୋର୍ଡିଂ) ୯୫ ପ୍ରତିଶତରୁ ୯୮ ପ୍ରତିଶତକୁ ବୃଦ୍ଧି ପାଇଛି । ଏହି ବ୍ୟବସ୍ଥାରେ ସକ୍ରିୟ ବ୍ୟବହାରକାରୀଙ୍କ ସଂଖ୍ୟା ଉଲ୍ଲେଖନୀୟ ଭାବେ ବଢ଼ିଥିବାରୁ ମୁଖ୍ୟ ସଚିବ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ପ୍ରୟାସକୁ ପ୍ରଶଂସା କରିଥିଲେ। "ଓଡ଼ିଆ ପକ୍ଷ " ରାଜ୍ୟବ୍ୟାପୀ ଭାବେ ବ୍ୟାପକ ଭାବେ ପାଳନ କରାଯାଇଥିବାରୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତଥା ସଂପୃକ୍ତ ଅନ୍ୟ ସମସ୍ତ ବିଭାଗର ସହଯୋଗକୁ ପ୍ରଶଂସା କରାଯାଇଥିଲା । ବୈଠକରେ ଆଗାମୀ ଦିନରେ "ଉପଲବ୍ଧି ପୋର୍ଟାଲ" କାର୍ଯ୍ୟକାରୀ ହେବା ନେଇ ସିଏମଜିଆଇ ତରଫରୁ ଡିଜାଇନ୍ ଉପସ୍ଥାପିତ ହୋଇଥିଲା । ଏହି ପୋର୍ଟାଲରେ ବିଭିନ୍ନ ବିଭାଗର ପ୍ରତିମାସରେ ଉଲ୍ଲେଖନୀୟ କାର୍ଯ୍ୟ, ପ୍ରଗତି ଓ ସଫଳତା ଅପଲୋଡ୍ କରାଯିବ ଏବଂ ବିଭାଗମାନଙ୍କ ସମେତ ଓ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସ୍ତରରେ ମଧ୍ୟ ତାହା ଅନୁଧ୍ୟାନ କରାଯିବା ସହଜ ହୋଇପାରିବ । ଅର୍ଥ ବିଭାଗ ତରଫରୁ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୀବ ମିଶ୍ର ଯୋଗଦେଇ ରାଜ୍ୟ ମାନଙ୍କୁ ପୁଞ୍ଜି ନିବେଶ ପାଇଁ ସହାୟତା ପ୍ରଦାନ କରୁଥିବା କେନ୍ଦ୍ରୀୟ ଅନୁଦାନ(ଏସଏଏସସିଆଇ) ର ଉପଯୋଗ ସଂପର୍କରେ ଗୁରୁତ୍ୱ ଦିଆଯାଇଥିଲା । ଏହା ସହ ପୂର୍ତ୍ତ ବିଭିଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂ, ପୂର୍ତ୍ତ ବିଭାଗର ୨୫ଟି ପ୍ରମୁଖ ପ୍ରକଳ୍ପ ଓ ପଦକ୍ଷେପ ବିଷୟରେ ବିସ୍ତୃତ ଉପସ୍ଥାପନା କରିଥିଲେ । ରାଜ୍ୟରେ ସଡକ ନେଟୱର୍କର ଉନ୍ନତି ପାଇଁ ରହିଥିବା ଦୀର୍ଘସୂତ୍ରୀ ଯୋଜନା ବିଷୟରେ ସେ ଉପସ୍ଥାପନା କରିଥିଲେ । ଏହା ରାଜ୍ୟର ଗମନା ଗମନ ସହ ପର୍ଯ୍ୟଟନ ସୁଯୋଗକୁ ବ୍ୟାପକ କରିବ ବୋଲି ବୈଠକରେ ଆଲୋଚନା କରାଯାଇଥିଲା । ପ୍ରତି ଜିଲ୍ଲାରେ ୨୫ଟି ଜିଲ୍ଲାସ୍ତରୀୟ ପ୍ରମୁଖ ପଦକ୍ଷେପ ପ୍ରସ୍ତୁତି ସମ୍ପର୍କରେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ "ବିକଶିତ ଓଡ଼ିଶା" ସହ ସମନ୍ୱୟ କରି ଏକ ଉପସ୍ଥାପନା ରଖିଥିଲେ । "କୋରାପୁଟ ସ୍ୱାର୍ଷ୍ଟ ଏକ୍ସ" ଉପରେ ଉପସ୍ଥାପନା କରି ସେ ଅଭିନବତ୍ୱ ପ୍ରତିପାଦନ, ପ୍ରତିଷ୍ଠାନଗତ ଉନ୍ନତି ଓ ଜିଲ୍ଲାର ସ୍ଥାୟୀ ବିକାଶ ସଂପର୍କରେ ସେ ଆଲୋକପାତ କରିଥିଲେ । ଜିଲ୍ଲାର ଜୀବିକା ନିର୍ବାହ , କୃଷି ଓ ପ୍ରାଣୀପାଳନ, ମସଲା, ମତ୍ସ୍ୟଚାଷ, ଫୁଲ ହବ୍, ବୟନ ଶିଳ୍ପ, ବିମାନ ବନ୍ଦରର ବିକାଶ, ମେଗା ପାନୀୟ ଜଳ ପ୍ରକଳ୍ପ, ପର୍ଯ୍ୟଟନ, ସେତୁ ଓ ସଡକ ନିର୍ମାଣ ଭଳି କ୍ଷେତ୍ରରେ ବ୍ୟାପକ ପଦକ୍ଷେପ ସମ୍ପର୍କରେ ଉପସ୍ଥାପନ କରିବା ସହ "ପରବ" ଲୋକପର୍ବ ମାଧ୍ୟମରେ କୋରାପୁଟ ଜିଲ୍ଲାର ବିକାଶକୁ ଉଲ୍ଲେଖ କରାଯାଇଥିଲା । ଜିଲ୍ଲାରେ ଶିଳ୍ପର ବିକାଶକୁ ତ୍ୱରାନ୍ୱିତ କରିବା ଉପରେ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଇଥିଲା ।



ପୁର୍ବତନ ସି.ଏ.ଜି ତଥା ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସଦସ୍ୟ ଗିରିଶ ଚନ୍ଦ୍ର ମୁର୍ମୁ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ କରି ଆଲୋଚନା କରୁଛନ୍ତି ।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

ବେତନଟୀ ,(ସବ୍ୟୁ): ବୈଶିଙ୍ଗାସ୍ଥିତ ମୁନିଲାଲ ମୁନିଲାଲ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କ୍ଷକ ନିତ୍ୟାନନ୍ଦ ପରିଡାଙ୍କର ସୋମବାର ଅପରାହ୍ନ ୩ଟାରେ ପରଲୋକ ଘଟିଛି । ସେ ବେତନଟୀ ବ୍ଲକ ଅନ୍ତର୍ଗତ ମେର୍ଦା ଉଚ୍ଚ ବିଦ୍ୟାଳୟରେ ଚାକିରି ଜୀବନ ଆରମ୍ଭ କରିଥିଲେ । କଳା ଶିକ୍ଷକ ୩୦ ବର୍ଷ ଧରି ସେଠାରେ ଶିକ୍ଷାଦାନ ନ ଦେବା ପରେ ମୁନିଲାଲ ଉଚ୍ଚ ବିଦ୍ୟାଳୟରେ ଅତ୍ୟନ୍ତ ନିଷ୍ଠା ଓ ଦାୟିବ ସମ୍ପନ୍ନ ଭାବେ ପ୍ରଧାନଶିକ୍ଷକ ଦାୟିତ୍ୱ ତୁଲାଇଥିଲେ ।

### ପାକିସ୍ତାନୀ ଏଜେଣ୍ଟଙ୍କୁ ଓଟିପି ସେୟାର

## ୭ ଜଣଙ୍କୁ ୩ବର୍ଷ ଲେଖାଏଁ ଜେଲ୍

ଭୁବନେଶ୍ୱର, (ସବ୍ୟୁ) : ପାକିସ୍ତାନୀ ଏଜେଣ୍ଟଙ୍କୁ ଓଟିପି ସେୟାର କରିଥିବା ର୍ୟାକେଟ୍‌ର ୭ ଜଣଙ୍କୁ ୩ବର୍ଷ ଲେଖାଏଁ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି ଭୁବନେଶ୍ୱର ଏସ୍‌ଡିଜେଏମ୍ । ପାକିସ୍ତାନ ଇଣ୍ଟେଲିଜେନ୍ସ ଅପରେଟିଂ ସିଷ୍ଟମର ଅଫିସର ଅବଦୁଲ ହମିଦ ସହ ସମ୍ପର୍କ ରଖି ଏହି ଆନ୍ତର୍ଜାତୀୟ ର୍ୟାକେଟ୍ ଓଟିପି ସେୟାର କରୁଥିଲେ । ୨୦୨୩ ମସିହା ମେ' ୧୨ ତାରିଖ ରାତି ୮ଟା ବେଳେ କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍‌ର ଇନ୍ସପେକଟର ତୃପ୍ତିରଞ୍ଜନ ଦାସ ଏକ ନିର୍ଭରଯୋଗ୍ୟ ସୂତ୍ରରୁ ଖବର ପାଇଥିଲେ ଯେ, ପ୍ରି-ଆକଟିଭେଟେଡ୍ ସିମ୍ ଭୁବନେଶ୍ୱର ରେଳ ଷ୍ଟେସନରୁ କୋଲ୍‌କାତା ଚାଲାଣ ହେଉଛି । ଏହି ଖବର ପାଇବା ପରେ ଇନ୍ସପେକଟରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଭୁବନେଶ୍ୱର ରେଳଷ୍ଟେସନରେ ପହଞ୍ଚି ସୂଚନା ଅନୁଯାୟୀ ଆଇଟିଆଇ ଇନ୍‌ଷ୍ଟ୍ରକଟର ପଠାଣି ସାମନ୍ତ ଲେଙ୍କାଙ୍କୁ ଗିରଫ କରିଥିଲେ । ପଠାଣିଙ୍କୁ ଜେରା କରିବା ପରେ ନୟାଗଡରୁ ୨ଜଣ ଓ ଯାଜପୁରରୁ ଦୁଇଜଣଙ୍କୁ ଗିରଫ କରାଯାଇଥିଲା । ପଠାଣିଙ୍କ ଘର ମଧ୍ୟ ନୟାଗଡ ଜିଲ୍ଲାରେ । ଏହି ୫ଜଣ ଗିରଫ ହେବା ପରେ ରାଜ୍ୟ ବାହାରୁ ଅଭିଜିତ ସିଂ ଜାମ୍ମୁରେ ଓ ଶେଖ ଇକ୍‌ବାଲ ହୁସେନକୁ ଗିରଫ କରାଯାଇଥିଲା । ଏମାନଙ୍କ ପାଖରୁ ବିପୁଳ ପରିମାଣରେ ପ୍ରି-ଆକଟିଭେଟେଡ୍ ସିମ୍, ପାସ୍‌ବୁକ୍, ଚେକ୍ ଓ ଅନ୍ୟାନ୍ୟ କାଗଜପତ୍ର ଜବତ ହୋଇଥିଲା । ଏମାନେ ପ୍ରିଆକ୍ଟିଭେଟେଡ୍ ସିମ୍ ବ୍ୟବହାର କରି ଓଟିପି ସେୟାର କରୁଥିଲେ । ଓଟିପି ସେୟାର ମାଧ୍ୟମରେ ଜେଲ୍‌ଦଣ୍ଡ ପାଇଥିବା ଆସାମୀମାନେ ଲକ୍ଷାଧିକ ଟଙ୍କା ପାଇଥିବା ଏସ୍‌ଟିଏଫ୍ ଚାର୍ଜସିଟ୍‌ରେ ଦର୍ଶାଇଥିଲା । ଏମାନଙ୍କ ଆକାଉଣ୍ଟ ଯାଞ୍ଚ କରିବା ପରେ କେଉଁଠୁ କେଉଁଠୁ ଟଙ୍କା ଆସୁଛି ଜଣାପଡିଥିଲା । ଓଡ଼ିଶାରୁ ଏହି ୭ଜଣ ଗିରଫ ହୋଇଥିବା ବେଳେ କୋଲ୍‌କାତା, ଗୌହାଟୀ ଓ ପୁନେରୁ ମଧ୍ୟ ଅନ୍ୟ କେତେକ ଅଭିଯୁକ୍ତ ଗିରଫ ହୋଇଥିଲେ । କେବଳ ପାକିସ୍ତାନୀ ଏଜେଣ୍ଟଙ୍କୁ ଓଟିପି ସେୟାର କରୁଥିଲେ ତା'ନୁହେଁ ଏମାନେ ଆନ୍ତଃର୍ଜାତୀୟ ଠକେଇ ର୍ୟାକେଟ୍ ସହ ଜଡିତ ଥିବା ମଧ୍ୟ ଏସ୍‌ଟିଏଫ୍ ଚାର୍ଜସିଟ୍‌ରେ ଦର୍ଶାଇଥିଲା । ୧୧ ସାକ୍ଷୀ, ୫୬ ଦସ୍ତାବିଜ୍‌କୁ ଆଧାର କରି ଏସ୍‌ଡିଜେଏମ୍ ୩ବର୍ଷ ଲେଖାଏଁ ଜେଲ୍ ଦଣ୍ଡାଦେଶ କରିବା ସହ ଜଣକିଆ ୧୦ ହଜାର ଟଙ୍କା ଲେଖାଏଁ ଜରିମାନା ଦେବାକୁ କୋର୍ଟ କହିଛନ୍ତି । ଜରିମାନା ଅନାଦେୟ ହେଲେ ଅଧିକ ଜେଲ୍‌ଦଣ୍ଡ ଭୋଗିବାକୁ ହେବ ବୋଲି ଏସ୍‌ଡିଜେଏମ୍ ରାୟରେ କହିଛନ୍ତି । ଏସ୍‌ଡିଜେଏମ୍ ଦେଶ ବାହାରକୁ ଯାଇପାରି ନଥିବାରୁ ଏମାନଙ୍କ ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ ହୋଇପାରି ନଥିଲା ।

## ତ୍ରୈଲୋକ୍ୟନାଥ ଖୁଣ୍ଟିଆ ଓ କଲ୍ୟାଣ କୁମାର ରଥ ଓୟୁଏସ୍‌ଏସ୍‌ସି ସଦସ୍ୟ

ଓଡିଶା ଭୁବନେଶ୍ୱର, (ସବ୍ୟୁ) : ଓଡିଶା ୟୁନିଫର୍ମଡ ସର୍ଭିସେସ୍ ଷ୍ଟାଫ୍ ସିଲେକ୍ସନ କମିଶନର (ଓୟୁଏସଏସସି) ସଦସ୍ୟ ଭାବେ ତ୍ରୈଲୋକ୍ୟନାଥ ଖୁଣ୍ଟିଆ ଓ କଲ୍ୟାଣ କୁମାର ରଥଙ୍କୁ ନିଯୁକ୍ତି ଦିଆଯାଇଛି ।। ଶ୍ରୀ ଖୁଣ୍ଟିଆ ହେଉଛନ୍ତି ସିଆରପିଏଫର ପୂର୍ବତନ ଆଇ.ଜି ଏବଂ ଶ୍ରୀ ରଥ ବର୍ତ୍ତମାନ ମୁଖ୍ୟ ଶାସନ ସଚିବଙ୍କ ଓଏସଡି ଭାବେ କାର୍ଯ୍ୟରତ ଅଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ନିଯୁକ୍ତିକୁ ଅନୁମୋଦନ ଦେଇଛନ୍ତି । 'ଓଡିଶା ୟୁନିଫର୍ମ ସେବା କର୍ମଚାରୀ ଚୟନ ଆୟୋଗଦ ଜରିଆରେ ଗୃହ ବିଭାଗ, ଅବକାରୀ ବିଭାଗ, ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ ବାଣିଜ୍ୟ ଓ ପରିବହନ ବିଭାଗ ଅଧୀନରେ ଥିବା ବିଭିନ୍ନ ୟୁନିଫର୍ମଡ ସେବା ପାଇଁ ନିଯୁକ୍ତି ପ୍ରକ୍ରିୟା ପରିଚାଳନା କରାଯିବ ।

## ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ନେଇ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ

ପୁରୀ, (ସବ୍ୟୁ) : ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ନେଇ ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ବୁଧବାର ଅନୁଷ୍ଠିତ ହୋଇଛି । ସୁରକ୍ଷା ସବ କମିଟି ଅଧ୍ୟକ୍ଷ ଡ଼. ଗିରିଶ ମୁର୍ମୁ ଓ ପୁରୀ ଏସ୍‌ପି ପ୍ରତୀକ ସିଂ ଏବଂ ଶ୍ରୀମନ୍ଦିର ନୀତି ପ୍ରଶାସକଙ୍କ ସହ ଅନେକ ଅଧିକାରୀଙ୍କୁ ନେଇ ଏହି ବୈଠକ ହୋଇଥିଲା ।ବୈଠକରେ ଶ୍ରୀମନ୍ଦିର ଭିତରେ ଭକ୍ତଙ୍କ ସୁରକ୍ଷିତ ଦର୍ଶନ , ମୋବାଇଲ ଫୋନ୍ କଟକଣା, ଆଣ୍ଟି ଡ୍ରୋନ ଟେକ୍ନୋଲୋଜି ନେଇ ଆଲୋଚନା ହୋଇଥିଲା । ବୈଠକ ପୂର୍ବରୁ ସୁରକ୍ଷା ସବକମିଟି ଅଧ୍ୟକ୍ଷ ଡ଼. ଗିରିଶ ମୁର୍ମୁ ଓ ଅନ୍ୟାନ୍ୟ ଅଧିକାରୀ ଶ୍ରୀମନ୍ଦିର ଓ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପରିଦର୍ଶନ କରି ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଥିଲେ । ସେହିପରି ଶ୍ରୀମନ୍ଦିର ଚାରିଦ୍ୱାରରେ ମେଟାଲ ଡିଟେକ୍ଟର ଦ୍ୱାରା ଯାଞ୍ଚ , ଫ୍ରିସ୍କିଙ୍ଗ ବ୍ୟବସ୍ଥାକୁ ଆହୁରି ଦୃଢୀଭୂତ କରିବା ,ଚାରି ଦ୍ୱାରରେ ଖୁବ୍ ଶୀଘ୍ର ଲଗେଜ୍ ଓ ବ୍ୟାଗେଜ ସ୍କାନର ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଛି ।ଶ୍ରୀମନ୍ଦିର ସୁରକ୍ଷା ନେଇ ଏନଆଇଏ ଦେଇଥିବା ପରାମର୍ଶକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି ।ଏଥିସହ ଭିତ୍ତିଭୂମି ଓ ଆଧୁନିକ ଜ୍ଞାନ କୌଶଳ ପ୍ରୟୋଗକୁ ମଧ୍ୟ ଗୁରୁତ୍ୱ ଦିଆଯାଉଥିବା କହିଛନ୍ତି ଏସ୍‌ପି ।

## ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ଜାମିନ୍ ମାମଲା

### ଯୁକ୍ତି ଶେଷ, ରାୟ ସଂରକ୍ଷିତ

କଟକ, (ସବ୍ୟୁ): ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ଘଟଣାରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ଜାମିନ୍ ମାମଲାରେ ବୁଧବାର ସମସ୍ତ ପକ୍ଷରୁ ହାଇକୋର୍ଟରେ ଯୁକ୍ତି ଉପସ୍ଥାପନ ଶେଷ ହୋଇଛି । ଏହି ଯୁକ୍ତି ଉପସ୍ଥାପନ ଶେଷ ପରେ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ରାୟ ସଂରକ୍ଷିତ ରଖିଛନ୍ତି । ୨୦୨୫ ଅକ୍ଟୋବର ୬ତାରିଖରେ ଆଇନଜୀବୀ ପୀତବାସ ପଣ୍ଡା ରାତିରେ ଘରକୁ ଫେରୁଥିବାବେଳେ ତାଙ୍କ ଉପରକୁ କେହି ଦୁର୍ବୃର୍ତ୍ତ ଗୁଳି ଚଳାଇ ଫେରାର ହୋଇଯାଇଥିଲେ । ଏହି ଘଟଣାରେ ପୁଲିସ୍ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ସମେତ ଅନ୍ୟ କିଛି ସହଯୋଗୀଙ୍କୁ ଗିରଫ କରିଥିଲା । ଡିସେମ୍ବର ୧୬ରେ ବିକ୍ରମ ପଣ୍ଡାଙ୍କ ଜାମିନ୍ ଆବେଦନକୁ ବ୍ରହ୍ମପୁର ତୃତୀୟ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଖାରଜ କରିବା ପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ବିକ୍ରମ ପଣ୍ଡାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଶୋକ ପରିଜା, ମିଲନ କାନୁନ୍‌ଗୋ, ମୃତକ ପୀତବାସ ପଣ୍ଡାଙ୍କ ପରିବାର ପକ୍ଷରୁ ଏହି ମାମଲାକୁ ବିଜୟ କୁମାର ରଗଡ଼ ପ୍ରମୁଖ ପରିଚାଳନା କରୁଛନ୍ତି ।






ନାରୀ ଶକ୍ତି ବନ୍ଦନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

## ବିଜେଇଏମ୍ ସ୍କୁଲ୨ ର ସିବିଏସ୍ଇ ଦଶମ ପରୀକ୍ଷାରେ ଶତପ୍ରତିଶତ ସଫଳତା

ଭୁବନେଶ୍ୱର, (ସବ୍ୟୁ) : ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟ -୨ ସତ୍ୟଭାମାପୁର ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ଅଲ ଇଣ୍ଡିଆ ସିନିୟର ସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ଛାତ୍ର ଛାତ୍ରୀ ମାନଙ୍କ କୃତିତ୍ୱ ବିଦ୍ୟାଳୟ ପାଇଁ ଅଶେଷ ଆନନ୍ଦ ଆଣିଦେଇ ଅଛି ।ବିଦ୍ୟାଳୟର ଦଶମଶ୍ରେଣୀର ଛାତ୍ରୀ ଶ୍ରୀୟଙ୍କା ପ୍ରଧାନ ୯୯% ରଖିଥିବାବେଳେ ବର୍ଷାନି ଚୌଧୁରୀ ,ଆୟୁଷି ମହାନ୍ତି ଏବଂ ସ୍ୱାଗତିକା ପାଣି ୯୮.୮% ନମ୍ବର ରଖି ମିଳିତ ଭାବରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାବେଳେ ସୁଭସ୍ମିତା ସାହୁ,ଇପ୍ସିତ ସାହୁ ,ସତ୍ୟବ୍ରତ ମହାପାତ୍ରଏବଂ ଅମୃତନନ୍ଦ ଶତପଥୀ ୯୮.୬% ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି ।୨୦୨ଜଣ ଛାତ୍ରଙ୍କ ମଧ୍ୟରୁ ମୋଟ ୭୩ ଜଣ ଛାତ୍ର ୯୦% ରୁ ଅଧିକ ନମ୍ବର ରଖି ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି । ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ପରିଚାଳନା ସଦସ୍ୟ, ବିଦ୍ୟାଳୟର ଅଧକ୍ଷ ଏବଂ କର୍ମଚାରୀମାନେ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଚମତ୍କାର ସଫଳତା ଏବଂ ଭବିଷ୍ୟତ ପାଇଁ ଆଶୀର୍ବାଦ ଏବଂ ଶୁଭକାମନା ଜଣାଇଛନ୍ତି ।

## ଚନ୍ଦନ ଯାତ୍ରା ପାଇଁ ଜିଲ୍ଲାପାଳଙ୍କ କ୍ଷେତ୍ର ପରିଦର୍ଶନ

ପୁରୀ, (ସବ୍ୟୁ) : ମହାପ୍ରଭୁଙ୍କ ଚଳିତ ବର୍ଷର ଚନ୍ଦନ ଯାତ୍ରାକୁ ପରମ୍ପରା ଅନୁଯାୟୀ ଓ ଶୃଙ୍ଖଳିତ ଭାବେ ସମ୍ପର୍ଣ୍ଣ ପାଇଁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ପରାମର୍ଶ ଦେଇଛନ୍ତି ।ବୁଧବାର ଅପରାହ୍ନରେ ଜିଲ୍ଲାପାଳ ନରେନ୍ଦ୍ର ପୁଷ୍କରିଣୀର ଚନ୍ଦନ ଚକଡା ଓ ମହାପ୍ରଭୁଙ୍କ ଚାପ ସ୍ଥଳକୁ ଜିଲ୍ଲାପାଳ ପରିଦର୍ଶନ କରିଥିଲେ ।ଚନ୍ଦନ ଯାତ୍ରା ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷା, ଟ୍ରାଫିକ ନିୟନ୍ତ୍ରଣ, ଗାଡି ଚଳାଚଳ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା,ଭିଡ



ନିୟନ୍ତ୍ରଣ, ଆଲୋକ ବ୍ୟବସ୍ଥା, ସ୍ୱଚ୍ଛତା ଓ ପରିଷ୍କାର ପରିଛନ୍ନତା, ସୂଚନା କେନ୍ଦ୍ର ବ୍ୟବସ୍ଥା, ପାନୀୟ ଜଳ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ବ୍ୟବସ୍ଥା,ସ୍ୱାସ୍ଥ୍ୟ ବ୍ୟବସ୍ଥା ଇତ୍ୟାଦି ର ସୁବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ଏହି କ୍ଷେତ୍ର ପରିଦର୍ଶନ ରେ ଜିଲ୍ଲା ପରିଷଦର ଉନ୍ନୟନ ଅଧିକାରୀ ତଥା ମୁନିସିପାଲ କର୍ପୋରେସନ ର କମିଶନର ଅରୁଗୁଳା ସ୍ନେହା,ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ,ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସିଟି ଡିଏସପି ରଶ୍ମିରଞ୍ଜନ ମହାପାତ୍ର ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ ।

## ୭୧ଲକ୍ଷରୁ ଉର୍ଦ୍ଧ୍ୱ ଇନ୍‌ଭେଷ୍ଟମେଣ୍ଟ ସ୍କାମ୍

### ଆନ୍ତଃରାଜ୍ୟ ସାଇବର ଠକ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ୭୧ଲକ୍ଷରୁ ଉର୍ଦ୍ଧ୍ୱ ଇନ୍‌ଭେଷ୍ଟମେଣ୍ଟ ସ୍କାମ୍‌ରେ ଭୁବନେଶ୍ୱର ସାଇବର ଥାନା ପୋଲିସ ଉତ୍ତରପ୍ରଦେଶର ସାଇବର ଠକ ହର୍ଷିତକାନ୍ତ ପାଣ୍ଡେ (୨୬)କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି ।

ସୁଜାତା ସାହୁ ନାମକ ଜଣେ ମହିଳା ନନ୍ଦନକାନନ ଡ୍ରିମ୍‌ଭିଲା ଆପାର୍ଟମେଣ୍ଟରେ ରୁହନ୍ତି । ସେ ୨୦୨୪ ମସିହା ଡିସେମ୍ବର ୪ ତାରିଖରେ ଏତଲା କରିଥିଲେ । ତାଙ୍କ ଭଉଣୀ ଦୀପିକା ସାହୁଙ୍କୁ ସୋସିଆଲ ମିଡିଆରେ କେହି ଜଣେ ପ୍ରଭାବିତ କରି ଟଙ୍କା ଇନ୍‌ଭେଷ୍ଟମେଣ୍ଟ କଲେ ଅଧିକ ଲାଭ ମିଳିବ ବୋଲି କହିଥିଲା । ସେହି ଠକର ପ୍ରତିଶ୍ରୁତି ଅନୁଯାୟୀ ଦୀପିକା ୭୧ଲକ୍ଷ, ୭୪ ହଜାର ୬୬୪ ଟଙ୍କା ନିର୍ଦ୍ଧାରିତ ଆକାଉଣ୍ଟରେ ପଠାଇଥିଲେ । ଟଙ୍କା ପଠାଇବା ପରେ ଅଧିକ ଲାଭ ମିଳିବା ଦୂରର କଥା ଗିରଫ ହର୍ଷିତକାନ୍ତ ଦୀପିକାଙ୍କୁ ଅଧିକରୁ ଅଧିକ ଇନ୍‌ଭେଷ୍ଟ କରିବାକୁ କହିଥିଲା । କିଛିଦିନ ବିତିଯିବା ପରେ ଦୀପିକା ଅଧିକ ଲାଭ ଟଙ୍କା ସମ୍ପର୍କରେ କହିବା ସହ ମୂଳ ଟଙ୍କା ଫେରାଇବାକୁ ଦାବି କରିଥିଲା । ଏହାପରେ ଗିରଫ ହର୍ଷିତକାନ୍ତ ଦୀପିକାଙ୍କ ସହ ଯୋଗାଯୋଗରେ ରହିନଥିଲା । ଏକଥା ଦୀପିକା ତାଙ୍କ ଭଉଣୀ ସୁଜାତାଙ୍କୁ କହିବା ପରେ ଦୁହେଁ ଟେଲିଫୋନ୍‌ରେ ଯୋଗାଯୋଗ କରିବାକୁ ଚେଷ୍ଟା କରି ବିଫଳ ହେଲେ । ଠକେଇର ଶିକାର ହୋଇଥିବା ଜାଣିବା ପରେ ସାଇବର ଥାନାରେ ଦୀପିକାଙ୍କ ଭଉଣୀ ସୁଜାତା ସାଇବର ଥାନାରେ ଏତଲା କରିଥିଲେ । ଏତଲା ଅନୁଯାୟୀ ପୋଲିସ ତଦନ୍ତ କରି ବର୍ଷକ ପରେ ଉତ୍ତରପ୍ରଦେଶ କାନପୁରରୁ ଆନ୍ତରାଜ୍ୟ ସାଇବର ଠକ ହର୍ଷିତକାନ୍ତ ପାଣ୍ଡେଙ୍କୁ ଗିରଫ କରିବାରେ ସମର୍ଥ ହେଲା । ବୁଧବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାର ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

### ସିବିଏସ୍ଇ ଦଶମ ଶ୍ରେଣୀ ପରୀକ୍ଷାରେ

## ଡିଏଭି ୟୁନିଟ୍-୮ ଛାତ୍ରଛାତ୍ରୀଙ୍କର ଉଲ୍ଲେଖନୀୟ ସଫଳତା

ଭୁବନେଶ୍ୱର, (ସବ୍ୟୁ) : ୟୁନିଟ୍-୮ ଡିଏଭି ପବ୍ଲିକ୍ ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ଚଳିତ ସିବିଏସ୍ଇ ଦଶମ ଶ୍ରେଣୀ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରି ବିଦ୍ୟାଳୟ ପାଇଁ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଦଶମ ଶ୍ରେଣୀରେ ସମସ୍ତ ୨୬୫ଜଣ ଛାତ୍ରଛାତ୍ରୀ ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୨୬୧ଜଣ ପ୍ରଥମ ଶ୍ରେଣୀ ଓ ବିଦ୍ୟାଳୟର ସାମୂହିକ ଆଭରେଜ୍ ୮୮.୧୯ ପ୍ରତିଶତ ରହିଛି। ୧୪୪ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ଓ ୨୧୪ଜଣ ୮୦ ପ୍ରତିଶତରୁ ଅଧିକ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ସର୍ବୋଚ୍ଚ ୯୯.୪ (୪୯୭/୫୦୦) ପ୍ରତିଶତ ନମ୍ବର ରଖି ଅରୂପ କୁମାର ନାୟକ ଓ ଆସ୍ମାନ୍ ବେହେରା ଯୁଗ୍ମ ପ୍ରଥମ ସ୍ଥାନ ଲାଭ କରି ବିଦ୍ୟାଳୟ ପାଇଁ ଗୌରବ ଆଣି ଦେଇଛନ୍ତି। ଆଦ୍ୟାନ୍ତ



ପଟ୍ଟନାୟକ, ଅନନ୍ୟା ମେହେର, ଜିଗିସା ଦାସମହାପାତ୍ର, କିଷାନ କୁମାର ପଟ୍ଟନାୟକ ଓ ଶ୍ରଦ୍ଧା ମହାପାତ୍ର ୯୯.୦ ପ୍ରତିଶତ ସହିତ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ରୋହନ ରାଉତ, ଆଦିତ୍ୟ କୁମାର ଦାସ, ଆୟୁଷ୍ମାନ ସ୍ୱାଇଁ, ଦୀପଶୀଖା ନନ୍ଦ, ନିତୁ ହରିଚନ୍ଦନ, ସାନ୍‌ଭି ସିଂ ଓ ସୁଦୀକ୍ଷା କର ୯୮.୮ ପ୍ରତିଶତ ସହିତ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସଂସ୍କୃତରେ ୨୫ଜଣ, ଗଣିତରେ ୧୭ଜଣ, ସାମାଜିକ ବିଜ୍ଞାନରେ ୧୩ଜଣ, ଓଡ଼ିଆରେ ୮ଜଣ, ବିଜ୍ଞାନରେ ୫ଜଣ, ଆଇ.ଟିରେ ୩ଜଣ, ଇଂରାଜୀରେ ୨ଜଣ ଏବଂ ହିନ୍ଦୀରେ ୧ଜଣ ଛାତ୍ରଛାତ୍ରୀ ପୂର୍ଣ୍ଣ ୧୦୦ ନମ୍ବର ରଖିଛନ୍ତି। ବିଦ୍ୟାର୍ଥୀମାନଙ୍କର ଏହି ସଫଳତାରେ ବିଦ୍ୟାଳୟ ପରି·ଳନା ସମିତିର ସଭାପତି ସନ୍ତୋଷ ଉପାଧ୍ୟାୟ, ଆଞ୍ଚଳିକ ନିର୍ଦ୍ଦେଶକ ତଥା ମ୍ୟାନେଜର ଡ଼ଃ କେ. ସି. ଶତପଥି ଓ ଅଧକ୍ଷା ଇପ୍‌ସିତା ଦାସ କୃତି ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ଅଭିଭାବକ ଏବଂ ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ସେମାନଙ୍କର ସହଯୋଗ ଏବଂ ସଦିଚ୍ଛା ପାଇଁ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ଅନୁସୂଚିତ ଜାତି ଓ ଜନଜାତିର ମହିଳା ଓ ପୁରୁଷଙ୍କୁ

## ସ୍ୱାବଲମ୍ବୀ କରିବ ନେସନାଲ ଏସ୍‌ସି. ଏସ୍.ଟି ୱେଲଫେୟାର ଅର୍ଗାନାଇଜେସନ

ଭୁବନେଶ୍ୱର, (ସବ୍ୟୁ) : ଭୁବନେଶ୍ୱରରେ ନେସନାଲ ଏସ୍‌ସି.ଏସ୍.ଟି ୱେଲଫେୟାର ଅର୍ଗାନାଇଜେସନ ପକ୍ଷରୁ ଏକ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯାହାର ମୂଳଲକ୍ଷ ହେଲା ଅନୁସୂଚିତ ଜାତି ଓ ଜନଜାତିର ମହିଳା ଓ ପୁରୁଷ ଲୋକଙ୍କୁ ସ୍ୱାବଲମ୍ବି କରେଇ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା। ବିଶେଷ କରି ଅନୁସୂଚିତ ଜାତି ଓ ଜନଜାତିର ମହିଳା ମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ସ୍ୱୟଂସିଦ୍ଧା କରିବା ସହ ଉଦ୍ୟୋଗୀ କରିବା। ନାର୍ବାଡ ସଂସ୍ଥା ତଥା ବିଭିନ୍ନ ବ୍ୟାଙ୍କ ଗୁଡିକରୁ କମ ସୁଧରେ ଋଣନେଇ କିଭଳି ଭାବରେ ଏହି ଉଦ୍ୟୋଗୀମାନେ ଲାଭବାନ ହୋଇପାରିବେ ସେ ବିଷୟରେ




କାର୍ଯ୍ୟକ୍ରମରେ ଆଲୋଚନା ହୋଇଥିବା।

ଏହି କାର୍ଯ୍ୟକ୍ରମରେ ଶତାଧିକ ଅନୁସୂଚିତ ଜାତି ଓ ଜନଜାତିର ମହିଳା ଉଦ୍ୟୋଗୀ ଭାଗନେବା ସହ ବିଭିନ୍ନ ବ୍ୟାଙ୍କର ଅଧିକାରୀ ମାନେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମ ଟି ସଂଜ୍ଞୟ କୁମାର ପାତ୍ର ଙ୍କ ସଭାପତିତ୍ୱରେ ରେ ଆରମ୍ଭ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ଜଷ୍ଟିସ ବି.ଆ.ଷଡଙ୍ଗୀ ।ସମ୍ମାନୀତ ଅତିଥି ଭାବରେ ପୂର୍ବତନ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ ଓ ଷ୍ଟେଟ ବ୍ୟାଙ୍କ ଅଫ୍ ହାଇଦ୍ରାବାଦର ପୂର୍ବତନ ନିର୍ଦ୍ଦେଶକ ବି. ନରସିଂମା ଯୋଗ ଦେଇଥିଲେ । ବିଶିଷ୍ଟ ଅତିଥି ଭାବେ ଅଭିନେତା ସୋହମ ସିଂ ଓ ଅଭିନେତ୍ରୀ ତଥା ଡାକ୍ତର ସ୍ମିତ ପ୍ରଜ୍ଞା ମଧ୍ୟ ଯୋଗ ଦେଇଥିଲେ । ଏହା ଓଡିଶାରେ ପ୍ରଥମ ଥର ପାଇଁ ଆରମ୍ଭ ହୋଇଥିବା ବେଳେ ଆଗାମୀ ଦିନ ମାନଙ୍କରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ପ୍ରଗତୀ ପାଇଁ ଓଡିଶା ର ପ୍ରତ୍ୟେକ କୋଣ ଅନୁକୋଣରେ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠିତ ହେବ ଓ ସିଧାସଳଖ ଏହାର ଲାଭ ଅନୁସୂଚିତ ଜାତି ଓ ଜନଜାତି ଶ୍ରେଣୀର ଉଦ୍ଯୋଗୀ ମାନେ ଉଠାଇପାରିବେ ଓ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇ ପାରିବେ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି ।

### ନୂଆବଜାର ସେଣ୍ଟ ଜାଭିୟର୍ସ ସିନିୟର ସେକେଣ୍ଡାରୀ ସ୍କୁଲର ଶତ ପ୍ରତିଶତ ରେଜଲ୍ଟ

## ପାର୍ଥ ପ୍ରିତମ ପତି ୯୯.୬% ରଖି କଟକ ଟପ୍ପର



କଟକ,(ସବ୍ୟୁ):ସବୁବର୍ଷ ଭଳି ଚଳିତ ବର୍ଷ ମଧ୍ୟ ନୁଆବଜାର ସେଣ୍ଟ ଜାଭିୟର୍ସ ସିନିୟର ସେକେଣ୍ଡାରୀ ସ୍କୁଲର ଶତ ପ୍ରତିଶତ ରେଜଲ୍ଟ କରିଛି ।ଚଳିତ ବର୍ଷର ସିବିଏସଇ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଉକ୍ତ ସ୍କୁଲର ସର୍ବମୋଟ ୨୦୫ ଜଣ ପରୀକ୍ଷା ଦେଇଥିଲେ । ଏଥିରେ ପାସ୍ ହାର ଶତ ପ୍ରତିଶତ ହୋଇଥିବା ସ୍ଥଳେ ୯୫% ରୁ ଉର୍ଦ୍ଧ୍ୱ ମାର୍କରଖି ୨୪ ଜଣ , ୯୦% ରୁ ଉର୍ଦ୍ଧ୍ୱ ନମ୍ବର୍ ରଖି ୫୩ ଜଣ, ୮୦% ରୁ ଉର୍ଦ୍ଧ୍ୱ ନମ୍ବର ରଖି ୭୮ ଜଣ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି । ସ୍କୁଲର ପାର୍ଥ ପ୍ରିତମ ପତି ସର୍ବୋଚ୍ଚ ୯୯.୬% ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ।ସେହିପରି ଆଦ୍ୟାଶା ବିଶ୍ୱାଳ ଓ କୀର୍ତିରାଜ ପ୍ରଧାନ ୯୭.୮% ରଖି ଯୁଗ୍ମ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ସୋନାକ୍ସି ଲେଙ୍କା ୯୭.୬ % ରଖି ତୃତୀୟ ସ୍ଥାନ ଅଧିକାର କରି ବିଦ୍ୟାଳୟର ନାମକୁ ସଫଳତାର ଶୀର୍ଷକୁ ଉପନୀତ କରିଛନ୍ତି । ସେଣ୍ଟ ଜାଭିୟର୍ସ ଗ୍ରୁପ ର ନିର୍ଦ୍ଦେଶକ ଡକ୍ଟର ପ୍ରଭୁ ଚରଣ ମହାନ୍ତି, ସ୍କୁଲର ଅଧକ୍ଷ ପ୍ରଦୀପ ତ୍ରିପାଠୀ, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମକର୍ତ୍ତା ଗଣ ଉକ୍ତ ପରୀକ୍ଷା ଫଳ ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ଶୁଭେଚ୍ଛା ଦେବା ସହ ଅଭିଭାବକ ମାନଙ୍କୁ ସେମାନଙ୍କ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଛନ୍ତି । ବିଶେଷ କରି ବିଦ୍ୟାଳୟରେ ଶୈକ୍ଷିକ ପରିବେଶ ସେମାନଙ୍କୁ ଏହି ସଫଳତା ହାସଲ ପାଇଁ ସୁଯୋଗ ଦେଇଥିଲା ବୋଲି ଉତ୍ତୀର୍ଣ୍ଣ ବିଦ୍ୟାର୍ଥୀମାନେ କହିଛନ୍ତି ।

## ଇଣ୍ଡୋ-ନରୱେ ଟିମର କ୍ଷେତ୍ର ପରିଦର୍ଶନ

ପୁରୀ, (ସବ୍ୟୁ) : ଇଣ୍ଡୋ-ନରୱେ ଟିମ ର ପ୍ରତିନିଧି ମାନେ ବୁଧବାର ପୁରୀ ଜିଲ୍ଲା ଗସ୍ତ କରିବା ସହ ବିଭିନ୍ନ ପ୍ରକଳ୍ପକୁ ପରିଦର୍ଶନ କରିଛନ୍ତି ।ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଜ୍ଞାନ ଓ ବୈଷୟିକ ଜ୍ଞାନ ଚିତ୍ରା ଅରୁମୁଗମଙ୍କ ନେତୃତ୍ୱରେ ଆସିଥିବା ଏହି ଟିମକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ତଥା ନୋଡାଲ ଅଫିସର ଶରତ ଚନ୍ଦ୍ର ବେହେରା ସମସ୍ତଙ୍କୁ ସ୍ୱାଗତ କରିଥିଲେ ।ଇଣ୍ଡୋ-ନରୱେ ସହଯୋଗିତା ରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପକୁ ଟିମର ପ୍ରତିନିଧି ମାନେ ଅନୁଧ୍ୟାନ କରିବା ସହ ଦାୟିତ୍ୱ ରେ ଥିବା ଅଧିକାରୀ



କର୍ମଚାରୀ ମାନଙ୍କ ସହ ବାର୍ତ୍ତାଳାପ କରିଥିଲେ ।ପ୍ରଥମେ ନୂଆନଈ ବାଲୁଖଣ୍ଡ ଠାରେ ସି- ମାଉଥ ସ୍ଥାନରେ ପହଞ୍ଚି ମୃତ୍ତିକା କ୍ଷୟ ରୋକିବା ଓ ଜଳର ତାପମାତ୍ରା ନିୟନ୍ତ୍ରଣ କରିବା ପ୍ରକଳ୍ପ ଯାହାକି ଏକ କେଶ ଷ୍ଟଡି କୁ ନିରୀକ୍ଷଣ କରିବା ପରେ ଇକୋ ରିଟ୍ରିଟ ପରିଦର୍ଶନ କରିଥିଲେ ।ପରେ ଚନ୍ଦ୍ରଭାଗା ଏଫଏଲସି ବା ମତ୍ସ୍ୟ ଅବତରଣ କେନ୍ଦ୍ର କୁ ଅନୁଧ୍ୟାନ କରିବା ସହ ଚିଙ୍ଗୁଡ଼ି ଜାଆଁଳ ହାଚେରୀ ସମ୍ପର୍କରେ ପଚାରି ବୁଝିଥିଲେ ।ପରେ ପରେ କୋଣାର୍କ ମନ୍ଦିର ପରିଦର୍ଶନ କରିଥିଲେ ।ଏହି ଗସ୍ତ ସମୟରେ ନରୱେ ପ୍ରତିନିଧି ମଣ୍ଡଳ,ବିଜ୍ଞାନ ଓ ବୈଷୟିକ ଅତିରିକ୍ତ ସଚିବ ପୂଜା ମିଶ୍ର,ଉପ ନିର୍ଦ୍ଦେଶକ ଡଃ ଏଚ କେ ଦାସ, ଏସିଏଫ ଅଶୋକ କୁମାର ବେହେରା, ଜଳସେଚନ ଅଧିକ୍ଷଣ ଯନ୍ତ୍ରୀ ଅମୀୟ ସେଠ୍ , ସହକାରୀ ନିର୍ଦ୍ଦେଶକ ପର୍ଯ୍ୟଟନ ସରୋଜ କାନ୍ତ ପ୍ରଧାନ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଅଜୟ କୁମାର ବସ୍ତିଆ, ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ଡିଜେକୁ ନେଇ ମାରପିଟ: ୧୫ ରୁ ଉର୍ଦ୍ଧ୍ୱ ଆହତ

ଆନନ୍ଦପୁର,(ସବ୍ୟୁ): କନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଘସିପୁରା ଥାନା ଅନ୍ତର୍ଗତ କେଶଦୁରାପାଳ ଗାଁରେ ଗୋଷ୍ଠୀ ସଂଘର୍ଷ ଦେଖିବାକୁ ମିଳିଛି । ମଙ୍ଗଳବାର ରାତିରେ କଣ୍ଟାଫୋଡା ଯାତ୍ରାର ପ୍ରସେଶନକୁ ନେଇ ଗାଁର ଉପର ସାହି ଓ ତଳ ସାହି ମଧ୍ୟରେ ଯୁକ୍ତି ତର୍କ ହୋଇଥିଲା । ତେବେ ବୁଧବାର ତାହା ଉଗ୍ର ରୂପ ଧାରଣ କରିଛି । ଉଭୟ ସାହିର ଲୋକେ ଠେଙ୍ଗା, ପଥରରେ ଆକ୍ରମଣ କରିବାରୁ ଉଭୟ ପକ୍ଷରୁ ୧୫ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି । ଅନେକ ସମୟ ଧରି କେଶଦୁରାପାଳ ବଜାରରେ ଅଶାନ୍ତ ପରିବେଶ ରହିଥିଲା । ଭୟରେ ଲୋକେ ଦୋକାନ ବନ୍ଦ କରି ଘରେ ରହିଥିଲେ । ଅନେକ ସମୟ ପରେ ଘସିପୁରା ପୋଲିସ ପହଞ୍ଚି ଆହତଙ୍କୁ ଉଦ୍ଧାର କରିଛି । ପୋଲିସ ଉପସ୍ଥିତି ପରେ ପରିସ୍ଥିତି ଶାନ୍ତ ପଡିଥିବା ଜଣାପଡିଛି ।

## ସମସ୍ତ ପୌରସଂସ୍ଥାରେ 'ଓସ୍ୱାସ କାର୍ଯ୍ୟକ୍ଷମ ଡିଜିଟାଲ ପ୍ରଶାସନରେ ନୂଆ ମାଇଲଖୁଣ୍ଟ

ଭୁବନେଶ୍ୱର, (ସବ୍ୟୁ) : ଡିଜିଟାଲ ରୂପାନ୍ତରଣ ମାଧ୍ୟମରେ ସହରାଞ୍ଚଳ ପ୍ରଶାସନକୁ ସୁଦୃଢ଼ କରିବା ଦିଗରେ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଏକ ଐତିହାସିକ ସଫଳତା ଅର୍ଜନ କରିଛି। ରାଜ୍ୟର ସମସ୍ତ ୧୧୫ଟି ପୌରସଂସ୍ଥାରେ 'ଓଡ଼ିଶା ସେକ୍ରେଟେରିଏଟ୍ ୱାର୍କଫ୍ଲୋ ଅଟୋମେସନ୍ ସିଷ୍ଟମ୍ସ (ଓସୱାସ) ସଫଳତାର ସହ କାର୍ଯ୍ୟକ୍ଷମ କରାଯାଇଛି। ଏହି ପଦକ୍ଷେପ ପାରମ୍ପରିକ କାଗଜପତ୍ର ଭିତ୍ତିକ ପ୍ରଣାଳୀକୁ ପରିବର୍ତ୍ତନ କରି ଏକ ସମନ୍ୱିତ, ଦକ୍ଷ ଓ ସ୍ୱଚ୍ଛ ଡିଜିଟାଲ କାର୍ଯ୍ୟଧାରା ସ୍ଥାପନ କରିଛି। ରାଜ୍ୟର ୫ଟି ମହାନଗର ନିଗମ, ୪୮ଟି ପୌରପାଳିକା ଏବଂ ୬୨ଟି ବିଜ୍ଞପ୍ତିତ ଅଞ୍ଚଳ ପରିଷଦରେ ଓସୱାସ ପ୍ଲାଟଫର୍ମ ଲାଗୁ ହୋଇଛି। ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ୍ ସେଣ୍ଟର (ଓକାକ୍)ର ବୈଷୟିକ ସହଯୋଗ ଏବଂ ଟାଟା କନସଲଟାନ୍ସି ସର୍ଭିସେସ୍ (ଟିସିଏସ୍)ଙ୍କ ସମର୍ଥନରେ ବିକଶିତ ଏହି ପ୍ଲାଟଫର୍ମ ସରକାରୀ ଫାଇଲ ପରିଚାଳନାକୁ ସମ୍ପୂର୍ଣ୍ଣ ଡିଜିଟାଲ କରିଛି। ଏହା ମାଧ୍ୟମରେ ଫାଇଲ ଗତିବିଧିର ରିଅଲ-ଟାଇମ୍ ଟ୍ରାକିଂ, ଦ୍ରୁତ ନିଷ୍ପତ୍ତି ଏବଂ ସମୟବଦ୍ଧ ସେବା ପ୍ରଦାନ ସମ୍ଭବ ହୋଇପାରିଛି।ଏହି ସଂସ୍କାରର ଗୁରୁତ୍ୱ ଉଲ୍ଲେଖ କରି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ଼ଃ କୃଷ୍ଣ ଚନ୍ଦ୍ର ମହାପାତ୍ର କହିଛନ୍ତି, "ଓସୱାସ ଆମ ସହରାଞ୍ଚଳ ପ୍ରଶାସନକୁ ଆଧୁନିକ ଏବଂ ଦକ୍ଷ କରିବାରେ ଏକ ମୁଖ୍ୟ ପଦକ୍ଷେପ। ଏହା ଦ୍ୱାରା ସ୍ୱଚ୍ଛତା, କ୍ଷିପ୍ରତା ଓ ଉତ୍ତରଦାୟିତ୍ୱ ବଢ଼ିବା ସହ ନାଗରିକ ସେବାର ଗୁଣବତ୍ତା ଉନ୍ନତ ହେବ। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ କହିଛନ୍ତି, "ଓସୱାସ କେବଳ ଏକ ଆଇଟି ପ୍ଲାଟଫର୍ମ ନୁହେଁ, ଏହା ଏକ ବ୍ୟାପକ ପ୍ରଶାସନିକ ସଂସ୍କାର। ଏହା ରିଅଲ-ଟାଇମ୍ ମନିଟରିଂ ଓ ତଥ୍ୟଭିତ୍ତିକ ନିଷ୍ପତ୍ତିକୁ ସମ୍ଭବ କରି ସେବା ପ୍ରଦାନରେ ଗୁଣାତ୍ମକ ପରିବର୍ତ୍ତନ ଆଣିବ।

### ସାମ୍ବାଦିକଙ୍କ ଲଢେଇକୁ ଜୋରଦାର କରିବ ୟୁଜେଏ

## ଏପ୍ରିଲ ୨୯ ରେ ରାଜ୍ୟବ୍ୟାପୀ ବିକ୍ଷୋଭ, ମେ ୧ରେ କଳାବ୍ୟାଚ୍ ପରିଧାନ

ଭୁବନେଶ୍ୱର,(ସବ୍ୟୁ) ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକଙ୍କ ଅଧିକାର ଓ ନାର୍ଯ୍ୟ ଦାବି ହାସଲ ପାଇଁ ଆନ୍ଦୋଳନକୁ ଜୋରଦାର କରିବା ବୋଲି ଘୋଷଣା କରିଛି । ତାଳଚେର ଠାରେ ଅନୁଷ୍ଠିତ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ପରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ନିଷ୍ପତ୍ତି ନିଆଯାଇଛି । ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କର କହିଛନ୍ତି ଯେ, ଦେଶର ବିଭିନ୍ନ ରାଜ୍ୟରେ ସାମ୍ବାଦିକମାନଙ୍କୁ ଆର୍ଥିକ ଏବଂ ସାମାଜିକ ସୁରକ୍ଷା ଯୋଗାଇ ଦିଆଯାଇଥିବା ବେଳେ, ଓଡ଼ିଶା ସରକାର ଏ ଦିଗରେ ଅଣଦେଖା ନୀତି ଆପଣାଇବା ଦୁର୍ଭାଗ୍ୟଜନକ । ୧୮ରୁ ଅଧିକ ରାଜ୍ୟରେ ସାମ୍ବାଦିକମାନଙ୍କୁ ପେନସନ ମିଳୁଥିବା ଉଦାହରଣ ଦେଇ ସେ ସୁଚାଇଥିଲେ ଯେ, ମହାରାଷ୍ଟ୍ର ଏବଂ ଛତିଶଗଡ଼ ଭଳି ରାଜ୍ୟ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିଛନ୍ତି । ମାସିକ ପନ୍ଦର ହଜାର ଟଙ୍କା ପେନସନ, ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ରାଜ୍ୟ ଓ ଜିଲ୍ଲାସ୍ତରୀୟ ଅଧିସ୍ୱୀକୃତି କମିଟି ଗଠନ ପୂର୍ବକ ଯୋଗ୍ୟ ସାମ୍ବାଦିକଙ୍କୁ ଅଧିସ୍ୱୀକୃତି ପ୍ରଦାନ, ପ୍ରେସ୍ ଏକାଡ଼େମୀ ଗଠନ ଓ ରାଜଧାନୀରେ



ସ୍ୱଳ୍ପ ମୂଲ୍ୟରେ ରହଣି ବ୍ୟବସ୍ଥା ସହ ପ୍ରେସ୍ ଭବନ ନିର୍ମାଣ ଓ ପ୍ରଚଳିତ ସ୍ୱାସ୍ଥ୍ୟବୀମା ଯୋଜନାରେ ପିତାମାତା ଓ ପଚିଶ ବର୍ଷରୁ ଅଧିକ ଅବିବାହିତ ସନ୍ତାନ ସନ୍ତତି ମାନଙ୍କୁ ବୀମାଭୁକ୍ତ ଇତ୍ୟାଦି ଦାବି ନେଇ ୭ ଫେବୃଆରୀ ୨୦୨୪ରେ ଉତ୍କଳ ସାମ୍ବାଦିକ ସଂଘ ନେତୃତ୍ୱରେ ରାଜ୍ୟ ବିଧାନସଭା ସମ୍ମୁଖରେ ଏକ ବିଶାଳ ବିକ୍ଷୋଭ ପ୍ରଦର୍ଶନ ଆୟୋଜନ ହୋଇଥିଲା । ଯେଉଁଥିରେ ରାଜ୍ୟର ୩୦୦୦ରୁ ଉର୍ଦ୍ଧ୍ୱ କାର୍ଯ୍ୟରତ ସାମ୍ବାଦିକ ଯୋଗ ଦେଇଥିଲେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯିଏକି ତତ୍କାଳୀନ ଭାଜପା ବିଧାୟକ ଦଳ ମୁଖ୍ୟ ଛାଟିଆ ଥିଲେ ସହଯୋଗୀ ବିଧାୟକଙ୍କ ସହ ବିକ୍ଷୋଭ ସ୍ଥଳକୁ ଆସି ସାମ୍ବାଦିକଙ୍କ ଦାବି ସମୂହର ସମର୍ଥନରେ ବକ୍ତବ୍ୟ ରଖୁଥିଲେ ଏବଂ ସରକାରକୁ ଆସିଲେ ଦାବି ପୂରଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ସରକାରକୁ ଆସିବା ଦୁଇବର୍ଷ ପୁରିବାକୁ ଯାଉଥିବା ବେଳେ ଏଯାବତ୍ ସରକାର ସାମ୍ବାଦିକଙ୍କ ନ୍ୟାର୍ଯ୍ୟ ଦାବି ପୂରଣ ଦିଗରେ କୌଣସି ପଦକ୍ଷେପ ନେଇନାହାଁନ୍ତି । ଅଧିକନ୍ତୁ ବିଗତ ବିଧାନସଭାରେ ବିଧାୟକଙ୍କ ଦ୍ୱାରା ପଚରା ଯାଇଥିବା କିଛି ପ୍ରଶ୍ନରେ ସରକାର ଲିଖିତ ଉତ୍ତର ରଖିଛନ୍ତି କି ସାମ୍ବାଦିକଙ୍କ କୌଣସି କଥା ବିଚାରଧୀନ ନାହିଁ । ଯାହାକି ରାଜ୍ୟର ହଜାର ହଜାର କାର୍ଯ୍ୟରତ ସାମ୍ବାଦିକଙ୍କୁ ନିରାଶ କରିଛି । ସରକାରଙ୍କ ଏତାଦୃଶ ଅଣଦେଖା ନୀତି ବିରୋଧରେ ଉତ୍କଳ ସାମ୍ବାଦିକ ସଂଘ ୨୯ ତାରିଖରେ ସମସ୍ତ ଜିଲ୍ଲାରେ ଏକଘଣ୍ଟାର ପ୍ରତୀକାତ୍ମକ ପ୍ରତିବାଦ ପ୍ରଦର୍ଶନ କରିବାକୁ ନିଷ୍ପତି ନେଇଛି ଏବଂ ମଇ ୧ ତାରିଖ ଶ୍ରମିକ ଦିବସ ଅବସରରେ ସାମ୍ବାଦିକ ସେମାନଙ୍କ ଦାବି ପ୍ରତି ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ରାଜ୍ୟବ୍ୟାପୀ କଳା ବ୍ୟାଚ୍ ପରିଧାନ କରିବେ । ତଥାପି ଯଦି ସରକାର ଉପରୋକ୍ତ ଦାବି ଗୁଡ଼ିକ ପୂରଣ ଦିଗରେ ଯତ୍ନବାନ ନହୁଅନ୍ତି ତେବେ ପରବର୍ତ୍ତୀ ପର୍ଯ୍ୟାୟରେ ଆଗାମୀ ଶୀତକାଳୀନ ଅଧିବେଶନ ସମୟରେ ବିଧାନସଭା ସମ୍ମୁଖରେ ଏକ ବିଶାଳ ପ୍ରତିବାଦ ପ୍ରଦର୍ଶନରେ ଆୟୋଜନ କରାଯିବ ବୋଲି ଶ୍ରୀ କର ସୂଚନା ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, କାର୍ଯ୍ୟକାରୀ ସଭାପତି ହାରାଧନ ବାର୍ନାଜୀ ଓ ପୂର୍ବଚନ୍ଦ୍ର ନାୟକ,କୋଷାଧକ୍ଷ ରାଜେନ ଚୌଧୁରୀ, ଉପସଭାପତି ରଶ୍ମୀରଞ୍ଜନ ମିଶ୍ର ଓ ପ୍ରଦୀପ ତ୍ରିପାଠୀ,ଦେବୀ ମିଶ୍ର,ପ୍ରତାପ ବରାଳ,ଉପଦେଷ୍ଟା ପବୀତ୍ର ମହାରଥା, ବିଶ୍ୱଜିତ ପଟ୍ଟନାୟକ, ଜିଲ୍ଲା ସଭାପତି ଲୋକନାଥ ଦଳେଇ, ପୂର୍ବଚନ୍ଦ୍ର ସାହୁ, ଶ୍ରୀକାନ୍ତ ଖଟେଇ, ଦେବାଶିଷ ପୁରୋହିତ, ସତ୍ୟବ୍ରତ ଦାସ ଓ ହରିହର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

## ଦିଲ୍ଲୀରେ ଶ୍ରୀମଦ୍ ଭାଗବତ ପାରାୟଣ ଉଦ୍‌ଯାପିତ

ନୂଆଦିଲ୍ଲୀ, (ସବ୍ୟୁ) : ନୂଆଦିଲ୍ଲୀର ହାଉଜ୍‌ଖାସ୍ ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ନୀଳାଚଳ ସେବା ସଂଘ ଦ୍ୱାରା ଆୟୋଜିତ ଶ୍ରୀମଦ ଭାଗବତ ପାରାୟଣ ଏବଂ ପ୍ରବଚନ କାର୍ଯ୍ୟକ୍ରମ ମହାବିଷୁବ ସଂକ୍ରାନ୍ତି ଦିନ ଉଦ୍‌ଯାପିତ ହୋଇଯାଇଛି। ଗତ ୮ ତାରିଖରୁ ଆରମ୍ଭ ହୋଇ ୧୪ ତାରିଖରେ ଉଦ୍‌ଯାପିତ ହୋଇଥିବା ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ବିଶିଷ୍ଟ ଜଗନ୍ନାଥ ସଂସ୍କୃତିର ପ୍ରଚାରକ ବାଗ୍ମି ତଥା ଗୁରୁ ବୈକୁଣ୍ଠ ବ୍ରହ୍ମଚାରୀଙ୍କ ପଟ୍ଟ ଶିଷ୍ୟ ବାବା ସତ୍ୟାନନ୍ଦ ଦାସ ମହାରାଜଙ୍କ ସୁଲଳିତ କଣ୍ଠରେ ଭାଗବତର ପରମମକରନ୍ଦକୁ ଜଗନ୍ନାଥ ପ୍ରେମୀ ଓ ଓଡିଆ ପ୍ରାଣ ପ୍ରବାସୀମାନେ ପାନ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ। ପଞ୍ଚସଖା ମଧ୍ୟରୁ ଅନ୍ୟତମ ମହନ୍ତ ଅତିବଡୀ ଜଗନ୍ନାଥ ହେଉଛନ୍ତି ଉତ୍କଳର ବ୍ୟାସ। ତାଙ୍କ କୃତ ଶ୍ରୀମଦ୍ ଭାଗବତ ଓଡିଆ ଜାତିର ଜୀବନ ଚର୍ଯ୍ୟାର ଅଂଶ ବିଶେଷ ।ସପ୍ତାହ ବ୍ୟାପି ଚାଲିଥିବା ଏହି ଭଗବତ କଥାରେ ଭାଗବତର ମହାତ୍ମ୍ୟ, ଶୁକ ପରିକିତ ସମ୍ବାଦ, ଜଡ ଭରତ, ଅଜାମ୍ବିଳ, ଦେବହୂତି ଏବଂ ଧ୍ରୁବ ଚରିତ ସହିତ ଶ୍ରୀକୃଷ୍ଣଙ୍କ ପ୍ରକଟ ଆଦି ବିଷୟ ସ୍ଥାନ ପାଇଥିଲା ବେଳେ ଭାଗବତ କିପରି




ଓଡିଆମାନଙ୍କ ଜୀବନକୁ ପରିଚାଳିତ କରୁଛି ଏବଂ ଭାଗବତ ବିନା କିପରି ଆମ ସମାଜ ଧ୍ୱଂସମୁଖୀ ହେଉଛି ତାହା ବାବା ସତ୍ୟାନନ୍ଦ ମହାରାଜଙ୍କ ଦ୍ୱାରା ବିଭିନ୍ନ ପୁରାଣ ଓ ଓଡିଶାର ପ୍ରଥିତ ଯଶା ଦିବ୍ୟ ପୁରୁଷ କବି ମାନଙ୍କ କୃତିକୁ ଉଦାହରଣ ମାଧ୍ୟମରେ ବେଶ୍ ସରଳ ଭାବରେ ଉପସ୍ଥାପନ କରି ଶ୍ରଦ୍ଧାଳୁମାନଙ୍କୁ ମୁଗ୍ଧ କରିଥିଲେ। ଉଦଯାପନୀ ସନ୍ଧ୍ୟାରେ ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର, ଅର୍ଗସ ନ୍ୟୁଜର ସିଇଓ ପ୍ରକାଶ ସାହୁ, ନିଳାଚଳ ସେବା ସଂଘର ସମ୍ପାଦକ ରବି ପ୍ରଧାନ, ରବି ପାଣି, ବରିଷ୍ଠ ସାମ୍ବାଦିକ ସଞ୍ଜିବ ଆଚାର୍ଯ୍ୟ ଉପସ୍ଥିତ ରହି ମହାରାଜଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତିଙ୍କ ସମେତ କାର୍ଯ୍ୟକାରୀ ସମିତିର ସଦସ୍ୟମାନେ ତଥା ପଲ୍ଲୀବାଣୀର ସମ୍ପାଦକ ରାମଚନ୍ଦ୍ର ନାଥ, ଭଗବତ ପ୍ରାଣ, ନିର୍ମଳ ଧଳ ପ୍ରମୁଖ ଉପସ୍ଥିତ ଥିଲେ।

### ଅଗଣତାନ୍ତ୍ରିକ ଆଦର୍ଶ ଆଚରଣ ସଂହିତା ଛାତ୍ର-ଶିକ୍ଷକ ବିରୋଧୀ

# ବଢୁଛି ଅସନ୍ତୋଷ, ଛାତ୍ରଙ୍କ ପକ୍ଷରୁ ବିକ୍ଷୋଭ




ବ୍ରହ୍ମପୁର, (ସବ୍ୟୁ): ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଗତ ୧୦ ତାରିଖ ଦିନ ରାଜ୍ୟର ସମସ୍ତ କଲେ,ବିଶ୍ୱବିଦ୍ୟାଳୟମାନଙ୍କରେ ଚରମ ଛାତ୍ର-ଶିକ୍ଷକ ବିରୋଧୀ ଅଗଣତାନ୍ତ୍ରିକ ଆଦର୍ଶ ଆଚରଣ ସଂହିତା ଲାଗୁ କରାଯାଇଛି । ଏହି ସଂହିତା ଅନୁଯାୟୀ, କ୍ୟାମ୍ପସ ମଧ୍ୟରେ କୌଣସି ସଭା, ସମିତି, ସମାବେଶ, ଆନ୍ଦୋଳନ କିମ୍ବା ହରତାଳ କରିବାକୁ ହେଲେ କର୍ତ୍ତୃପକ୍ଷଙ୍କ ଠାରୁ ଅନୁମତି ଆଣିବାକୁ ହେବ । ଏହି ଆଚରଣ ସଂହିତାକୁ ତୁରନ୍ତ ପ୍ରତ୍ୟାହାର କରିବା, ଶିକ୍ଷାନୁଷ୍ଠାନ ମଧ୍ୟରେ ଗଣତାନ୍ତ୍ରିକ ଓ ଶୈକ୍ଷିକ ବାତାବରଣକୁ ସୁରକ୍ଷା ଦେବା, ପ୍ରତ୍ୟକ୍ଷ ଛାତ୍ର ସଂସଦ ନିର୍ବାଚନ ପାଇଁ ଘୋଷଣା କରିବା ଆଦି ଦାବିରେ ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ଷ୍ଟୁଡେଣ୍ଟସ ଅର୍ଗାନାଇଜେସନ (ଏଆଇଡିଏସଓ) ଗଞ୍ଜାମ ଜିଲ୍ଲା କମିଟି ପକ୍ଷରୁ ରେଭେନସା ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଏକ ଛାତ୍ର ବିକ୍ଷୋଭ ଅନୁଷ୍ଠିତ ହୋଇଛି ।

ଏଠାରେ ଉଲ୍ଲେଖଯୋଗ୍ୟ ରାଜ୍ୟ ବିଜେପି ସରକାର କ୍ଷମତାକୁ ଆସିବାପରେ ରାଜ୍ୟର ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ଆହୁରି ଚରମ ଦୁର୍ଦ୍ଦଶା ମଧ୍ୟଦେଇ ଗତି କରୁଛି । ଶିକ୍ଷା ଓ ସଭ୍ୟତା ବିରୋଧୀ ଜାତୀୟ ଶିକ୍ଷା ନୀତି-୨୦୨୦କୁ ଲାଗୁ କରାଯାଇଛି । ଫଳରେ ପାଠପଢ଼ା ଠାରୁ ଆରମ୍ଭ କରି ପରୀକ୍ଷା ଫଳ ପ୍ରକାଶନରେ ବ୍ୟାପକ ଅବ୍ୟବସ୍ଥା ସୃଷ୍ଟି ହୋଇଛି । ହଜାର ହଜାର ସଂଖ୍ୟାରେ ଅଧ୍ୟାପକ, ପ୍ରଫେସର ଓ ଶିକ୍ଷା କର୍ମଚାରୀ ପଦବୀ ଖାଲି ପଡ଼ିବା ଓ ଫିସ ବୃଦ୍ଧି, ବିଭିନ୍ନ ସାଧାରଣ କୋର୍ସକୁ ସେଲ୍ଫ ଫାଇନାନ୍ସରେ ପରିଣତ କରିବା, ହଷ୍ଟେଲ ଅଭାବ, ଲାଇବ୍ରେରୀ ଓ ଲାବ୍ରୋଟରୀର ଅବ୍ୟବସ୍ଥା, ଗବେଷଣାର ଅନୁଦାନ ହ୍ରାସ ଭଳି ବହୁବିଧ ସମସ୍ୟା ଆହୁରି ଜଟିଳ ରୂପ ଧାରଣ କରିଛି । ରାଜ୍ୟରେ ଶିକ୍ଷାଦାନ ବ୍ୟବସ୍ଥା ଏକ ପ୍ରକାର ବନ୍ଦ ହେବାକୁ ବସିଲାଣି । ଏଣୁ ଏହି ସମସ୍ୟା ବିରୁଦ୍ଧରେ ଛାତ୍ରଛାତ୍ରୀମାନେ ଆନ୍ଦୋଳନ ସଂଗଠିତ କରୁଛନ୍ତି ।

ଏହି ଆନ୍ଦୋଳନକୁ ଅଙ୍କୁରେ ବିନାଶ କରିବା ପାଇଁ ରାଜ୍ୟ ସରକାର ବିଜେପି ଗୋଟିଏ ପଟେ ଛାତ୍ରସଂସଦ ନର୍ବାଚନକୁ ବନ୍ଦ କରି ଦେଇଛନ୍ତି ଏବଂ ଅନ୍ୟପଟେ ହିଟଲରୀ ଶାସନ ସମ ଫାଶୀବାଦୀ ଆଚରଣ ସଂହିତା ଲାଗୁ କରିଛନ୍ତି । ସୁଚନାଯୋଗ୍ୟ, ପ୍ରତିବାଦ କରିବା, ଭିନ୍ନମତ ପୋଷଣ କରିବା, ସଂଗଠନ ତିଆରି କରିବା ଇତ୍ୟାଦି ହେଉଛି ପ୍ରତ୍ୟକ ନାଗରିକର ମୌଳିକ ଗଣତାନ୍ତ୍ରିକ ଅଧିକାର ଏବଂ ଦୀର୍ଘ ଦୁଇ ଶହ ବର୍ଷ ଧରି ବହୁ ଜୀବନ ବଳିଦାନ ଦେଇ ଇଂରେଜ ବିରୁଦ୍ଧରେ ରକ୍ତକ୍ଷୟୀ ସଂଗ୍ରାମ କରି ଦେଶବାସୀ ଏହି ଅଧିକାର ଅର୍ଜନ କରିଛନ୍ତି । ମାତ୍ର ରାଜ୍ୟ ସରକାର ଅତ୍ୟନ୍ତ ଅନ୍ୟାୟ ଭାବରେ ଶିକ୍ଷାନୁଷ୍ଠାନଗୁଡ଼ିକୁ ସଂପୂର୍ଣ୍ଣଭାବେ ନିଜ ନିୟନ୍ତ୍ରଣକୁ ନେଇ କ୍ୟାମ୍ପସ ମଧ୍ୟରେ ନିଜର ସଭ୍ୟତା ବିରୋଧୀ ପ୍ରତିକ୍ରିୟାଶୀଳ ରାଜନୀତିକୁ ପ୍ରତିଷ୍ଠା କରିବା ପାଇଁ ଏହି ସଂହିତା ଲାଗୁ କରୁଛନ୍ତି । ଅର୍ଥାତ ଛାତ୍ରଛାତ୍ରୀଙ୍କୁ ସେଇ ପୁରୁଣା ମଧ୍ୟଯୁଗୀୟ କୂପମଣ୍ଡୁକତା ଅନ୍ଧତା, କୁସଂସ୍କାର ସାମ୍ପ୍ରଦାୟିକତା ଚିନ୍ତା ମଧ୍ୟକୁ ନିକ୍ଷେପ କରିବା ପାଇଁ ଅପଚେଷ୍ଟା କରୁଛନ୍ତି ।

ତେଣୁ ଏହି ଧରଣର ଅତ୍ୟନ୍ତ ଶିକ୍ଷା ସଭ୍ୟତା ବିରୋଧୀ ଆଚରଣ ସଂହିତାକୁ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ସଂଗଠନ ପକ୍ଷରୁ ଦୃଢ଼ ଦାବି କରାଯାଇଛି । ବିକ୍ଷୋଭରେ ସଂଗଠନର ଜିଲ୍ଲା ସଭାପତି ନିମାଇଁ ଚରଣ ସାହୁ, ଜିଲ୍ଲା ଉପ-ସଭାପତି ପପୁନ୍ ସାହୁ, ଜିଲ୍ଲା କୋଷାଧ୍ୟକ୍ଷ କିସାନ କୁମାର ସାହୁ, ଜିଲ୍ଲା କମିଟି ସମ୍ପାଦକ ମଣ୍ଡଳୀ ସଦସ୍ୟା ଶୁଭସ୍ମିତା ପାଣିଗ୍ରାହୀ ଓ କାମରାଜ ସାହୁଙ୍କ ସମେତ ଅନେକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

### ମୟୂରଭଞ୍ଜ ନିମନ୍ତେ ୨ ଲୋକସଭା ଓ ୧୪ ବିଧାନସଭା ଆସନ ସୃଷ୍ଟି ପାଇଁ

# ଆହ୍ୱାନ ଦେଲା ମୟୂରଭଞ୍ଜ ସିନିୟର ସିଟିଜେନ୍ ଫୋରମ୍



ବାରିପଦା, (ସବ୍ୟୁ) : ବାରିପଦା କଲ୍ୟାଣୀ ମହିଳା ସମିତି ସଭାଗୃହରେ ସଭାପତି ପ୍ରଦୀପ୍ତ କିଶୋର ପଣ୍ଡାଙ୍କ ସଭାପତିତ୍ୱରେ ଓଡ଼ିଆ ନବବର୍ଷ ପାଳନ ହୋଇଥିଲା। ଏହି ଅବସରରେ ସରକାରଙ୍କର ଲୋକସଭା ଓ ବିଧାନସଭା ଆସନ ବୃଦ୍ଧି ବିଚାର ଥିବା ବିଷୟ ସାଧାରଣ ସମ୍ପାଦକ ଉପସ୍ଥାପନା କରି ପୂର୍ବ ସୀମାନିର୍ଦ୍ଧାରଣ କମିଟିରେ ମୟୂରଭଞ୍ଜ ଜିଲ୍ଲାରେ ଥିବା ୧୦ଟି ଆସନକୁ ସଂକୁଚିତ କରି ୯ଟି ଆସନରେ ସୀମିତ କରି ଜିଲ୍ଲାବାସୀଙ୍କୁ ପ୍ରତାରିତ କରାଯାଇଥିବା ପ୍ରକାଶ କରିଥିଲେ। ସେହିପରି ମୟୂରଭଞ୍ଜର ବଡ଼ସାହି ଓ କରଞ୍ଜିଆ ବିଧାନସଭାକୁ ବାଲେଶ୍ୱର ଓ କେନ୍ଦୁଝର ସଂସଦୀୟ ମଣ୍ଡଳୀରେ ଦୀର୍ଘବର୍ଷ ଧରି ରହିଥିବାରୁ ମୟୂରଭଞ୍ଜର ପ୍ରକୃତ ସମସ୍ୟା ଗୁଡିକ ସଂସଦରେ ଉପସ୍ଥାପିତ ହୋଇପାରୁନଥିବା ଆଲୋଚନା କରି ଉଭୟ ବିଷୟ ଉପରେ ଆଲୋଚନା ହୋଇଥିଲା। ଏଥିସହିତ ପୂର୍ବ ସୀମାନିର୍ଦ୍ଧାରଣ କମିଟି ମାନଙ୍କରେ ମୟୂରଭଞ୍ଜର ସାଧାରଣ ବର୍ଗଙ୍କ ଜନସଂଖ୍ୟାକୁ ଅଣଦେଖା କରିଥିବା ସମୀକ୍ଷା କରିଛନ୍ତି। ପରିଶେଷରେ ଆସନ୍ତା ସୀମାନିର୍ଦ୍ଧାରଣ ସମୟରେ ମୟୂରଭଞ୍ଜ ପାଇଁ ୨ଟି ଲୋକସଭା ଆସନ ଓ ୪ଟି ସାଧାରଣବର୍ଗ ଆସନ ସହିତ ୧୪ଟି ବିଧାନସଭା ଆସନ ସୃଷ୍ଟି ପାଇଁ ଜିଲ୍ଲାପାଳଙ୍କ ଜରିଆରେ ଓଡିଶାର ମୁଖ୍ୟମନ୍ତ୍ରୀ ଓ ନିର୍ବାଚନ କମିଶନଙ୍କୁ ସୂଚିତ କରାଯାଇଛି। ଏହି କାର୍ଯ୍ୟକ୍ରମ ମୟୂରଭଞ୍ଜ ସିନିୟର ସିଟିଜେନ୍ ଫୋରମ୍‌ର ସାଧାରଣ ସମ୍ପାଦକ ଡଃ ଶ୍ୟାମସୁନ୍ଦର ଦାସଙ୍କ ନେତୃତ୍ୱରେ ଡଃ ସୁଶାନ୍ତ କୁମାର ପାତ୍ର ସ୍ୱାଗତ କରିଥିବାବେଳେ ବାସନ୍ତିଲତା ମହାପାତ୍ର, ସୁଧାମୟୀ ଦାସ, ସବିତା ମିଶ୍ର, ବୀଣାପାଣି ପଣ୍ଡା, ପୂର୍ଣ୍ଣିମା ପଣ୍ଡା ହରିହର ଦାସ କବିତା ଆବୃତ୍ତି କରିଥିଲେ। ସବ୍ୟ କୁମାର ରଞ୍ଜନ ପଣ୍ଡା, ସଭନା ଆଚାର୍ଯ୍ୟ, ପ୍ରତିଭା ଷଡ଼ଙ୍ଗୀ, ପ୍ରତିଭା ଦାଶ, ସରୋଜ କୁମାର ପଣ୍ଡା, ହେମନ୍ତ ଦାଶ ଓ ଦେବାଶିଷ ଦାସ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିବାବେଳେ ମୁରଲୀଧର ପାତ୍ର ବରିଷ୍ଠ ବିବରଣୀ ପ୍ରଦାନ କରିଥିଲେ ଓ କୁମାର ରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଡ୍ରିମ୍‌ସରେ ବିଷୁବ ମିଳନ ଓ ହନୁମାନ ଜୟନ୍ତୀ



କଟକ, (ସ୍ୱପ୍ର) : ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଷୁବ ମିଳନ ଓ ମହାବୀର ହନୁମା ଜୟନ୍ତୀ ପାଳିତ ହୋଇଥିଲା । ଏହି ଉପଲକ୍ଷେ ବିଶ୍ୱିଦ୍ୟାଳୟ ପରିସରରେ ଥିବା ଶ୍ରୀ ସଂକଟମୋଚନଙ୍କ ମନ୍ଦିରରେ ଠାକୁରଙ୍କ ସ୍ୱତନ୍ତ୍ର ନୀତିକାନ୍ତି, ଦିବ୍ୟ ବେଶ, ଚାଳିଶା ପାରାୟଣ ସହ ହୋମ ଯଜ୍ଞ ଆୟୋଜିତ ହୋଇଥିଲା। ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିୟମିତା ରଥ, ପ୍ରଫେସର ଡା. ଶିଶୁ ଶଙ୍କର ମିଶ୍ର, ନିର୍ଦ୍ଦେଶକ ଲୋକନାଥ ବେହେରା, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ସଚିବ ସୁଧାଂଶୁ ଭୂଷଣ କର, ବିଶ୍ୱକଲ୍ୟାଣ ଦାସ, କୈଳାସ ଚନ୍ଦ୍ର ସାହାଣି, ଦିବ୍ୟଜ୍ୟୋତି ପାଣି, ପ୍ରଦୀପ ଷଡଙ୍ଗୀ, ଜିତେନ୍ଦ୍ର ବେହେରା, ସାରଦା ପଣ୍ଡା, ସଂପର୍କ ଅଧିକାରୀ ନିରାକାର ସାହୁଙ୍କ ସମେତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀ ଯୋଗଦେଇ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ସମସ୍ତଙ୍କୁ ବିଷୁବ ପଣା ବିତରଣ କରାଯାଇଥିଲା ।

### ବୁଗୁଡ଼ାରେ ବେଧଡକ ଚାଲିଛି ପାଣି ବେପାର

# ପାଣି ଜାରରେ ରହୁନି ସିଲ୍ କିମ୍ବା ଅବଧି, ପ୍ରତିକାର ଦାବି

ବୁଗୁଡ଼ା, (ସବ୍ୟୁ): ବୁଗୁଡା ସହରବାସୀଙ୍କୁ ପାଇପ୍ ଲାଇନ୍ ଯୋଗେ ପାନୀୟ ଜଳ ଯୋଗାଣ ହେବା ସତ୍ତ୍ୱେ ପ୍ଲାଷ୍ଟିକ୍ ଜାରରେ ପାଣି ବିକ୍ରି ଜୋର୍ ଧରିଛି । ପ୍ରତିଦିନ ହଜାର ହଜାର ଲିଟର ପାଣି ଜାର୍ ବିକ୍ରି ହେଉଥିବା ବେଳେ ଏହାର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠିଛି । ମିନେରାଲ୍ ଯୁକ୍ତ ବିଶୁଦ୍ଧ ପାନୀୟ ଜଳ ନାମରେ ଏଭଳି ପାଣି ବିକ୍ରି ହେଉଥିବା ବେଳେ ଏହାର ସ୍ୱଚ୍ଛତା ଓ ଶୁଦ୍ଧତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି । ଏଭଳି ପାଣି ଜାରରେ ସ୍ୱଚ୍ଛତା ଓ ଶୁଦ୍ଧତା ନେଇ କୌଣସି ସୂଚନା ରହୁନି କି ସିଲ୍ ରହୁନି । ଏଣୁ ପାନୀୟ ଜଳକୁ ନେଇ ଯଦି କୌଣସି ସମସ୍ୟା ଉପୁଜିଲେ ଏହାର ଉତ୍ତରଦାୟୀ କିଏ ରହିବ ବୋଲି ପ୍ରଶ୍ନ ଉଠିଛି । ପ୍ରତିଦିନ ବେଧଡକ ଏଭଳି ପାଣି ଜାର୍ ବିକ୍ରି ହେଉଥିବା ବେଳେ ପ୍ରଶାସନ ଏ ଦିଗରେ ସଂପୂର୍ଣ୍ଣ ନୀରବ ରହିଛି । ବୁଗୁଡା ସହରର ଲୋକସଂଖ୍ୟା ଅନୁଯାୟୀ ପିଏଚଡି ପକ୍ଷରୁ ହେଉଥିବା ଜଳ ଯୋଗାଣ ପର୍ଯ୍ୟାପ୍ତ ହେଉନାହିଁ ।

ଅନ୍ୟପକ୍ଷରେ ଯୋଗାଣ ପାଣିକୁ ଲୋକେ ମଧ୍ୟ ପାନୀୟ ଜଳ ଭାବେ ବ୍ୟବହାର କରୁ ନାହାନ୍ତି । କେବଳ ପାନୀୟ ଜଳ ପାଇଁ ଅଧିକାଂଶ ଲୋକ ଏଭଳି କାର୍ ପାଣି ଉପରେ ନିର୍ଭର କରୁଛନ୍ତି । ବିଶୁଦ୍ଧ ପାଣି ନାମରେ କିଛି କମ୍ପାନୀ ଜାର୍ ଓ ବୋତଲ ପାଣି ବିକ୍ରି କରୁଛନ୍ତି। ଏହି ପାଣିକୁ ଦୁଇ ଚକିଆ କିମ୍ବା ଚାରିଚକିଆ ଗାଡ଼ିରେ ପରିବହନ କରାଯାଇ ଦୋକାନୀଙ୍କ ଠାରୁ ଆରମ୍ଭ କରି ଲୋକଙ୍କ ଘରେ ଘରେ ପହଞ୍ଚାଯାଉଛି । ସହରରେ ସଂଖ୍ୟାଧିକ ଲୋକ ଏଭଳି ବିକା ପାଣି ଉପରେ ନିର୍ଭର କରୁଛନ୍ତି । ମୁଖ୍ୟତଃ କ୍ୟାଟରିଂ ବ୍ୟବସାୟୀମାନେ ନିଜ ନିଜ ଘରେ ଏଭଳି ବ୍ୟବସାୟ କରୁଛନ୍ତି । ପାଣି ଭର୍ତ୍ତି ଜାର୍ ଗୁଡ଼ିକ ସହରାଞ୍ଚଳରୁ ଆରମ୍ଭ କରି ଗ୍ରାମାଞ୍ଚଳରେ ଯୋଗାଣ କରୁଛନ୍ତି । ଏହି ପାଣିର ଉତ୍ସ ସମ୍ପର୍କରେ ଲୋକେ ଅଜଣା ରହୁଛନ୍ତି । ଏହାର ଶୁଦ୍ଧତା ଏବଂ ଅବଧି ସଂପର୍କରେ କୌଣସି ସୂଚନା ରହୁନାହିଁ । ସାଧାରଣ ଜନତା କେବଳ ବ୍ୟବସାୟୀଙ୍କ ଉପରେ ଭରସା ରଖି ଏହାକୁ ବିଶୁଦ୍ଧ ପାଣି ଭାବେ ଗ୍ରହଣ କରୁଛନ୍ତି । ଏହାର ତଦାରଖ ଦାୟିତ୍ୱରେ ଥିବା ଅଧିକାରୀମାନେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ଫଳରେ ସହରରେ ଦିନକୁ ଦିନ ଏହି ବ୍ୟବସାୟ ବଢ଼ିବାରେ ଲାଗିଛି । କିଏ କେଉଁଠି ପାଣି ସଂଗ୍ରହ କରି ବିନା ଫିଲଟରରେ ଜାରରେ ଭର୍ତ୍ତି କରି ବିକ୍ରି କରୁଛନ୍ତି । ସେଭଳି ସହରରେ ଦଶ ଟଙ୍କିଆ ପାଣି ବୋତଲ ବିକ୍ରି ମଧ୍ୟ ବଢ଼ି ଚାଲିଛି। ନୂଆଁ ନୂଆଁ କମ୍ପାନୀର ନାମ ଦେଇ ଏହା ବିକ୍ରି କରାଯାଉଥିବା ବେଳେ ଏହାର ଶୁଦ୍ଧତାକୁ ନେଇ ବି ପ୍ରଶ୍ନ ଉଠିଛି । ବିଶୁଦ୍ଧ ପାଣି ନାମରେ ଏହି ବେପାର ଚାଲିଥିବା ବେଳେ ଲୋକେ ପାଣି ପିଇ ବିଭିନ୍ନ ରୋଗର ଶିକାର ହେଉଥିବା ବି ଅଭିଯୋଗ ହେଉଛି । ପ୍ରଶାସନ ଏ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହୋଇଛି ।

### ସାମ୍ବାଦିକତା କ୍ଷେତ୍ରରେ ନିଯୁକ୍ତି ସୁଯୋଗ ବଢୁଛି

## ଗଣ ଯୋଗାଯୋଗ ବିଭାଗ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା

ଭଞ୍ଜନଗର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ଶେଷ ବର୍ଷ ଛାତ୍ରୀଛାତ୍ରଙ୍କୁ ବୁଧବାର ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ଅବସରରେ ଆୟୋଜିତ ଉତ୍ସବରେ ଅଧକ୍ଷ ବିଭାସ ଦାସ ଅଧକ୍ଷତା କରି ସାମ୍ବାଦିକତା କ୍ଷେତ୍ରରେ ନିଯୁକ୍ତି ସୁଯୋଗ ବଢୁଛି ବୋଲି କହିଥିଲେ । ଏହି ବିଭାଗର ଛାତ୍ରୀ




ଛାତ୍ର ମାନେ ମଧ୍ୟ ଆଗାମୀ ଦିନରେ ଜଣେ ଜଣେ ଭଲ ସାମ୍ବାଦିକ ହୋଇ ବାହାରିବାକୁ ଅଧକ୍ଷ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ କରିଥିଲେ । ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ହର ପ୍ରସାଦ ଶତପଥି ଅନ୍ୟତମ ଅତିଥି ଭାବେ ଯୋଗଦେଇ ଗଣ ଯୋଗାଯୋଗ ବିଭାଗ ଛାତ୍ରୀଛାତ୍ର ମାନେ ସମୟ ପ୍ରତି ଧ୍ୟାନ ଦେଇ କାର୍ଯ୍ୟକରିବାକୁ ପରାମର୍ଶ ଦେଇଥିଲେ । ବିଭାଗୀୟ ମୁଖ୍ୟ ଅଧ୍ୟାପକ ବାବୁଲା ପ୍ରଧାନ ସ୍ୱାଗତ ଭାଷଣ ଦେବାସହ ଛାତ୍ରୀଛାତ୍ର ଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଛାତ୍ରୀ ସ୍ମୃତି ଲେଖା ନାୟକ, ଲକ୍ଷ୍ମୀ ବେହେରା, କିନୁ ପାଳ, ରାଜଶ୍ରୀ ପରିଡ଼ା, ଯାଜ୍ଞସେନି ଜେନା ଛାତ୍ର ନୃସିଂହ ପ୍ରଧାନ, ସ୍ୱପ୍ନେଶ୍ୱର ପାତ୍ର ପ୍ରମୁଖ ଆଲୋଚନାର ଭାଗ ନେଇ ନିଜର ମତ ରଖିଥିଲେ । ଅଧ୍ୟାପିକା ମାମଲି ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି ଅବସରରେ ଜୁନିୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଶେଷ ବର୍ଷ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା ।

## ମେରୁ ଯାତ୍ରାରେ ଯୁବତୀଙ୍କୁ ଅସଦାଚରଣ, ୨ ଗିରଫ

ବ୍ରହ୍ମପୁର, (ସବ୍ୟୁ): ବଡବଜାର ଥାନା ଅନ୍ତର୍ଗତ ପାଣିଗ୍ରାହୀ ପେଣ୍ଠଠାରେ ଚାଲିଥିବା ମେରୁ ଯାତ୍ରାରେ ଜଣେ ଯୁବତୀଙ୍କୁ ଅସଦାଚରଣ ହୋଇଥିଲା । ଏହାର ପ୍ରତିବାଦ କରିଥିବା ତାଙ୍କ ଭାଇଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନେ ହେଲେ ଗଣପତିନଗର ପ୍ରଥମ ଲାଇନର ଓମ୍ ସାହୁ (୧୯) ଓ ପ୍ରଭାତ ସାହୁ (୨୨) । ମାମଲା ୨୪୮/୨୬ ରେ ସେମାନଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି । ସୂଚନାପ୍ରକାରେ, ୧୪ ତାରିଖ ପାଣିଗ୍ରାହୀ ପେଣ୍ଠରେ ମେରୁ ସଂକ୍ରାନ୍ତି ଚାଲିଥିବା ବେଳେ ପ୍ରବଳ ଭିଡ ହୋଇଥିଲା । ଏହାର ସୁଯୋଗ ନେଇ ଅଭିଯୁକ୍ତ ଓମ୍ ସାହୁ ସେଠାକୁ ଯାତ୍ରା ଦେଖିବାକୁ ଆସିଥିବା ଜଣେ ଯୁବତୀଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଅସଦାଚରଣ କରିଥିଲେ । ଯୁବତୀ ଜଣକ ଏହାର ପ୍ରତିବାଦ କରିବାରୁ ଓମ୍ ତାଙ୍କ ଚୁଟି ଭିଡ଼ିବା ସହ ମାଡ ମାରିବାକୁ ଧମକ ଦେଇଥିଲେ । ଏହାପର ଦିନ ଯୁବତୀଙ୍କ ଭାଇ ନିଜର ପଇତା ବାହାର କରିବାକୁ ମନ୍ଦିର ଯାଇଥିବା ବେଳେ ଅଭିଯୁକ୍ତ ଓମ୍ ତାଙ୍କୁ ଗାଳିଗୁଲଜ କରିଥିଲେ । ସେ ଏହାର ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଏକ ଇଟା ଏବଂ ହାତରେ ପିନ୍ଧିଥିବା ବ୍ରେସଲେଟ୍ ସାହାଯ୍ୟରେ ଆକ୍ରମଣ କରିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ଆଖି ଓ ଆଙ୍ଗୁଠିରେ ମଧ୍ୟ କ୍ଷତ ସୃଷ୍ଟି ହୋଇଥିଲା । ଘଟଣାକୁ ନେଇ ଯୁବତୀଙ୍କ ଭାଇ ଲିଖିତ ଅଭିଯୋଗ କରିବା ପରେ ବଡବଜାର ଥାନାରେ ଏସଂକ୍ରାନ୍ତରେ ଏକ ମାମଲା ରୁଜୁ ହୋଇଥିଲା । ପୋଲିସ ଚଢ଼ାଉ କରି ପାଣିଗ୍ରାହୀପେଣ୍ଠ ଅଞ୍ଚଳରୁ ଉପରୋକ୍ତ ଅଭିଯୁକ୍ତଙ୍କୁ କାବୁ କରିଥିଲା ।

# ଆଶ୍ରମ ସ୍କୁଲ ମୃତ ଛାତ୍ରୀ ପରିବାରଙ୍କୁ ଭେଟିଲା ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍



: ୧୮ ରେ ୧୨ଘଣ୍ଟିଆ ମୟୂରଭଞ୍ଜ ହରତାଳ
: ମୃତକ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ କାକବନ୍ଧ ଆଶ୍ରମ ସ୍କୁଲରେ ବିଶାକ୍ତ ଖାଦ୍ୟଖାଇ ଛାତ୍ରୀ ମୃତ୍ୟୁ ହେବା ଘଟଣାକୁ ତୀବ୍ର ନିନ୍ଦା କରିଛି ବିଜେଡି। ଏଥିସହ ଏହି ଘଟଣା ପାଇଁ ରାଜ୍ୟ ବିଜେପି ସରକାର ସମ୍ପୂର୍ଣ୍ଣ ଦାୟୀ ବୋଲି ବିଜେଡି ପ୍ରକାଶ କରିଛି। ଏହି ପରିପ୍ରେକ୍ଷୀରେ ବୁଧବାର ବିଜେଡି ପକ୍ଷରୁ ଗଠିତ ଫେକଫ ଫାଇଣ୍ଡିଂ ଟିମ୍ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସଙ୍କ ନେତୃତ୍ୱରେ ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କ ସହ ବରିଷ୍ଠ ବିଜେଡି ନେତା ମାନେ ମୃତ ଛାତ୍ରୀଙ୍କ ଘରକୁ ଯାଇ ପରିବାରକୁ ସମବେଦନା ଜଣାଇବା ସହ ଘଟଣାର ତଦନ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ବୁଧବାର ସନ୍ଧ୍ୟାରେ ବିଜୁଭବନ ଠାରେ ବିଜେଡି ଜିଲ୍ଲା କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କ ନେତୃତ୍ୱରେ ଭୋଗରାଇ ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ ସମଗ୍ର ଘଟଣାକୁ ଦୃଢନିନ୍ଦା କରିବା ସହ ରାଜ୍ୟସରକାର ଓ ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ଖାମ୍‌ଖିଆଲି ମନୋଭାବ ଯୋଗୁଁ ନିରୀହ ଛାତ୍ରୀଙ୍କ ମୃତ୍ୟୁ ଘଟିଲା ବୋଲି ଦୁଃଖ ପ୍ରକାଶ କରିଥିଲେ। ଏଥିସହ ବିଧାୟକ ଶ୍ରୀ ଦାସ ତୁରନ୍ତ ଏହି ଘଟଣାରେ ଛାତ୍ରୀଙ୍କ ପରିବାରକୁ ନ୍ୟାୟ ପ୍ରଦାନ ଦାବିରେ ୧୮ ତାରିଖ ଶନିବାର ସମଗ୍ର ମୟୂରଭଞ୍ଜ ଜିଲ୍ଲାରେ ୧୨ଘଣ୍ଟିଆ ହରତାଳ କରାଯିବ ବୋଲି ସୂଚନା ଦେବା ସହ ଏହି ହରତାଳରେ ସମସ୍ତ ରାଜନୈତିକ ସାମାଜିକ ସଂଗଠନ ଓ ସାଧାରଣ ଜନତାଙ୍କୁ ସାମିଲ ହେବାକୁ ଅନୁରୋଧ କରିଥିଲେ। ଏଥିସହ ମୃତକଙ୍କ ପରିବାରକୁ ତୁରନ୍ତ ୫୦ଲକ୍ଷଟଙ୍କା କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ଦାବି କରିବା ସହ ଏହି ଘଟଣାରେ ଉଚ୍ଚପଦସ୍ଥ ଅଧିକାରୀ ମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ଏଥିସହ ରାଜ୍ୟସରକାରଙ୍କ ପକ୍ଷରୁ ଆରଡିସି ତଦନ୍ତ କରାଯାଉଥିବାବେଳେ ଆରଡିସି ବଦଳରେ କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ବିଚାର ବିଭାଗୀୟ ତଦନ୍ତ କରିବାକୁ ଦାବି କରାଯାଇଥିଲା। ଏଥିସହ ଏବେ ସମସ୍ତ ଆଶ୍ରମ ସ୍କୁଲ ଅସୁରକ୍ଷିତ ଥିବାବେଳେ ଶିକ୍ଷା ବିଭାଗ ପିଲାମାନଙ୍କୁ ମେନ୍ୟୁ ଅନୁସାରେ ଉପମା ନଦେଇ କିଭଳି ବିଶାକ୍ତ ଶାଗ ଖୁଆଲେ ବୋଲି ରୂପାଲି ବେଶ୍ରାଙ୍କ ଜୀବନ ଯିବା ସହ ୧୪୬ଜଣ ଛାତ୍ରୀ ଅସୁସ୍ଥ ହେବା ଘଟଣା ଚିନ୍ତାଜନକ ବିଷୟ ବୋଲି ବିଜେଡି ପ୍ରକାଶ କରିଥିଲା। ଏବେ ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀଙ୍କ ସମୟରେ ଆଦିବାସୀ ମାନେ ଅସୁରକ୍ଷିତ ହୋଇପଡିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ମୟୂରଭଞ୍ଜ ଜିଲ୍ଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦାଃ, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ପୂର୍ବତନ ବିଧାୟକ ରାଜକିଶୋର ଦାସ, ଗଣେଶ୍ୱର ପାତ୍ର ଓ ଶ୍ରୀନାଥ ସୋରେନ, ବାରିପଦା ଉପନଗରପାଳ ସୀମା ଦାସ, ଏମ୍‌ସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, ଓଡିଶା କୃଷି ଶିଳ୍ପ ନିଗମ ପୂର୍ବତନ ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ବାରିପଦା ପୂର୍ବତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତି, ଏସଡିସି ପୂର୍ବତନ ଅଧ୍ୟକ୍ଷ ଦେବାଶିଷ ମାର୍ଣ୍ଡି, ବରିଷ୍ଠ ବିଜେଡି ନେତା ପ୍ରିୟବ୍ରତ ମାଝୀ, ପ୍ରଭାତ ନାୟକ ଓ ସୁନୀଲ ନାୟକ ପ୍ରମୁଖଙ୍କ ସହ ବିଜେଡି ନେତୃବୃନ୍ଦ ଉପସ୍ଥିତ ଥିଲେ।

10001/47/2627

## ଅଂଶୁଘାତ ସତର୍କତା

**ଲକ୍ଷଣ**

- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା



**ସତର୍କତା**

- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ

**ପ୍ରତିକାର**

- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

OIPR: 10001/10003/2/26-27/0004

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/

# ଜିଲ୍ଲା ଯୋଜନା କମିଟି ଅଧକ୍ଷ ଦାୟିତ୍ୱ ଗ୍ରହଣ କଲେ ଅଶୋକ ମହାନ୍ତି

ଅନୁଗୋଳ ,(ସବ୍ୟୁ) :ଅନୁଗୋଳ ଜିଲ୍ଲା ଯୋଜନା କମିଟି ଅଧକ୍ଷ ଦାୟିତ୍ୱ ଗ୍ରହଣ କରିଛନ୍ତି ପାଲଲହଡ଼ାର ବିଧାୟକ ଅଶୋକ ମହାନ୍ତି ।ନବନିଯୁକ୍ତ ଅଧକ୍ଷ ନାଲକୋସ୍ଥିତ ନିଜ ବାସଭବନରୁ ପୂଜାର୍ଚ୍ଚନା କରି କାର୍ଯ୍ୟକର୍ତ୍ତାମାନଙ୍କ ଏକ ବିଶାଳ ଶୋଭାଯାତ୍ରାରେ ଅନୁଗୋଳ ମା ଗୁଣ୍ଡିଚା ମନ୍ଦିର ପାଖରେ ପହଞ୍ଚିଥିଲେ । ଗୁଣ୍ଡିଚା ମନ୍ଦିରଠାରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି , ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ , ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ,



ଜିଲ୍ଲା ବିଜେପି ସଭାପତି ଯଯାତି ପଟ୍ଟନାୟକ , ଅନୁଗୋଳ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ବଶିଷ୍ଠ ନାୟକ ଓ ଉପାଧକ୍ଷ ସୁରମଣି ଚାତାର , ପୂର୍ବତନ ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ , ବରିଷ୍ଠ ବିଜେପି କାର୍ଯ୍ୟକର୍ତ୍ତା ବିଶ ରଞ୍ଜନ ପ୍ରଧାନ ପ୍ରମୁଖ ସ୍ୱାଗତ କରିଥିଲେ । ଗୁଣ୍ଡିଚା ମନ୍ଦିର ଠାରୁ ଅନୁଗୋଳ ଜିଲ୍ଲାର ମହିଳା ମୋର୍ଚ୍ଚା , ଯୁବ ମୋର୍ଚ୍ଚା ଓ ସମସ୍ତ ବିଧାନସଭା କ୍ଷେତ୍ରରୁ ଆସିଥିବା ହଜାର ହଜାର କାର୍ଯ୍ୟକର୍ତ୍ତା ଓ ଶୁଭେଚ୍ଛୁ ବିଧାୟକଙ୍କୁ ଏକ ଖୋଲା ଜିପ ମାଧ୍ୟମରେ ପଦ ଯାତ୍ରା କରି ଅନୁଗୋଳ ଜିଲ୍ଲାପାଳ କାର୍ଯ୍ୟାଳୟ ଅଭିମୁଖେ ବାହାରି ଥିଲେ । ସେଠାରେ ସେ ପହଞ୍ଚିବା ପରେ ଜିଲ୍ଲା ଅଧିକାରୀମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ନିଜ ନିଯୁକ୍ତିପତ୍ର ପ୍ରଦାନ କରିବା ପରେ ସେ ଆନୁଷ୍ଠାନିକ ଭାବରେ ନିଜର ଦାୟିତ୍ୱ ଗ୍ରହଣ କରିଥିଲେ । ନିଜ ଦାୟିତ୍ୱ ଗ୍ରହଣ କରିବା ପରେ ତାଙ୍କୁ ନାଗରିକ ମଞ୍ଚ , ଜିଲ୍ଲା ସାମ୍ବାଦିକ ସଂଘ ଓ ବିଭିନ୍ନ ଅନୁଷ୍ଠାନ ତରଫରୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି । ଦାୟିତ୍ୱ ଗ୍ରହଣ କରିବା ପରେ ସେ ସତନ୍ତ୍ର ସାକ୍ଷାତକାରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ, ମାନ୍ୟବର ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଓ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ତାଙ୍କ ଉପରେ ଭରସା ଓ ବିଶ୍ୱାସ କରି ଯେଉଁ ଗୁରୁ ଦାଇତ୍ୱ ଦେଇଛନ୍ତି ତାହାକୁ ସେ ସଫଳତାର ସହ ନିର୍ବାହ କରିବେ ବୋଲି ପ୍ରତିକ୍ରିୟା ଦେଇଛନ୍ତି । ତାଙ୍କ ନେତୃତ୍ୱରେ ଅନୁଗୋଳ ଜିଲ୍ଲା ବିକାଶର ଶୀର୍ଷ ସ୍ଥାନରେ ପହଞ୍ଚିବ ବୋଲି ଏବଂ ମୌଳିକ ସମସ୍ୟାର ସମାଧାନ ଯଥା ଯୁବକ ମାନଙ୍କ ନିଯୁକ୍ତି ଓ କୃଷିକ୍ଷେତ୍ର ରେ ବିଶେଷ ପ୍ରାଧାନ୍ୟ ଦିଆ ହେବ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି ।

ଏହି ବିଶେଷ ମୁହୂର୍ତ୍ତରେ ତାଙ୍କ ସହ ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ , ବିଜେପି ଜିଲ୍ଲା ଉପସଭାପତି ନୃସିଂହ ବରାଳ, ସାଧାରଣ ସମ୍ପାଦିକା ଶ୍ରୀମତୀ ବସନ୍ତ ମଞ୍ଜରୀ ପ୍ରଧାନ, ଅନ୍ୟତମ ସାଧାରଣ ସମ୍ପାଦକ ସୁଦିପ ଗଡନାୟକ , ସମସ୍ତ ଜିଲ୍ଲା ଅଧିକାରୀ , ବିଧାନସଭା କ୍ଷେତ୍ରରୁ ଆସିଥିବା ମଣ୍ଡଳ ପଦାଧିକାରୀଙ୍କ ସମେତ ଅନ୍ୟ କାର୍ଯ୍ୟକର୍ତ୍ତାଗଣ ଉପସ୍ଥିତ ଥିଲେ ।

## ଦମ୍ପତିଙ୍କୁ ଚାପିଦେଲା ପିଡିଏସ ଚାଉଳ ବୋଝେଇ ଟ୍ରକ୍

# ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର: ପ୍ରତିବାଦରେ ରାସ୍ତାରୋକ

ଢେଙ୍କାନାଳ (ସବ୍ୟୁ) : ଢେଙ୍କାନାଳ ଟାଉନ ଥାନା ଅନ୍ତର୍ଗତ ମହିଷାପାଟ ଠାରେ ପିଡିଏସ୍ ଚାଉଳ ବୋଝେଇ ଟ୍ରକ ଦୃଘଟଣାରେ ସ୍ୱାମୀ ମୃତ୍ୟୁବରଣ କରିଥିବା ବେଳେ ସ୍ତ୍ରୀ ଗୁରୁତର ଆହତ ହୋଇଥିବାର ଜଣାପଡିଛି । ଘଟଣାକୁ ନେଇ ସ୍ଥାନୀୟ ଲୋକେ ଶବ ରଖି ରାସ୍ତା ଅବରୋଧ କରିଥିବାର ଜଣାପଡିଛି ।

ଢେଙ୍କାନାଳ ଟାଉନଥାନା ଅନ୍ତର୍ଗତ ରଗଡିସାହିର ଶ୍ୟାମସୁନ୍ଦର ନାୟକ ତାଙ୍କ ସ୍ତ୍ରୀ ଭାରତୀ ନାୟକ ବାଇକ୍ ଯୋଗେ ଶଶୁର ଘରୁ ଫେରୁଥିବା ବେଳେ ସପ୍ତଶଯ୍ୟା ପାଶ୍ୱର୍ରୁ ଢେଙ୍କାନାଳ ଟାଉନ ଅଭିମୁଖେ ଆସୁଥିଲେ। ଏହି ସମୟରେ ବିପରିତ ଦିଗରୁ ଆସୁଥିବା



ପିଡିଏସ୍ ଚାଉଳ ଟ୍ରକ ବାଇକ୍‌କୁ ସମ୍ମୁଖରୁ ଧକ୍କା ଦେଇଥିଲା । ଫଳରେ ଚକାତଳେ ଦମ୍ପତି ବାଇକ ସହ ଚାପି ହୋଇ ଯାଇଥିଲେ । ଖବର ପାଇ ଅଗ୍ନିଶମ ବିଭାଗ ଏବଂ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଥିଲେ । ମୃତ ଦେହକୁ ଅଗ୍ନିଶମ ବିଭାଗ କର୍ମଚାରୀମାନେ କ୍ରେନ ଦ୍ୱାରା ଟ୍ରକ ତଳୁ ଉଧାର କରିଛନ୍ତି ।

ଘଟଣା ସ୍ଥଳରେ ମୃତକଙ୍କ ସମ୍ପର୍କୀୟ ପହଞ୍ଚି ରାସ୍ତାରେ ଶବ ରଖି ଢେଙ୍କାନାଳ ସପ୍ତଶଯ୍ୟା ରାସ୍ତା ଅବରୋଧ କରିଛନ୍ତି । ଦୁର୍ଘଟଣା ପରେ ଟ୍ରକ ଡ୍ରାଇଭର ଫେରାର ହୋଇଯାଇଛି । ତୁରନ୍ତ ଘଟଣା ସ୍ଥଳକୁ ଟ୍ରକ ମାଲିକ ଆସିବା ପାଇଁ ଜିଦ କରି ରାସ୍ତା ଅବରୋଧ କରିଛନ୍ତି । ଘଟଣା ସ୍ଥଳରେ ଉତ୍ତେଜନା ଦେଖା ଦେଇଛି । ଟାଉନ ଥାନା ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରୁଛି ।

## ମହିଳାଙ୍କୁ ତଣ୍ଟି ଚିପି ହତ୍ୟା ଉଦ୍ୟମ

ଠାକୁରଗଡ଼ ,(ସବ୍ୟୁ) : କିଶୋରନଗର ଥାନା ତେନ୍ତୁଳି ଖଣ୍ଡ ହତା ଗ୍ରାମର ପ୍ରମିଳା ପ୍ରଧାନଙ୍କୁ ସେହି ଗ୍ରାମର ସିଲୁ ସାହୁ ତଣ୍ଟି ଚିପି ହତ୍ୟା କରିବା ପାଇଁ ଉଦ୍ୟମ କରିଥିବା ପ୍ରମିଳା କିଶୋରନଗର ଥାନାରେ ମଙ୍ଗଳବାର ଦିନ ଅଭିଯୋଗ କରିଛନ୍ତି ନିର୍ଯାତନା ତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନମ୍ବର ୯୧/୨୬ ରେ ଏକ ମାମଲା ରୁଜୁ କରିଛି । ପୋଲିସ କହିଛି ଜେ ପ୍ରମିଳା ଘରେ ଶୋଇଥିବା ବେଳେ ସିଲୁ ତାଙ୍କ ଘରକୁ ଯାଇ ତଣ୍ଟି ଚିପି ହତ୍ୟା କରିବା ପାଇଁ ଉଦ୍ୟମ କରିଥିବା ଅଭିଯୋଗ ପତ୍ର ରେ ଉଲେଖ କରାଯାଇଛି ।

# କାଜୁଗଛ ଜଗିବାକୁ ଯାଇ ହାତୀ ଆକ୍ରମଣରେ ମହିଳା ମୃତ

ହିନ୍ଦୋଳ , (ସବ୍ୟୁ):ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ଓ ଏନ ଏ ସି ର ୫ ନଂ ଓ୍ୱାର୍ଡରେ ଆଜି ସକାଳେ ଜଣେ ବିଧବା ମହିଳା ଗ୍ରାମ ନିକଟସ୍ଥ କାଜୁ ଜଙ୍ଗଲକୁ କାଜୁ ଗଛ ଜଗିବାକୁ ଯାଇ ବଣୁଆ ହାତୀ ହାବୁଡ଼ରେ ପଡ଼ି ମୃତ୍ୟୁ ବରଣ କରିଥିବା ଜଣା ପଡିଛି । ଘଟଣାରୁ ପ୍ରକାଶ ଯେ ଏନ ଏ ସି ର ୫ ନଂ ଓ୍ୱାର୍ଡ ହିନ୍ଦୋଳ ଥାନା ଅନ୍ତର୍ଗତ ଧୁଣ୍ଡି ନାଳି ସାହିର ଜୟନ୍ତି ସାହୁ (୫୫) ନାମ୍ନୀ ମହିଳା ଆଜି ସକାଳ ପ୍ରାୟ ୭ ଟା ସମୟରେ ଗ୍ରାମ ନିକଟସ୍ଥ କାଜୁ ଜଙ୍ଗଲକୁ ନିଜର କାଜୁ ଗଛ ଜଗିବାକୁ ଯାଇଥିବା ବେଳେ ନିଜ ଅଜାଣତରେ କାଜୁ ଗଛର ଗହଳି ମଧ୍ୟରେ ପୂର୍ବରୁ ରହିଥିବା ଏକ ବଣୁଆ ଦନ୍ତା ହାତୀ ତାଙ୍କୁ ଆକ୍ରମଣ କରିଥିଲା । ତେବେ ସେ ଦୌଡ଼ି ପଳାଇବାକୁ ଚେଷ୍ଟା କରିଥିଲେ ମଧ ହାତୀ ହାବୁଡ଼ରୁ ବର୍ତ୍ତି ପାରି ନଥିଲେ । ସେହି କାଜୁ ଜଙ୍ଗଲ ମଧ୍ୟରେ ହାତୀଟି ତାଙ୍କୁ ଦଳି ଚକଟି ମାରି ପକାଇ ଥିଲା ।

ବହୁ ବିଳମ୍ବ ହେବାରୁ ଘରକୁ ନଫେରିବାରୁ ପରିବାର ଲୋକେ କେତେକ ଗ୍ରାମବାସିଙ୍କ ସହ ମିଶି କାଜୁ ଜଙ୍ଗଲର ଏଣେ ତେଣେ ଖୁଜାଖୋଜି କରିବା ପରେ ମହିଳାଙ୍କ ମୃତ ଦେହ ଠାବ ହୋଇ ଥିଲା । ସଙ୍ଗେ ସଙ୍ଗେ ସ୍ଥାନୀୟ ବନ ବିଭାଗ ଓ ପୁଲିସକୁ ଖବର ଦେବା ପରେ ବନ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ସମେତ ହିନ୍ଦୋଳ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିବା ସହ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ହିନ୍ଦୋଳ ଡାକ୍ତରଖାନାକୁ ପଠେଇ ଦେଇଥିଲେ । ଘଟଣା ପରେ ସ୍ଥାନୀୟ ବନ ବିଭାଗ ପକ୍ଷରୁ ମୃତକଙ୍କ ପରିବାର ବର୍ଗକୁ ୧ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇ ଥିବା ବେଳେ ଖୁବ ଶୀଘ୍ର ହାତୀ ଆକ୍ରମଣ ଜନିତ ବକେୟା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯିବ ବୋଲି ରେଞ୍ଜ ଅଧିକାରୀ ତ୍ରିଲୋଚନ ଦେହୁରୀ ପ୍ରକାଶ କରିଛନ୍ତି । ଉକ୍ତ ବିଧବା ମହିଳା ଜଣଙ୍କର ୨ ବିବାହିତ ପୁତ୍ରଙ୍କ ସହିତ ଜଣେ ଅବିବାହିତ ପୁଅ ଅଛନ୍ତି । ଆଜିର ଘଟଣା ପରେ ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି ।

## ରାସ୍ତାରେ ସୃଷ୍ଟି ହେଲା ଗର୍ତ୍ତ : ଲୋକେ ଆତଙ୍କିତ

ତାଳଚେର, (ସବ୍ୟୁ) : ତାଳଚେର ବାଇପାସ ଛକ ଠାରୁ ଯାଇଥିବା ରାସ୍ତାରେ ହାଣ୍ଡିଧୁଆଁ ପେଟ୍ରୋଲପମ୍ପ ନିକଟରେ ଆଜି ତିନି ଫୁଟ ଗୋଲେଇ, ୪ଫୁଟ ଗଭୀର ଏକ ଗର୍ତ୍ତ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା । ସେହି ରାସ୍ତାଦେଇ ଯାଉଥିବା ଲୋକମାନେ ଏହାକୁ ଦେଖି ଭୟଭିତ ହେବାସହ ଘଟଣା ପ୍ରକାଶିତ ହେବାପରେ ଦେଖିବାକୁ ଲୋକଙ୍କ ସୁଅ ଛୁଟିଥିଲା । ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କୋଲିୟରୀ ପୋଲିସ ପକ୍ଷରୁ ହାଣ୍ଡିଧୁଆଁ ଓ ଠାରେ ରାସ୍ତାକୁ ଅବରୋଧ କରି ତୁରନ୍ତ ଉକ୍ତ ଗର୍ତ୍ତକୁ ବନ୍ଦ କରି ଦିଆଯାଇଥିଲା । ତେଣୁ ତାଳଚେରବାସୀଙ୍କ ସୁରକ୍ଷା ଦୃଷ୍ଟିରୁ କେନ୍ଦ୍ର ଓ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ୧୭ରୁ ଜିଲ୍ଲା ମହୋତ୍ସବ ଆରମ୍ଭ

ଅନୁଗୋଳ ,(ସବ୍ୟୁ) : ଆସନ୍ତା ୧୭ ତାରିଖ ଠାରୁ ୨୦ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ଅନୁଗୋଳ ଷ୍ଟାଡିୟମ ଠାରେ ଜିଲ୍ଲା ମହୋତ୍ସବ ଏବଂ ପଲ୍ଲୀଶ୍ରୀ ମେଳା ଅନୁଷ୍ଠିତ ହେବାକୁ ଯାଉଛି । ଏହି ମହୋତ୍ସବ ୪ ଦିନ ଧରି ଚାଲିବାକୁ ଥିବାବେଳେ ପଲ୍ଲୀଶ୍ରୀମେଳା ୬ ଦିନ ବ୍ୟାପି ଜାରି ରହିବ । ଜିଲ୍ଲାର ଐତିହ, ସଂସ୍କୃତି, ପରମ୍ପରା, ଲୋକକଳା, ହସ୍ତଶିଳ୍ପ ସହିତ ସ୍ୱଦେଶୀ ପଦାର୍ଥର ପ୍ରଦର୍ଶନୀ ପାଇଁ ସ୍ୱଦେଶୀ ମେଳାର ଆୟୋଜନ କରାଯିବ । ମହୋତ୍ସବର ପ୍ରଥମ ଦିନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଶୁଭଉଦଘାଟନ କରିବେ ।

## ଝାମୁଯାତ୍ରା ସହ ମେରୁଯାତ୍ରା ପାଳିତ

ଆଠମଲ୍ଲିକ (ନିପ୍ର ) ପବିତ୍ର ମହାବିଷୁବ ସଂକ୍ରାନ୍ତି ରେ ଝାମୁ ଯାତ୍ରା ସହ ଦଣ୍ଡ ନୃତ୍ୟ ଉଦଯାପିତ ହୋଇଛି। ଗତ କିଛି ଦିନ ଧରି ମହାଦେବ ବାବା ଓ ମା କାଳୀ ଙ୍କୁ ସାଙ୍ଗରେ ଧରି ଦଣ୍ଡୁଆ ମାନେ ତଥା ମାନସିକଧାରୀ ପଦାକୁ ବାହାରି ବିଭିନ୍ନ ସ୍ଥାନ ରେ ପାଣି ଦଣ୍ଡ, ବିଭିନ୍ନ ଶୁଆଙ୍ଗରେ ଦଣ୍ଡ ନୃତ୍ୟ କରି ଆସୁଥିଲେ। ମହାବିଷୁବ ସଂକ୍ରାନ୍ତିରେ ସକାଳୁ ଦଣ୍ଡୁଆମାନେ ସାଙ୍ଗରେ ଠାକୁର ଙ୍କୁ ଧରି ଘରକୁ ଘର ଯାଇ ବନ୍ଦାଣ କିଣିଥିଲେ। ଅପରାହ୍ନ ରେ ନିଜ ନିଜ ଅଞ୍ଚଳରେ ପାଣି ଦଣ୍ଡ କରିବା ସହିତ ସନ୍ଧ୍ୟାରେ ପାଣି ସେବା ପାଇଁ ବନ୍ଧ ଘାଟକୁ ଯାଇଥିଲେ। ବନ୍ଧ ଘାଟରେ ଯଥା ପୂଜା ରୀତିନୀତି ହେଲା ପରେ ଏକ ବିରାଟ ପଟୁଆରରେ ଝାଙ୍କ କୁଣ୍ଡ ନିକଟକୁ ଆସିଥିଲେ। ଏହି ଅବସରରେ ସହରସ୍ଥିତ ୯ ନମ୍ବର ଓ୍ୱାର୍ଡ ରାମେଶ୍ୱର ପାଟଣା ସ୍ଥିତ ମହାଦେବ ମନ୍ଦିର ନିକଟରେ ଝାମୁ ଯାତ୍ରା ର ଆୟୋଜନ ହୋଇଥିଲା। ଝାମୁ ଯାତ୍ରା ଓ ହୋମ ଝାଙ୍କ ଦେଖିବା ପାଇଁ ହଜାର ହଜାର ଭକ୍ତ ଙ୍କ ଭିଡ଼ ଲାଗି ରହିଥିଲା। ଶେଷ ଦିନରେ ରାତିରେ ବିଭିନ୍ନ ଶୁଆଙ୍ଗ ନୃତ୍ୟ କରି ସକାଳୁ ଉଦଯାପିତ ହୋଇଥିଲା। ପୂଜକ ସୁବ୍ରତ ବେହେରା ମାଳି ୨୧ ଦିନ ପର୍ଯ୍ୟନ୍ତ ବାବା ମହାଦେବ ଙ୍କୁ ଧରି ସେବା କରିଥିବା ବେଳେ ପାଟ ଭୁକ୍ତା ଭାବରେ ଲିଟନ ଲଉରିଆ ପାଟ ଝୁଲିଆ ଭାବରେ ସାନନ୍ଦ ବେହେରା ଦାୟିତ୍ୱ ତୁଲାଇଥିଲେ। ଗଡୁଆ ଦଣ୍ଡର ସଭାପତି ପଞ୍ଚମନ ନାୟକ, ସମ୍ପାଦକ ତପନ ବାଘ, କୋଷାଧକ୍ଷ ଗଗନ କୁମାର ବାହୁକଙ୍କ ସମେତ କାର୍ଯ୍ୟକାରୀ ସଭ୍ୟ ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶାନ୍ତ ଶୃଙ୍ଖଳା ରକ୍ଷା କରିବା ନିମନ୍ତେ ଅତିରିକ୍ତ ଆଇ ଆଇ ସି ବିକାଶ ସାମଲ ଙ୍କ ନେତୃତ୍ୱ ରେ ଆଠମଲ୍ଲିକ ପୋଲିସ ମୁତୟନ ହୋଇଥିଲେ। ଏହି ଅବସରରେ ରୁଗୁଡ଼ି ସାହି, ନୁଆସାହି, ଲିପିଲୋଇ, ହରିଡ଼ା କୋଠା, କୁଟେଶ୍ୱର, ଅଏ ମାଳି ପଦର, ଓଡ଼ ସିଙ୍ଗା, ମହେନ୍ଦ୍ର ପୁର, ନୂଆଗାଁ, ରାସୁସିଙ୍ଗା, ଟାଇଁସର, ଶରଧା ପୁର, ଲୁଣ ହାଣ୍ଡି, ଡୁଡୁମ ସମେତ ଅନେକ ଗ୍ରାମ ରେ ମେରୁ ଯାତ୍ରା ଧୂମଧାମରେ ପାଳିତ ହୋଇଥିଲା।

## ପାରମ୍ପାରିକ ମା' ଦକ୍ଷିଣକାଳୀଙ୍କ ଦଣ୍ଡଯାତ୍ରା ସମାପନ

# ୧୩ଦିନ ବ୍ୟାପୀ ବ୍ରତାଧାରୀ ମନ୍ଦିର ଓ ଦଣ୍ଡଯାତ୍ରାରୁ ଘର ବାହୁଡ଼ା

ତାଳଚେର, (ସବ୍ୟୁ) : କେଉଁ ଆବାହମାନ କାଳରୁ ତାଳଚେର ସହର ନିକଟରେ ବୋହି ଯାଉଥିବା ଚିରୋସ୍ରୋତା ବ୍ରାହ୍ମଣୀନଦୀ କୂଳରେ ମା' ଦକ୍ଷିଣକାଳୀଙ୍କ ମନ୍ଦିର । ଦଣ୍ଡଯାତ୍ରା କାହିଁକି ମା'ଙ୍କୁ ଦର୍ଶନ କରିବା ଲାଗି ପ୍ରତ୍ୟେକ ଦିନ ମନ୍ଦିରକୁ ଭକ୍ତଙ୍କ ସୁଅ ଛୁଟେ । ୧୩ଦିନ ବ୍ୟାପି ପାରମ୍ପାରିକ ରୀତିନୀତି ଅନୁଯାୟୀ ମା'ଦକ୍ଷିଣକାଳୀଙ୍କ ଦଣ୍ଡଯାତ୍ରା ସମାପନ ହୋଇଛି । ବର୍ଷକୁ ଥରେ ବ୍ରତାଧାରୀମାନେ ଦଣ୍ଡଯାତ୍ରା ପ୍ରାରମ୍ଭରୁ ଘରୁ ବାହାରି ମା'ଙ୍କ ମନ୍ଦିର ଓ ବିଭିନ୍ନ ଗାଁଗଣ୍ଡାରେ ଦଣ୍ଡଯାତ୍ରା କରିବା ଏବଂ ଭକ୍ତଙ୍କ ଗହଣରେ ମନ୍ଦିର ବାହାରେ ବୁଲିବାର ସୁଯୋଗ ପାଇଥାନ୍ତି । ତେଣୁ ଏହି ୧୩ଦିନ ମା'ଙ୍କର ଏକ ମହତ୍ୱକାଂକ୍ଷା ଗ୍ରହଣ କରିଥାଏ । ଏହି ୧୩ ଦିନ ପର୍ଯ୍ୟନ୍ତ କଠିନ ବ୍ରତପାଳନ କରୁଥିବା ଭକ୍ତମାନେ କେବଳ ଦିନକୁ ପ୍ରାୟ ଥରେ ଅନ୍ନ ସେବନ କରିଥାନ୍ତି ଏବଂ ଆଖାପାଖ ଅଂଚଳରେ ଯେଉଁ ମାନସିକଧାରୀ ଦଣ୍ଡଯାତ୍ରା କରିବା ନିମନ୍ତେ ମା'ଦକ୍ଷିଣକାଳୀଙ୍କୁ ଆମନ୍ତ୍ରିତ କରିଥାନ୍ତି, ତାଙ୍କ ଘର ସମ୍ମୁଖରେ ରୀତିନୀତି ଅନୁସାରେ ପୂଜାପାଠ କରାଯାଇଥାଏ ।

ଆମନ୍ତ୍ରିତ କରିଥିବା ପରିବାର ଓ ବନ୍ଧୁବାନ୍ଧବମାନେ ମା'ଙ୍କ ଆର୍ଶିବାଦ ଭିକ୍ଷାଗ୍ରହଣ କରିବା ସହ ରାତ୍ରୀ ସମୟରେ ଦଣ୍ଡଯାତ୍ରାର ଆୟୋଜନ ମଧ୍ୟ କରିଥାନ୍ତି । ଦିନବେଳା ପାଣିଦଣ୍ଡ ଭାଙ୍ଗିବା ପରେ ସେମାନେ ମା'ଙ୍କୁ ନେଇ ସ୍ନାନ କରିବାକୁ ଚାଲିଯାଇଥାନ୍ତି । ସ୍ନାନ କରାଯାଉଥିବା ନଦୀ କିମ୍ବା ହ୍ରଦ ନିକଟରେ ବାଲୁକାପୂଜା ସ୍ଥାପନ ସହ ଭକ୍ତମାନେ ଖଇ, ଲିଆ, ଗୁ ଦହି, କଦଳି ଇତ୍ୟାଦି ସେବନ କରି କୌଣସି ଏକ ନିକାଂଚନ ସ୍ଥାନରେ ବିଶ୍ରାମ ନେଇଥାନ୍ତି ଏବଂ ରାତ୍ରୀ ସମୟରେ ମା'ଙ୍କ ଦଣ୍ଡଯାତ୍ରା ପ୍ରାରମ୍ଭ କରାଯାଇଥାଏ । ସାଧାରଣତଃ ଦଣ୍ଡନୃତ୍ୟରେ ବିଭିନ୍ନ ପୌରାଣିକ ଧାରାବାହିକ ଯଥା, ଲକ୍ଷ୍ମୀପୁରାଣ, ନାଭକେଳୀ, ଭୂତକେଳୀ, ଛଦ୍ମବେଶ ଓ ଏମିତି କି, ବିଭିନ୍ନ ପୌରାଣିକ ଗାଥା ମାଧ୍ୟମରେ ଦଣ୍ଡନୃତ୍ୟ ଦଣ୍ଡୁଆମାନେ ପରିବେଷଣ କରିଥାନ୍ତି ଯାହାକି ଲୋକଙ୍କ ମନକୁ ତାଙ୍କର ଏହି କଳାପ୍ରଦର୍ଶନ ବେଶ ଆନନ୍ଦିତ କରିଥାଏ । ତାଳଚେର ସହର ଠାରୁ ଗ୍ରାମାଂଚଳ ପର୍ଯ୍ୟନ୍ତ ବେଶ ଚର୍ଚ୍ଚିତ ଏହି ଦଣ୍ଡଯାତ୍ରା । ଦଣ୍ଡୁଆମାନେ ଗାଁଗଣ୍ଡା, ସାହି, ଗଳିକନ୍ଦି ଇତ୍ୟାଦି ସ୍ଥାନ ଗୁ ନିଜର କଳାପ୍ରଦର୍ଶନ କରିଥାନ୍ତି । ଦଣ୍ଡଯାତ୍ରାର ଅନ୍ତିମ ଦିବସ ଅର୍ଥା ମା'ଙ୍କ "ମେରୁଯାତ୍ରା' ହୁଏ । ଏହି ମେରୁଯାତ୍ରାରେ ଦିନ ତମାମ ମା'ଙ୍କ ପୂଜା ଚାଲିଥାଏ, ପୂର୍ବ ପ୍ରଥା ଅନୁଯାୟୀ ଚେଲା, ଚାମୁଣ୍ଡା ଇତ୍ୟାଦିଙ୍କ ଉଦ୍ଦେଶ୍ୟରେ ବଳୀ ଦେବାର ବିଧି ମଧ୍ୟ ରହିଛି । ମେରୁଯାତ୍ରାର ସନ୍ଧ୍ୟା ସମୟରେ ନିଆଁରେ ଝୋଲିବା, କଂଟା ଦୋଳିରେ ବସିବା, ବିଭିନ୍ନ ପ୍ରଥା ସମାପନ ପରେ ଭକ୍ତମାନେ ଦଣ୍ଡଯାତ୍ରା ସାରି ଘର ବାହୁ ହୋଇଥାନ୍ତି । ଏହି ମେରୁଯାତ୍ରା ଦେଖିବାକୁ ମଧ୍ୟ ଆଖାପାଖ ଅଂଚଳରୁ ହଜାର ହଜାର ଭକ୍ତଙ୍କ ସମେତ ଶ୍ରଦ୍ଧାଳୁମାନଙ୍କ ଭି ଜମିଥାଏ ।

## ସିବିଏସଇ ଦଶମ ପରୀକ୍ଷା ଫଳ ପ୍ରକାଶିତ

# ଡିପିଏସର ଶତପ୍ରତିଶତ ସଫଳତା, ଶ୍ରୀୟାଶିଳ୍ପୀ ସାହୁ ଟପ୍ପର

ଢେଙ୍କାନାଳ ,(ସବ୍ୟୁ) : ଢେଙ୍କାନାଳ ସହର ନିକଟସ୍ଥ ଦିଲ୍ଲୀ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀ ମାନେ ଶତପ୍ରତିଶତ ସଫଳତା ହାସଲକରିଛନ୍ତି ।ଡିପିଏସ ର ମୋଟ ୧୬୦ଜଣ ଛାତ୍ରଛାତ୍ରୀ ଚଳିତ ବର୍ଷ ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ୨୫ଜଣ ଛାତ୍ରଛାତ୍ରୀ ୯୫ ପ୍ରତିଶତରୁ ଅଧିକ ନମ୍ବର ରଖି ପାସ କରିଥିବା ବେଳେ ୪୮ ଜଣ ଛାତ୍ରଛାତ୍ରୀ



୯୦ପ୍ରତିଶତରୁ ଅଧିକ ନମ୍ବର ରଖି ପାସ କରିଛନ୍ତି । ବିଦ୍ୟାଳୟର ଛାତ୍ରୀ ଶ୍ରୀୟାଶିଳ୍ପୀ ସାହୁ ୯୯ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟର ସୁନାମ ଅର୍ଜନ କରିବା ସହିତ ଟପର ହୋଇଛନ୍ତି । ଛାତ୍ରଛାତ୍ରୀଙ୍କ ସଫଳତାକୁ ନେଇ ବିଦ୍ୟାଳୟର ଅଧକ୍ଷ ସୁବ୍ରମଣ୍ୟ କୁମାର ଶ୍ରୀପଦ,ପ୍ରୋ ଭାଇସଚେୟାରମ୍ୟାନ ବିନୋଦ ଦାଶ,ନିର୍ଦ୍ଦେଶକ ଡ.ଲଗ୍ନଜିତ ଦାଶ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ପ୍ରଦାନ କରିବା ସହିତ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି ।

## ପତ୍ନୀଙ୍କୁ ଯୌତୁକ ନିର୍ଯାତନା

ଠାକୁରଗଡ଼ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ଥାନା ମଧୁପୁର ଗ୍ରାମର ଅମ୍ବିକା ନାୟକଙ୍କୁ ତାଙ୍କ ସ୍ୱାମୀ ଅଜୟ ନାୟକ, ଶଶୁର ରଘୁ ନାୟକ, ଶାଶୁ ମଞ୍ଜୁ ନାୟକ ଯୌତୁକ ନିର୍ଯାତନା ଦେବା ସହ ଘରୁ ବାହାର କରି ଦେଇଥିବା ଅମ୍ବିକା ହଣ୍ଡପା ଥାନାରେ ମଙ୍ଗଳବାର ଦିନ ଅଭିଯୋଗ କରିଛନ୍ତି ।

ତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନମ୍ବର ୧୩୨/୨୬ ରେ ଏକ ମାମଲା ରୁଜୁ କରିଛି । ପୋଲିସ କହିଛି ଯେ ଅମ୍ବିକାଙ୍କୁ କିଛି ବର୍ଷ ତଳେ ଅଜୟ ବିବାହ କରିଥିଲେ ।ହେଲେ ତାଙ୍କୁ ଅନେକ ସମୟ ରେ ତାଙ୍କ ବାପ ଘରୁ ଯୌତୁକ ଆଣିବା ପାଇଁ କହି ମାଡ଼ ମାରିବା ସହ ନିର୍ଯାତନା ଦେଉଥିଲେ । ଏପରିକି ସେ ଅନ୍ୟତ୍ର ଏକ ଝିଅକୁ ଦ୍ୱତୀୟ ବିବାହ କରି ତାଙ୍କୁ ଘରୁ ବାହାର କରି ଦେଇଥିବା ସେ ଅଭିଯୋଗ ପତ୍ରରେ ଉଲେଖ କରିଛନ୍ତି ।

## ପୋଡିଗଲା ୧୦ ବଖରା

କାମାକ୍ଷାନଗର ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ବଡ଼ସୁଆଁଳ ପଞ୍ଚାୟତ ଅନ୍ତର୍ଗତ କନ୍ଧବୋଲ ଗ୍ରାମରେ ଭୟାବହ ଅଗ୍ନିକାଣ୍ଡ ଘଟି ଦଶ ବଖରା ଘରପୋଡି ପାଉଁଶ ହୋଇଯାଇଛି । ସୂଚନା ଅନୁସାରେ ଆଜି ଦ୍ୱିପହର ସମୟରେ ଗ୍ରାମର ଦୟାନିଧି ପ୍ରଧାନ, ଗୋବର୍ଦ୍ଧନ ପ୍ରଧାନ ଏବଂ ଶିଶିର ପ୍ରଧାନଙ୍କ ଘରେ କୌଣସି କାରଣରୁ ନିଆଁ ଲାଗିଥିଲା ।ନିଆଁର ପ୍ରକୋପ ଏତେ ଭୟଙ୍କର ଥିଲା ଯେ ହଠାତ ନିଆଁ ବ୍ୟାପୀ ଯାଇ ପ୍ରାୟ ଦଶ ବଖରା ଘରକୁ ଜାଳି ପୋଡି ନଷ୍ଟ କରିଦେଇଥିଲା । ଅଗ୍ନିକାଣ୍ଡରେ ସମସ୍ତ ପରିବାରର ଆସବାବପାତ୍ର, ଧାନ, ଚାଉଳ ଓ ଆବଶ୍ୟକୀୟ କାଗଜପତ୍ର ପୋଡି ପାଉଁଶ ହୋଇ ଯାଇଛି । ଖବର ପାଇ କାମାକ୍ଷାନଗର ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚିନିଆଁକୁ ଆୟତ୍ତ କରିଥିବା ବେଳେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି ।ଅଗ୍ନିବିପନ୍ନ ମାନେ ଗରିବ ଶ୍ରେଣୀର ହୋଇଥିବା ବେଳେ ତୁରନ୍ତ ସେମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ନିମନ୍ତେ ଦାବି ହୋଇଛି ।

# ଟାଟାଷ୍ଟିଲ ମେରାମଣ୍ଡଳୀ ପକ୍ଷରୁ ଅଗ୍ନି ନିରାପତ୍ତା ସଚେତନତା

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ ନରେନ୍ଦ୍ରପୁର ସ୍ଥିତ ଟାଟା ଷ୍ଟିଲ୍ ମେରାମଣ୍ଡଳୀ ତରଫରୁ ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ବଳରାମପ୍ରସାଦ ସ୍ଥିତ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ଠାରେ ଏକ ଅଗ୍ନି ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି ।



ଟାଟାଷ୍ଟିଲ ମେରାମଣ୍ଡଳି ର ସେଫଫି ବିଭାଗ ଆନୁକୂଲ୍ୟରେ ଅଗ୍ନିଶ୍ରମ ଅଧିକାରୀ ସଞ୍ଜୟ ସାମଲଙ୍କ ତତ୍ୱାବଧାନରେ ବିଭିନ୍ନ ପ୍ରକାରର କୌଶଳ ଶିଖାଇବା ସହିତ ସଚେତନତା କରିଥିଲେ ।ଏହି କାର୍ଯ୍ୟକ୍ରମରେ ଟାଟାଷ୍ଟିଲ କର୍ମଚାରୀ ଭବେନ କର, ରବିନାରାୟଣ ବେହେରା, ରଣଜିତ ନାୟକ, ସୁବ୍ରତ କୁମାର ବେହେରା, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲଳିତ ମୋହନ ପ୍ରଧାନ ଓ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ମାନେ ସହଯୋଗ କରିଥିଲେ । ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## କାକବନ୍ଧ ଆଶ୍ରମ ସ୍କୁଲ ଛାତ୍ରୀ ମୃତ୍ୟୁ ଘଟଣା

# ମୃତ ଛାତ୍ରୀଙ୍କ ପରିବାରଙ୍କୁ ଭେଟିଲା କଂଗ୍ରେସ ଅନୁସନ୍ଧାନକାରୀ ଟିମ୍



ବାରିପଦା, (ସବ୍ୟୁ) : କାକବନ୍ଧ ଆଶ୍ରମ ସ୍କୁଲରେ ପହଞ୍ଚିଲା କଂଗ୍ରେସ ଅନୁସନ୍ଧାନ କାରି ଦଳ। ମୃତକ ଛାତ୍ରୀ ରୂପାଲୀ ବେସ୍ରାଙ୍କ ପରିବାରକୁ ୫୦ଲକ୍ଷଟଙ୍କାର କ୍ଷତିପୂରଣ ତଥା ଛାତ୍ରୀର ବାପା କିମ୍ବା ମାଆଙ୍କୁ ସ୍ଥାୟୀ ନିଯୁକ୍ତି ଦାବି। ସମସ୍ତ ଅସୁସ୍ଥ ଛାତ୍ରୀମାନଙ୍କ ସବୁପ୍ରକାର ଚିକିତ୍ସା ଖର୍ଚ୍ଚ ସରକାର ବହନ କରନ୍ତୁ। ଘଟଣାର ଉଚ୍ଚସ୍ତରୀୟ ତଦନ୍ତକରି ଦୋଷୀ ଅଫିସର ଓ ସ୍କୁଲର ଶିକ୍ଷକମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ।

ସମସ୍ତ ଆଶ୍ରମ ସ୍କୁଲ ଗୁଡିକରେ ଆଦିବାସୀ ଛାତ୍ରଛାତ୍ରୀ ମାନଙ୍କ ସୁରକ୍ଷା, ଖାଦ୍ୟର ମାନ ଓ ସ୍କୁଲ ପରିଚାଳନା କ୍ଷେତ୍ରରେ ଚରମ ଅବହେଳା ଦେଖିବାକୁ ମିଳୁଛି, ଏହାର ତୁରନ୍ତ ପ୍ରତିକାର କରାଯାଉ। ଏହି ୬ଜଣିଆ ପ୍ରତିନିଧି ଦଳରେ କଂଗ୍ରେସର ବରିଷ୍ଠ ନେତା ସୁଦର୍ଶନ ଦାସ, ପୂର୍ବତନ ସାଂସଦ ତଥା ଆଦିବାସୀ କଂଗ୍ରେସ ସଭାପତି ଯଶୋବନ୍ତ ସିଂ ଲାଗୁରି, ବାଲେଶ୍ୱର ଜିଲ୍ଲାସଭାପତି ସତ୍ୟଶିବ ଦାସ, ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ମହିଳା କଂଗ୍ରେସ ନେତ୍ରୀ ଜୟଶ୍ରୀ ପଟ୍ଟନାୟକ ଓ ମନୀଷା ଦାସ ପଟ୍ଟନାୟକ ସାମିଲ ଥିଲେ। ସେମାନଙ୍କ ସହିତ ମୟୂରଭଞ୍ଜ ପଶ୍ଚିମ ଜିଲ୍ଲା ସଭାପତି ଭୁବନ ସାହୁ, ବାଲେଶ୍ୱର ଜିଲ୍ଲା ସାଧାରଣ ସମ୍ପାଦକ ତଥା ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ସଂଯୋଜକ ମଧୁସୂଦନ ଦାସ, ରାଜୀବଗାନ୍ଧୀ ପଂଚାୟତି ରାଜ ସଂଗଠନ ର ରାଜ୍ୟ ସାଧାରଣ ସମ୍ପାଦକ ମୀନକେତନ ବେହେରା, କ୍ଷୀରୋଦ ଚନ୍ଦ୍ର ପାତ୍ର, ଲକ୍ଷ୍ମୀଧର ସିଂହ, ମାଧବୀ ସେନାପତି, ଭୁବନେଶ୍ୱରୀ ଜେନା, ସସ୍ମିତା ବେହେରା, ନାରାୟଣ ପଟ୍ଟନାୟକ, ପ୍ରଭାସ କର ମହାପାତ୍ର ପ୍ରମୁଖ ପ୍ରତିନିଧି ଦଳ ସହିତ ଯୋଗ ଦେଇଥିଲେ।

ପ୍ରତିନିଧି ମଣ୍ଡଳୀ ପ୍ରଥମେ ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତଥା ବାରିପଦା ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଛାତ୍ରୀମାନଙ୍କୁ ଦେଖାକରି ସେମାନଙ୍କ ଚିକିତ୍ସା ଓ ସ୍ୱାସ୍ଥ୍ୟ ବିଷୟରେ ପଚାରି ବୁଝିଥିଲେ। ଲୁଣଚାଟି ଗାଁକୁ ଯାଇ ରୂପାଲୀଙ୍କ ପରିବାର ବର୍ଗ ଓ ବାପା ମାଆଙ୍କୁ ଭେଟି ସେମାନଙ୍କୁ ସାନ୍ତ୍ୱନା ଦେଇଥିଲେ। କାକବନ୍ଧ ସ୍ଥିତ ଆଶ୍ରମ ସ୍କୁଲକୁ ମଧ୍ୟ ପ୍ରତିନିଧି ମଣ୍ଡଳୀଯାଇ ସ୍କୁଲର ଶିକ୍ଷକ ଓ ସ୍ଥାନୀୟ ଗ୍ରାମବାସୀଙ୍କ ସହିତ ଆଲୋଚନା କରି ବିଭିନ୍ନ ତଥ୍ୟ ସଂଗ୍ରହ କରିଥିଲେ।

ମଙ୍ଗଳବାର ଛାତ୍ରୀ ରୂପାଲୀର ମୃତ୍ୟୁ ପରେ ସ୍ଥାନୀୟ ବାସିନ୍ଦା ମାନଙ୍କ ଭିତରେ ଉତ୍ତେଜନା ଆସିବା ସ୍ୱାଭାବିକ। ଏହି ଉତ୍ତେଜନାକୁ ଧୈର୍ଯ୍ୟର ସହିତ ମୁକାବିଲା କରିବା ପୁଲିସ ଓ ପ୍ରଶାସନ ପାଖରୁ ଆଶା କରାଯାଉଥିଲା। ମାତ୍ର ତା ପରିବର୍ତ୍ତେ ପୁଲିସ ସାଧାରଣ ଜନତାଙ୍କ ଉପରେ ଲାଠି ପ୍ରହାର କରିବା ଓ ଅନେକ ଲୋକଙ୍କ ନାମରେ ମିଥ୍ୟା କେଶ ଦାୟର କରାଯାଇଛି। ଏହାକୁ କଂଗ୍ରେସ ଦଳ ଦୃଢନିନ୍ଦା କରିବା ସହିତ ସାଧାରଣ ଜନତାଙ୍କ ବିରୁଦ୍ଧରେ ସମସ୍ତ ମାମଲାକୁ ପ୍ରତ୍ୟାହାର କରିବା ପାଇଁ ଦାବି କରିଛି। ଏହି ପରିପ୍ରେକ୍ଷୀରେ ବୁଧବାର ସନ୍ଧ୍ୟାରେ ବାରିପଦା ସର୍କିଟ୍ ହାଉସ ଠାରେ କଂଗ୍ରେସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।

# ଅପରେସନ ପ୍ରହାର ପାଇଁ ନିଶା ବେପାରୀ ଛାନିଆ

ବଆଁରପାଳ ,(ସବ୍ୟୁ) : ଅପରେସନ ପ୍ରହାର ପାଇଁ ଚୋରା ନିଶା ବେପାରୀ ଛାନିଆ ହୋଇ ପଡିଛନ୍ତି । ଅନୁଗୋଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ଥାନା ଆଂଚଳରୁ ପ୍ରତେକ ମାସରେ ବିପୁଳ ପରିମାଣର ଗଞ୍ଜେଇ ଜବତ କରୁଛି ପୋଲିସ । ଏଭଳି ଏକ ବଡ଼ ସଫଳତା ମିଳିଛି ବଆଁରପାଳ ଥାନା ପୋଲିସକୁ । କଟକ - ସମ୍ବଲପୁର ୫୫ନଂ ଜାତୀୟ ରାଜପଥ ରେ ଏକ କାରରେ ଚୋରା ଗଞ୍ଜେଇ ଆସୁଥିବାର ବଆଁରପାଳ ଥାନା ପୋଲିସକୁ ବିଶେଷ ସୂତ୍ରରୁ ସୂଚନା ମିଳିଥିଲା । ଅପରାହ୍ନ ସମୟରେ ଉକ୍ତ ରାସ୍ତାର ଗଡ଼ସନ୍ତ୍ରୀ ବସ ଷ୍ଟାଣ୍ଡ ଠାରେ ପୋଲିସ ଟିମ ଜଗିରହିଥିଲା ।

ଏହି ସମୟରେ (ଓଆର ୧୯ ଜି ୮୬୮ ) ମାରୁତି ସୁଜୁକି ସିଫଫ ଡିଜାୟାର କାରକୁ ଅଟକାଇ ଯାଞ୍ଚ କରିବାରୁ ୨୯ କିଲୋ ୯୮୦ ଗ୍ରାମ ଓଜନର ଗଞ୍ଜେଇ ସହ ୩୪୦ ଟଙ୍କା ଓ କାରକୁ ଜବତ କରିଥିଲେ । ଘଟଣା ସ୍ଥଳରୁ ଡ୍ରାଇଭର ଫେରାର ହୋଇ ଯାଇଥିବା ବେଳେ ଗଞ୍ଜେଇ ବ୍ୟବସାୟୀ ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ସିଂହପାଲି ଗ୍ରାମର ଶରତ ସିଂ (୩୨) ଙ୍କୁ ଗିରଫ କରି ଘଟଣାର ତଦନ୍ତ କରୁଛନ୍ତି । ଏହି ଚଢାଉରେ ସମୟରେ ଏସଆଇ ଅମିତ କୁମାର ମିଶ୍ର ,ଏସଆଇ ଲକ୍ଷଣ ମାଝୀ ,ଏସଆଇ ଜୟ କୁମାର ସାୟ , ପ୍ରମୁଖ ଉପସ୍ଥିତ ଥିଲେ ।

# କୋଲିୟରୀ ଥାନା ପକ୍ଷରୁ ଜଳଛତ୍ର ଉଦ୍‌ଘାଟନ

ତାଳଚେର, (ସବ୍ୟୁ) : ତାଳଚେର କୋଲିୟରୀ ଥାନା ପକ୍ଷରୁ ଗ୍ରୀଷ୍ମପ୍ରଭାହକୁ ଦୃଷ୍ଟିରେ ରଖି ଆଜି କୋଲିୟରୀ ଥାନା ସମ୍ମୁଖରେ ଅସ୍ଥାୟୀଭାବେ ଏକ ଜଳଛତ୍ର କେନ୍ଦ୍ର ଉଦଘାଟନ ହୋଇଛି । ଏହାକୁ ଏସ ଭରତ ସାହୁ ଉଦଘାଟନ କରିବା ସହ କୋଲିୟରୀ ଥାନା ଅଧିକାରୀ, ଟାଉନଥାନା ଅଧିକାରୀଙ୍କ ଉପସ୍ଥିତିରେ ଏହାର ଶୁଭ ଉଦଘାଟନ କରାଯାଇଥିଲା



। ନିଶ୍ଚିତ ପକ୍ଷେ ଏହା ସ୍ୱାଗତ ଯୋଗ୍ୟ ବୋଲି ଅଂଚଳରେ ଚର୍ଚ୍ଚା ହେଉଥିବା ବେଳେ କୋଲିୟରୀ ଥାନା ଅଧିକାରୀ ଶ୍ରୀ ଦାସଙ୍କୁ ଏଥିନେଇ ସାଧୁବାଦ ଜଣାଇଛନ୍ତି । ତେବେ ଏହି ରାସ୍ତାଦେଇ ଦୈନିକ ହଜାର ହଜାର ପଥଚାରୀ ଯାତାୟତ କରି ଆସୁଥିଲେ ହେଁ ହାଣ୍ଡିଧୁଆଁ ଠାରୁ ଛକ ପର୍ଯ୍ୟନ୍ତ କୌଣସି ପାନୀୟ ଜଳ ବ୍ୟବସ୍ଥା ନଥିବାରୁ ପଥଚାରୀମାନେ ପାଣିଟୋପେ ପାଇଁ ହଇରାଣ ହରକତ ହୋଇଥାନ୍ତି । ଏହାକୁ ଦୃଷ୍ଟିଦେଇ ଆଜି ନୂତନଭାବେ ଯୋଗଦେଇଥିବା କୋଲିୟରୀ ଥାନା ଅଧିକାରୀ ଆଜି ଏହାର ଶୁଭଉଦଘାଟନ କରିଥିଲେ ।

## ଛାତ୍ରୀଙ୍କୁ ଅଧ୍ୟାପକଙ୍କ ପ୍ରେମ ନିବେଦନ ପ୍ରସଙ୍ଗ

# କାର୍ଯ୍ୟାନୁଷ୍ଠାନ ଦାବି କଲା ବିଜୁ ଛାତ୍ର ଜନତା ଦଳ



ବାଲେଶ୍ୱର,(ସବ୍ୟୁ): ସମ୍ପ୍ରତି ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡ. ସନ୍ତୋଷ କୁମାର ନାୟକ ଜନୈକା ଛାତ୍ରୀଙ୍କୁ ସାମାଜିକ ଗଣମାଧମ ଜରିଆରେ ପ୍ରେମ ନିବେଦନ କରିବା ଅଭିଯୋଗ ହେବା ପରେ ତାଙ୍କୁ ନିଲମ୍ବନ କରାଯାଇଛି । ଅପରପକ୍ଷରେ ବାଲେଶ୍ୱର ବିଜୁ ଛାତ୍ରଜନତା ଦଳ ପକ୍ଷରୁ ଏହି ଘଟଣାର ନିରପେକ୍ଷ ତଦନ୍ତ ଦାବି କରି ଦୋଷୀକୁ ଦଣ୍ଡ ଦେବା ପାଇଁ ଏକ ସ୍ମାରକପତ୍ର କଲେଜ ଅଧକ୍ଷଙ୍କୁ ପ୍ରଦାନ କରାଯାଇଛି । ବିଜୁ ଛାତ୍ର ଜନତା ଦଳର ପୂର୍ବତନ ରାଜଯ ସମ୍ପାଦକ ବିଭୁଦତ୍ତ ପରିଡ଼ାଙ୍କ ନେତୃତ୍ୱରେ ଛାତ୍ର ନେତା ବିକାଶ କୁମାର ବେହେରା, ଅମିତ କୁମାର ମହାପାତ୍ର, ପ୍ରକାଶ ସାହୁ, ତପନ କୁମାର ଦାସ, ସଂଜୀବ ହାଇଟ୍, ସୃଷ୍ଟିଧର ଜେନା, ବିକାଶ ବେହେରା,ସିଦ୍ଧ ସାଇ ବେହେରା, ପ୍ରଭାକର ସେଠୀ ପ୍ରମୁଖ ଏକ ପ୍ରତିନିଧି ଦଳ ଆଜି ପୂର୍ବାହ୍ନରେ ଫକୀରମୋହନ କଲେଜର ଅଧକ୍ଷ ଡକ୍ଟର ଦିନେଶ ଚନ୍ଦ୍ର ଦାଶଙ୍କୁ ଭେଟି ଉକ୍ତ ସ୍ମାରକପତ୍ର ପ୍ରଦାନ କରିବା ସଂଗେସଂଗେ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ ।

# ସରିଲା ଉଡ଼ା : ଉଡ଼ିଲେ ୫୨ ଭକ୍ତା

ଠାକୁରମୁଣ୍ଡା,(ସବ୍ୟୁ): ଶତାଧିକ ବର୍ଷ ପୁରୁଣା ଠାକୁରମୁଣ୍ଡାର ପ୍ରସିଦ୍ଧ ଉଡ଼ା ଯାତ୍ରା ୧୪ ତାରିଖ ରାତିରେ ସମାପ୍ତ ହୋଇଛି । ଚଳିତ ବର୍ଷ ବହୁ ନୂଆ ପଦକ୍ଷେପ କାରଣରୁ ଉଡ଼ା ଯାତ୍ରା ସରସ ସୁନ୍ଦର ହୋଇଛି । ସଭାପତି ସ୍ଥାନୀୟ ତହସିଲଦାର ତଥା ମାଜିଷ୍ଟ୍ରେଟ ସମ୍ପିତ କର ଏବଂ ସମ୍ପାଦକ ପ୍ରକାଶ ସାହୁଙ୍କ ନେତୃତ୍ୱରେ ଶହେରୁ ଅଧିକ ନୂଆ ସଦସ୍ୟଙ୍କୁ ସାମିଲ କରାଯାଇଥିଲା ଓ ମା ବାସୁଳୀଙ୍କ ବହୁ ଭକ୍ତ ସ୍ୱତଃପ୍ରବୃତ୍ତ ଭାବେ ଯୋଡି ହେବା ସହ ଆର୍ଥିକ ସହଯୋଗ କରିବାରୁ ଆର୍ଥିକ ସମ୍ବଳ ବଢିଥିଲା । କମିଟି ତରଫରୁ ମନ୍ଦିର ପରିସର, ରାସ୍ତା, ଘାଟ, ବଜାର ଆଲୋକ ମାଳାରେ ସୁସଜ୍ଜିତ ହୋଇଛି।ପ୍ରତିବର୍ଷ ଉଡ଼ା ଖୁଣ୍ଟ ପ୍ରସ୍ତୁତିରେ ରାତି ୧୨ ଅତିକ୍ରମ କରୁଥିବାବେଳେ ଚଳିତ ବର୍ଷ ରାତି ୧୦ ବେଳକୁ ଖୁଣ୍ଟ, ଦଣ୍ଡା ପ୍ରସ୍ତୁତ ହୋଇଯାଇଥିଲା । ପରେ ମନ୍ଦିରରୁ କଣ୍ଟା ନେଇ କଣ୍ଟାଫୁଡ଼ା ଦେହୁରୀ ମାନେ କଣ୍ଟାଶାଳକୁ ଯାଇଥିଲେ । ସେଠାରେ ପୂଜା ପରେ ୧୨.୩୦ ବେଳକୁ କଣ୍ଟାଫୁଡ଼ା ଆରମ୍ଭ ହୋଇଥିଲା।ଭକ୍ତାମାନେ ୧.୩୦ ରେ ମନ୍ଦିର ବେଢାରେ ପହଞ୍ଚିଥିଲେ । ରାତି ୧.୩୫ ବେଳକୁ ଭକ୍ତା ଉଡିବା ଆରମ୍ଭ ହୋଇଥିଲା । ଜଣେ ପରେ ଜଣେ ଭକ୍ତା



ଦଣ୍ଡାର ଗୋଟିଏ ପାର୍ଶରେ ବନ୍ଧା ହୋଇ ଉଡିବା ପରେ ଭୋର ୪.୩୫ ରେ ୫୨ ଜଣ ଭକ୍ତା ଉଡି ସାରିଥିଲେ। ଭକ୍ତା ମାନେ ଉଡି ସାରିବା ପରେ ତାଙ୍କୁ ମନ୍ଦିର ନିକଟରେ ଶୁଆଇ ଦିଆଯାଏ । ଭକ୍ତାଙ୍କ ପିଠିରୁ ଫୁଡ଼ା ଯାଇଥିବା କଣ୍ଟା ଗୁଡିକୁ ଖୋଲି ଭରି ଦିଆଯାଏ ସିନ୍ଦୁର । ପରେ ବାନ୍ଧି ଦିଆଯାଏ ପଟି। ଯାହା କୌଣସି ଚିକିତ୍ସା ବିନା ଆପେ ଆପେ ଭଲ ହୋଇଯାଏ, ଭରିଯାଏ କ୍ଷତ । ତେବେ ପ୍ରଥମ ଥର ପାଇଁ ଉଡ଼ା ଯାତ୍ରାର ସିଧା ପ୍ରସାରଣ ବ୍ୟବସ୍ଥା କରାଯାଇଥିଲା। ଫଳରେ ଭିଡ଼ ନିୟନ୍ତ୍ରଣରେ ତାହା ବେଶ ଉପଯୋଗୀ ସାବ୍ୟସ୍ତ ହୋଇଥିଲା । ଉଡ଼ା ଯାତ୍ରାରେ ନିଜେ ବିଧାୟକ ପଦ୍ମ ଚରଣ ହାଇବୁରୁ, ଏସଡିପିଓ ନବ ଚରଣ ନାଏକ, ଥାନାଧିକାରୀଣୀ ସାବିତ୍ରୀ ଦଳେଇ, ତହସିଲଦାର ସମ୍ପିତ କର, କରଞ୍ଜିଆ, ମହୁଲଡିହା ଥାନା ଅଧିକାରୀ ତଥା କର୍ମଚାରୀ, ଡ୍ରାଇଭର ସଂଘ ସଦସ୍ୟ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆଖଣ୍ଡଳମଣିଙ୍କୁ ଜଳଛାୟା କଲେ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ

ଆରଡି,(ସବ୍ୟୁ): ମଙ୍ଗଳବାର ପବିତ୍ର ମହା ବିଷୁବ ସଂକ୍ରାନ୍ତି ତଥା ଓଡିଆ ନବବର୍ଷ ପାଇଁ ଉତ୍ସବମୁଖର ହୋଇ ଉଠିଥିଲା ଆରଡିଧାମର ବାବା ଆଖଣ୍ଡଳମଣିଙ୍କ ମନ୍ଦିର। ପଣା ସଂକ୍ରାନ୍ତି ଠାରୁ ଏକମାସ ଧରି ବାବାଙ୍କ ମନ୍ଦିରରେ ଶୀତଳ ଉପଚାର ବା ଜଳଛାୟା ନୀତି ଅନୁଷ୍ଠିତ ହେବା ବିଶ୍ୱାସ ରହିଛି ଗ୍ରୀଷ୍ମ ଋତୁରେ ପ୍ରଚଣ୍ଡ ରୁଦ୍ରତାପରୁ ମଣିବାବାଙ୍କର ଉପଶମ ନିମନ୍ତେ ଶହଶହ ଗୋପାଳ ଭକ୍ତମାନେ ବିଭିନ୍ନ ନଦୀରୁ ଜଳଭାର ଧରି ବାବାଙ୍କ ପାଖକୁ ଆସି ସେବାୟତଙ୍କ ଦ୍ୱାରା ଜଳଲାଗି କରିଥାନ୍ତି। ଏଥିପାଇଁ ଭୋର ୫ଟାରୁ ଗୋପାଳ ଭକ୍ତମାନେ ୨ଗୋଟି ପିତଳ କଳସୀରେ ଜଳଭାର ଧରି ପହଂଚିଥିଲେ ବାବାଙ୍କ ପୀଠରେ ପ୍ରଶାସନ ପକ୍ଷରୁ କରାଯାଇଥିବା ସ୍ୱତନ୍ତ୍ର ବ୍ୟାରିକେଡ଼ରେ ଯାଇ ସେବାୟତଙ୍କ ଦ୍ୱାରା ଜଳଲାଗି କରିଥିଲେ। ଅନ୍ୟପଟେ ହଜାରହଜାର ଭକ୍ତମାନଙ୍କର ଭିଡକୁ ଦୃଷ୍ଟିରେ ରଖି ଶୃଙ୍ଖଳିତ ଦର୍ଶନ ଓ ପୂଜାର୍ଚ୍ଚନା ନିମନ୍ତେ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା ମନ୍ଦିର ଭିତରେ ଓ ।ହାରେ। ଭିଡକୁ ଦୃଷ୍ଟିରେ ରଖି ଜିଲ୍ଲା ପୁଲିସ ଓ ମନ୍ଦିର ପ୍ରଶାସନ ପକ୍ଷରୁ ପୀଠରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବେଳେ ସ୍ଥଳପଥ ଓ ଜଳପଥରେ ମଧ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଭକ୍ତମାନଙ୍କର ଭିଡ଼କୁ ଦୃଷ୍ଟିରେ ରଖି ଦୈନନ୍ଦିନ ନୀତିନିର୍ଘଣ୍ଟର ସାମନ୍ୟ ପରିବର୍ତ୍ତନ କରାଯାଇ ଭୋର ୪ଟାରେ ଦ୍ୱାରଫିଟା ଯାଇ ମଙ୍ଗଳ ଆଳତୀ ସହ ଘର୍ଷଣଲାଗି, ପଣାଭୋଗଲାଗି ଲାଗି ହେବା ପରେ ମଣିବାବାଙ୍କୁ ଦିଗମ୍ବର ବେଶରେ ପହିଲି ବାଲ୍ୟଭୋଗ ସମ୍ପନ୍ନ କରାଯାଇଥିଲା। ପରଜ ସକାଳ ୫ଟାରୁ ଗୋପାଳଭକ୍ତମାନେ ଧାଡିରେ ଯାଇ ମଧାହ୍ନ ୧୧ଟା ଯାଏଁ ଜଳଲାଗି କରିଥିଲେ। ।

## ଶାଳପଡା ଅଣ୍ଡରପାସ କେନ୍ଦୁଝରବାସୀଙ୍କୁ ଉତ୍ସର୍ଗୀକୃତ : ମୁଖ୍ୟମନ୍ତ୍ରୀ

କେନ୍ଦୁଝର , (ଜିପ୍ର) : କେନ୍ଦୁଝର ଅଂଚଳରେ ଟ୍ରାଫିକ ନିୟନ୍ତ୍ରଣ ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝରର ଶାଳପଡା ଠାରେ ନୂତନ କ୍ଲଓ-୨୦ର ପାଣିକୋଇଲି-ରିମୁଲି ସେକ୍ସନରେ ନବନିର୍ମିତ ଅଣ୍ଡରପାସର ଫ୍ଲାଇଓଭର ଉଦଘାଟନ କରିଛନ୍ତି।ସୂଚନାଯୋଗ୍ୟ ଯେ ପ୍ରାୟ ୮୫୦ ମିଟରରୁ ଊର୍ଦ୍ଧ୍ୱ ଲମ୍ୱର ନିର୍ମିତ ଏହି ଅଣ୍ଡରପାସ ଏନଏଚ-୨୦ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ସଡ଼କ ଭାବରେ ବିକଶିତ ହୋଇଛି, ଯାହାକି ରାଜ୍ୟର ପ୍ରମୁଖ ଶିଳ୍ପ, ଖଣି ଏବଂ ବାଣିଜ୍ୟିକ କ୍ଷେତ୍ରଗୁଡ଼ିକୁ ସଂଯୋଗ କରୁଥିବା ଗୁରୁତ୍ୱପୂର୍ଣ୍ଣ ରାଜପଥ ମଧ୍ୟରୁ ଗୋଟିଏ। ଏଣୁ ଏହି ପ୍ରକଳ୍ପ ସ୍ଥାନୀୟ ଅଂଚଳର ଟ୍ରାଫିକ ହ୍ରାସ କରିବା।ଶାଳପଡାଠାରେ ଅବସ୍ଥିତ ଏହି ଅଣ୍ଡରପାସ , ଶାଳପଡା, ଖପରାଖାଇ, ବାରିଗାଁ ଓ ସୁଡୁସୁଡ଼ିଆ ଭଳି ନିକଟବର୍ତ୍ତୀ ଅଞ୍ଚଳରୁ ଟ୍ରାଫିକ ହ୍ରାସ କରିବା। ଏହା ଏକ ଗ୍ରେଡ ସେପାରେଟର୍ ଭାବରେ କାର୍ଯ୍ୟ କରିବା ସହିତ ସୁଗମ ପରିବହନ ଏବଂ ନିରବଚ୍ଛିନ୍ନ ଗତିବିଧି ସୁନିଶ୍ଚିତ ଓ ସହିତ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ସୁରକ୍ଷିତ ପଦଯାତ୍ରୀ କ୍ରସିଂ ମଧ୍ୟ ପ୍ରଦାନ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି । ଏହି ଉଦଘାଟନ ସମଗ୍ର ଓଡ଼ିଶାରେ ଭିତ୍ତିଭୂମି ବିକାଶ ଏବଂ ସଡ଼କ ସୁରକ୍ଷା ବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାର ଆଉ ଏକ ପଦକ୍ଷେପ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।ଉକ୍ତ ଉଦଘାଟନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଡଃ ଫକୀର ମୋହନ ନାଏକ ଓ ଜିଲ୍ଲାପାଳ ବିଶାଳ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲା ପ୍ରଶାସନର ନାରୀ ଶକ୍ତି ବନ୍ଦନ ସଚେତନତା ଶୋଭାଯାତ୍ରା



ବାଲେଶ୍ୱର,(ସବ୍ୟୁ): ନାରୀ ଶକ୍ତି ବନ୍ଦନ ସଚେତନତା ସଭାଯାତ୍ରା ଆୟୋଜିତ ହୋଇଥିଲା । ଆଗାମୀ ଦିନରେ ଖୁବ୍ ଶୀଘ୍ର ନାରୀ ଶକ୍ତି ବନ୍ଦନ ଅଧିନିୟମ ବିଲ ସଂସଦରେ ପାରିତ ହେବ । ଏହା ଦ୍ୱାରା ନାରୀ ମାନେ ସାଧାରଣ ନିର୍ବାଚନରେ ୩୩% ସଂରକ୍ଷଣ ପାଇପାରିବେ । ଏହା ଭାରତ ସରକାରଙ୍କ ନାରୀ ମାନଙ୍କ ପ୍ରତି ଏକ ସୁପରିକଳ୍ପିତ ଚିନ୍ତାଧାରା । ଏହି ସଭାଯତ୍ରା ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନରୁ ବାହାରି ଆୟୁଷ୍ମାନ କଲଯାଣ ମଣ୍ଡପ ପର୍ଯ୍ୟନ୍ତ ହୋଇଥିଲା । ଏଠାରେ ଆଜିକାର ମୁଖଯ ଅତିଥି ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ଓଡ଼ିଶା ସରକାରୀ ଦଳର ଉପ ମୁଖ୍ୟ ସଚେତକ ତଥା ବିଧାୟକ, ରେମୁଣା ଗୋବିନ୍ଦ ଚନ୍ଦ୍ର ଦାସ ଓ ବିଧାୟକ ସଦର ମାନସ କୁମାର ଦତ୍ତ ପତାକା ହଲାଇ ଶୋଭାଯତ୍ରା କୁ ଆରମ୍ଭ କରିଥିଲେ । ଏହି ସମୟରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ନାରୀ ନେତ୍ରୀ ଶ୍ରୀମତୀ ମମତା ମହାପାତ୍ରଙ୍କ ସମେତ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ଶୋଭାଯାତ୍ରାରେ ବାଲେଶ୍ୱର ସଂସଦୀୟ କ୍ଷେତ୍ରର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୨୦୦୦ ସ୍ୱୟଂ ସହାୟକ ଗୋଷ୍ଠୀର ମା ମାନେ ସାମିଲ ଥିଲେ । ଆୟୁଷ୍ମାନ କଲ୍ୟାଣ ମଣ୍ଡପ ଠାରେ ସଭାଯାତ୍ରା ପହଞ୍ଚିବା ପରେ ସେଠାରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼ଃ ମଧୁସ୍ମିତା ସାମନ୍ତରାୟ, ମାନ୍ୟବର ଅଧକ୍ଷା, ବାଲେଶ୍ୱର ପୌରପାଳିକା ଶ୍ରୀମତୀ ସବିତା ସାହୁ, ନାରୀ ନେତ୍ରୀ ମମତା ମହାପାତ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଜେଜ୍ୟାସ୍ନା ମହାନ୍ତି, ପ୍ରିନ୍ସିପାଲ ଝାନସି ଜେନା ପ୍ରମୁଖ ମଂଚାସୀନ ଥିଲେ। ଜିଲ୍ଲାପାଳ ମୟୂର ବିକାଶ ମହୋଦୟ ନାରୀ ସଶକ୍ତିକରଣ ପ୍ରତି ରାଜଯ ସରକାର ଓ କେନ୍ଦ୍ର ସରକାର ନେଇଥିବା ପଦକ୍ଷେପ ଗୁଡ଼ିକର ଭୂୟସୀ ପ୍ରଶଂସା କରିଥିଲେ । ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଲୁକାଇତ ରହିଥିବା ପ୍ରତିଭାକୁ ଜାଗରଣ କରିବା ପାଇଁ ସଭାରେ ଉପସ୍ଥିତ ଥିବା ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ମା ମାନଙ୍କୁ ପରାମର୍ଶ ଦେଇଥିଲେ । ଆଗାମୀ ଦିନରେ ଖୁବ୍ ଶୀଘ୍ର କେନ୍ଦ୍ର ସରକାରଙ୍କ ଦ୍ୱାରା ନାରୀ ଶକ୍ତି ବନ୍ଦନ ଅଧିନିୟମ ବିଲ ସଂସଦରେ ଆଗତ କରାଯିବ। ସେଗୁଡିକ ହେଲା ବେଟି ବଚାଓ ବେଟି ପଢ଼ାଓ, ପ୍ରଧାନ ମନ୍ତ୍ରୀ ଉଜ୍ଜଳା ଯୋଜନା, ସୁକନ୍ୟା ସମୃଦ୍ଧି ଯୋଜନା, ସୁଭଦ୍ରା ଯୋଜନା ଇତ୍ୟାଦି।

# ବିଏସ୍‌ପି ପକ୍ଷରୁ ଆମ୍ବେଦକର ଜୟନ୍ତୀ ପାଳିତ

ବାଲେଶ୍ୱର, (ସବ୍ୟୁ): ବହୁଜନ ସମାଜପାର୍ଟି ପକ୍ଷରୁ ସମ୍ବିଧାନ ପ୍ରଣେତା ବିଶ୍ୱରନ୍ ବାବାସାହେବ ଡ. ବି.ଆର. ଆମ୍ବେଦକରଙ୍କ ୧୩୬ତମ ଜୟନ୍ତୀ ମଙ୍ଗଳବାର ସନ୍ଧ୍ୟାରେ ଆମ୍ବେଦକର ଭବନ ବାଲେଶ୍ୱର ଠାରେ ଏହାର ବରିଷ୍ଠ ନେତା ପ୍ରଫୁଲ୍ଲ ଜେନାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବହୁ ବିଏସ୍‌ପି କର୍ମୀ ଯୋଗ ଦେଇଥିଲେ। ଜିଲ୍ଲା ସଭାପତି ଡାକ୍ତର ମନୋଜ କିଶୋର ମାଝୀ ଯୋଗ ଦେଇ କହିଥିଲେ ରାଜତନ୍ତ୍ର ବ୍ୟବସ୍ଥାରେ କେବଳ ରାଣୀର ପୁଅ ରାଜା ହେଉଥିଲା। କିନ୍ତୁ ଗଣତନ୍ତ୍ର ବ୍ୟବସ୍ଥାରେ ଡ. ଆମ୍ବେଦକର ଚାଷୀ-ମୂଲିଆ, ବେପାରୀ, ପୂଜାରୀର ପିଲାମାନଙ୍କୁ ରାଜା ହେବାର ଅଧିକାର ଦେଇଛନ୍ତି। ସ୍ୱାଧୀନତା ପରବର୍ତ୍ତୀ ସମୟରେ ବାବା ସାହେବ ଡ. ଆମ୍ବେଦକର ସମ୍ବିଧାନ ରଚନା କରି ଦେଶବାସୀଙ୍କୁ ପାଞ୍ଚବର୍ଷରେ ଥରେ ରାଜା ବାଛିବାର ଅଧିକାର ଦେଲେ। ଏହି ଜୟନ୍ତୀ କାର୍ଯ୍ୟକ୍ରମରେ ସର୍ବଶ୍ରୀ ନିରଞ୍ଜନ ମହାଳିକ, ଆଡ଼ଭୋକେଟ୍ ସୌଭାଗ୍ୟ ମଲ୍ଲିକ୍, ଗଗନ ପାତ୍ର, ମିନତୀ ଜେନା, ପ୍ରହ୍ଲାଦ ଦାସ, ଭୋଳାନାଥ ବେହେରା, କୈଳାସ ଦାସ, ଉପେନ୍ଦ୍ର ଦାସ, ବେଦସ୍ମିତା ଦାସ ଓ ଗୋବିନ୍ଦ ବେହେରା ପ୍ରମୁଖ ଯୋଗଦେଇଥିଲେ ।ଶେଷରେ ନେତ୍ରୀ ଆରତୀ ମାଝୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ପାଣିରେ ପଡି ବୃଦ୍ଧା ମୃତ

ନୀଳଗିରି, (ସବ୍ୟୁ): ପାଣିରେ ପଡି ବୃଦ୍ଧା ମୃତ।ଏଭଳି ଅଘଟଣ ନୀଳଗିରି ବ୍ଲକ ଧୋବଶିଳା ପଞ୍ଚାୟତ ଉଡ଼ାପଦା ନିକଟ ରାବିଡିସାହି ଅଞ୍ଚଳରେ ଘଟିଛି। ମୃତକ ହେଲେ ରଇବାରି ସିଂ ରାବିଡିସାହି ଅଞ୍ଚଳରେ ଥିବା ସୁରେଶ ଦାସଙ୍କ ଘରୋଇ ପୋଖରୀକୁ ଗାଧୋଇବା ପାଇଁ ଯାଇଥିବା ବେଳେ ବୁଡ଼ି ଯାଇଥିଲେ।ତାଙ୍କୁ ଖୋଜାଖୋଜି କରିବା ପରେ ପାଣିରୁ ଉଦ୍ଧାର ପରେ ନୀଳଗିରି ହସ୍ପିଟାଲକୁ ନିଆଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ।ପୋଲିସ ଏନେଇ ଅପମୃତ୍ୟୁ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ କରିଛି ।

# ଜିଲ୍ଲା ପ୍ରଶାସନ ପାଳନ କଲା ଆମ୍ବେଦକରଙ୍କ ଜୟନ୍ତୀ, ଓଡ଼ିଆ ନବ ବର୍ଷ ଓ ପଣା ସଂକ୍ରାନ୍ତି



ବାଲେଶ୍ୱର,(ସବ୍ୟୁ): ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଓ ଜିଲ୍ଲା ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଭାରତରତ୍ନ ବାବା ସାହେବ ଡଃ ଭୀମ ରାଓ ଆମ୍ବେଦକରଙ୍କ ଜନ୍ମ ଜୟନ୍ତୀ ଏବଂ ଓଡ଼ିଆ ପକ୍ଷର ଶେଷ ଦିନ ଅବସରରେ ଓଡ଼ିଆ ନବ ବର୍ଷ ଓ ପଣା ସଂକ୍ରାନ୍ତି ପାଳିତ ହୋଇଛି । ମଙ୍ଗଳବାର ପୂର୍ବାହ୍ନ ୮ଟାରେ ସ୍ଥାନୀୟ ପୋଲିସ ଲାଇନ ଛକ ଠାରେ ଥିବା ଡଃ ଭୀମ ରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାଏକ ମାଲ୍ୟାର୍ପଣ କରିଥିଲେ। ୮ଟା୧୫ରେ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଓଡ଼ିଆ ନବ ବର୍ଷ ପାଳନ ଉପଲକ୍ଷେ ଝୋଟି, ଚିତା, ମୁରୁଜ ଓ ପିଠାପଣା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଅନେକ ସଂଖ୍ୟାରେ ସ୍ୱୟଂ ସହାୟକ ଗୋଷ୍ଠୀର ମା ମାନେ ଏଠାରେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମ ଜିଲ୍ଲା ସଂସ୍କୃତି ଅଧିକାରିଣୀ ସୁଶ୍ରୀ ମନସ୍ୱିନୀ ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ପୂର୍ବାହ୍ନ ସାଢ଼େ ୧୦ଟାରେ ବାଲେଶ୍ୱର ଜିଲ୍ଲାପାଳଙ୍କ ଅଡିଟୋରିୟମ ହଲ ଠାରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ଏଠାରେ ମୁଖ୍ୟ ଅତିଥି ଭାବେ ବିଧାୟକ ସଦର ମାନସ କୁମାର ଦତ୍ତ ଯୋଗଦେଇଥିଲେ। ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏହି ସଭାରେ ଅଧକ୍ଷତା କରିଥିଲେ । ତାଙ୍କ ସହିତ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାଏକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂହ, ମୁଖଯ କାର୍ଯଯ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ବାଲେଶ୍ୱର ସଞ୍ଜୟ କୁମାର ରାଉତ, ଅତିରିକ୍ତ କାର୍ଯଯ ନିର୍ବାହୀ ଅଧିକାରିଣୀ ତଥା ଭାରପ୍ରାପ୍ତ ଉପ ଜିଲ୍ଲାପାଳ, ବାଲେଶ୍ୱର ଡଃ ମଧୁସ୍ମିତା ସାମନ୍ତରାୟ ପ୍ରମୁଖ ମଞ୍ଚାସୀନ ଥିଲେ । ବାଲେଶ୍ୱର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବୁଦ୍ଧାନ ହେମ୍ବ୍ରମ ମଞ୍ଚ ପରିଚାଳନା କରିଥିଲେ । ଅତିଥିମାନେ ଡଃ ଭୀମ ରାଓ ଆମ୍ବେଦକରଙ୍କ ଜୀବନ ଦର୍ଶନ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ । ଉଭୟ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ର ଛାତ୍ରୀ ଏବଂ ଝୋଟି, ଚିତା, ମୁରୁଜ ଓ ପିଠାପଣା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ । ଅତିଥି ମାନଙ୍କ ସମେତ ସମସ୍ତେ ଓଡ଼ିଆ ନବ ବର୍ଷ ଏବଂ ପଣା ସଂକ୍ରାନ୍ତି ଅବସରରେ ପିଠା ଓ ପଣାର ମଜା ନେଇଥିଲେ ।

## ୫ ବର୍ଷ ପରେ ପଣା ସଂକ୍ରାନ୍ତିରେ ବୁଡ଼ିଗଲେ ସାନ ଭାଇ

ବାଲେଶ୍ୱର , (ସବ୍ୟୁ): ଯେଉଁ ନଦୀରେ ୫ ବର୍ଷ ତଳେ କାର୍ତ୍ତିକ ପୂର୍ଣ୍ଣିମାରେ ବଡ଼ ଭାଇ ବୁଡ଼ି ଯାଇଥିଲେ ସେହି ନଦୀରେ ପଣା ସଂକ୍ରାନ୍ତିରେ ବୁଡ଼ି ଚାଲିଗଲା ସାନ ଭାଇର ଜୀବନ। ମଙ୍ଗଳବାର ଦିନ ସେ ସେହି ନଦୀରେ ବୁଡ଼ି ଯାଇଥିବା ବେଳେ ବୁଧବାର ଦିନ ମିଳିଛି ତାଙ୍କର ମୃତଦେହ। ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଗୋବର୍ଦ୍ଧନପୁର ଗାଁରେ ଘଟିଛି ଏହି ଘଟଣା। ମୃତକଙ୍କ ନାଁ ସୁନୀଲ ନାଥ(୧୫)।ଗତକାଲି ପଣା ସଂକ୍ରାନ୍ତି ଥିବା ବେଳେ ପାଖ ଗାଁରେ ମେଳା ଅନୁଷ୍ଠିତ ହୋଇଥିଲା। ସୁନୀଲ ତାଙ୍କର ୪ ଜଣ ସାଙ୍ଗଙ୍କ ସହିତ ସୁବର୍ଣ୍ଣରେଖା ନଦୀ ପାର ହୋଇ ଉକ୍ତ ଗାଁକୁ ମେଳା ଦେଖିବାକୁ ଯାଇଥିଲେ। କିନ୍ତୁ ଫେରିଲା ବେଳେ ନଦୀ ପାର ହେଉଥିବା ବେଳେ ଭାସି ଯାଇଥିଲେ। ତାଙ୍କ ସାଙ୍ଗମାନେ ତାଙ୍କୁ ଉଦ୍ଧାର କରିବାକୁ ପ୍ରୟାସ କରି ବିଫଳ ହୋଇଥିଲେ। ସେମାନେ ସ୍ଥାନୀୟ ଲୋକଙ୍କୁ ଘଟଣା ସଂପର୍କରେ ଜଣାଇଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ନଦୀରେ ଖୋଜାଖୋଜି କରିଥିଲେ। ତା' ସହିତ ବସ୍ତା ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ମଙ୍ଗଳବାର ଦିନ ଅଗ୍ନିଶମ ବାହିନୀ ତାଙ୍କୁ ଖୋଜାଖୋଜି କରିଥିଲା, କିନ୍ତୁ ପାଇନଥିଲା। ୨୪ ଘଣ୍ଟାରୁ ଅଧିକ ସମୟ ବିତି ଯିବା ପରେ ବୁଧବାର ଅପରାହ୍ନରେ ତାଙ୍କୁ ଉଦ୍ଧାର କରାଯାଇଛି।

## ବାଇକ ଧକ୍କାରେ ବୃଦ୍ଧ ଗୁରୁତର

ଅସୁରାଳି,(ସବ୍ୟୁ): ଭଦ୍ରକ-ଆଖଣ୍ଡଳମଣି ୩୫ନଂ ରାଜ୍ୟ ରାଜପଥର ସରପୁର ଠାରେ ଅଜଣା ବାଇକ ଧକ୍କାରେ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି।ସେ ହେଉଛନ୍ତି ଧୃଷୁରୀ ଥାନା ଅଧୀନ ଖପରପଦା ପଞ୍ଚାୟତ ସରପୁର ଗ୍ରାମର ରମାକାନ୍ତ ଯେନା(୬୮)।ରମାକାନ୍ତ ତାଙ୍କ ଘର ନିକଟ ରାସ୍ତା ପାର୍ଶ୍ୱରେ ଆସୁଥିବା ବେଳେ ଏକ ଦ୍ରୁତ ଗତିରେ ତାଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା।ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।ସେଠାରୁ ସଙ୍କଟାପନ୍ନ ପରିସ୍ଥିତିରେ ରମାକାନ୍ତଙ୍କୁ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ ଭର୍ତ୍ତି କରାଯାଇଥିବା ଜଣାପଡିଛି।

## ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷାରେ ପିଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ସଫଳତା

କେନ୍ଦୁଝର, (ସବ୍ୟୁ): ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି । ଏଥର ପିଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, କେନ୍ଦୁଝରର ଛାତ୍ରଛାତ୍ରୀମାନେ ଆଶାନୁରୂପ ସଫଳତା ହାସଲ କରିଛନ୍ତି । ବିଦ୍ୟାଳୟର ମୋଟ ୮୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ ଓ ସମସ୍ତେ ଉକ୍ତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି । ମୋଟ ୧୧ ଜଣ ଛାତ୍ରଛାତ୍ରୀ ୯୦% ଉପରେ ନମ୍ବର ରଖି ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି । ସେମାନେ ହେଲେ ମହେଶ ରାମ ମହାନ୍ତ (୯୭. ୪%), ପ୍ରୀତିପ୍ରିୟଦର୍ଶିନୀ ବଳ(୯୬. ୮%),ସାଇକ୍ରିଷ୍ଣା ପଣ୍ଡା(୯୪. ୬%) ,ଦିବ୍ୟାଂଶା ବେହେରା(୯୪. ୨%) ,ସିମରନ ମହାନ୍ତ(୯୨. ୬%),ପ୍ରତୀକ୍ଷା ପ୍ରିୟଦର୍ଶୀ(୯୨. ୪%),ସାଇପ୍ରତ୍ୟୁଷ ସାମଲ(୯୧. ୮%),ପ୍ରତ୍ୟୁଷ କିରଣ(୯୧. ୮%),ରିଶପ ଶ୍ରେୟାଂଶ ଭୂୟାଁ( ୯୦. ୮%),ଜାନଭି ଚାଓ୍ୱଡା (୯୦. ୪%)ଏବଂ କିଙ୍ଗ ଶିବୁଲି ମୁର୍ମୁ (୯୦. ୨%)। ବିଦ୍ୟାଳୟର ଏହି ସଫଳତା ପାଇଁ ଅଧକ୍ଷ ସୁଶାନ୍ତ କୁମାର ସାହୁ ବିଦ୍ୟାଳୟର ସମସ୍ତ ଶିକ୍ଷକ,ଶିକ୍ଷୟିତ୍ରୀ ଓ ଅଭିଭାବକମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି ଓ ,ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ଜଳିଗଲା ଦୁଇ ବଖରା

ନୀଳଗିରି,(ସବ୍ୟୁ): ଜଳିଗଲା ଦୁଇ ବଖରା ଘର।ନୀଳଗିରି ବ୍ଲକ ଭର୍ଉଁରିଆବାଡ଼ ପଞ୍ଚାୟତ ତେନ୍ତୁଳାପଡା ଗ୍ରାମର ଲେଙ୍କା ସିଂଙ୍କ ଦୁଇ ବଖରା ଘର ଆଜି ହଠାତ ନିଆଁ ଲାଗି ଯାଇଥିଲା। ପ୍ରବଳ ଗ୍ରୀଷ୍ମ କାରଣରୁ ନିଆଁକୁ ଆୟତ୍ତ କରିବା କଷ୍ଟକର ହୋଇଯାଇଥିଲା। କ୍ଷଣିକ ମଧ୍ୟରେ ସବୁ ଆସବାପତ୍ର,ଧାନ,ଚାଉଳ ଓ ସାଇକେଲ ପୋଡି ପାଉଁଶ ହୋଇଯାଇଛି।ଦମକଳ ବାହିନୀ ଯାଇ ନିଆଁକୁ ଆୟତ୍ତ କରିବା ବେଳକୁ ସବୁ ପୋଡି ପାଉଁଶ ହୋଇ ଯାଇଥିଲା।

## ହାଇୱା ଧକ୍କାରେ ସାଇକେଲ ଆରୋହୀ ମୃତ

ଭଣ୍ଡାରିପୋଖରୀ, (ସବ୍ୟୁ): ମଞ୍ଜୁରୀରୋଡ ଫାଣ୍ଡି ଅନ୍ତର୍ଗତ ଛତାବର-ନିଳୋକ ପୁର୍ଭ ରାସ୍ତାର ନାଆମୀ ଛକରେ ହାଇୱା ଧକ୍କାରେ ଜଣେ ସାଇକେଲ ଆରୋହୀ ମୃତ୍ୟୁବରଣ କରିଥିବା ଜଣାଯାଇଛି। ବୁଧବାର ଅପରାହ୍ନ ୨ଟାରେ ଓଡି ୦୪ କେ ୨୯୩୧ନଂ ଟିପ୍ପ ବୋଝେଇ ହାଇୱା ସାଇକେଲରେ ଆସୁଥିବା କୋଠିଳାପଦିର ଶରତ ପାତ୍ର(୭୨)ଙ୍କୁ ଧକ୍କା ଦେଇଥିଲା। ଶରତଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗି ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ଯାଜପୁର ମେଡିକାଲକୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକନିଆଯାଉଥିବା ବେଳେ ବାଟରେ ମୃତ୍ୟୁ ହୋଇଯାଇଥିବା ଜଣାଯାଇଛି। ସ୍ଥାନୀୟ ଲୋକଙ୍କ ସହାୟତାରେ ଫାଣ୍ଡି ପୁଲିସ ହାଇୱା ଓ ଚାଳକକୁ ଅଟକ ରଖିଥିବା ଜଣାଯାଇଛି।

## ଭାରତରତ୍ନ ବି. ଆର୍. ଆମ୍ବେଦକର ଜୟନ୍ତୀ ପାଳିତ

କେନ୍ଦୁଝର, (ସବ୍ୟୁ): .କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ମଙ୍ଗଳବାର ଦିନ ଭାରତରତ୍ନ ବାବା ରାଓ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲ୍ଲା କାର୍ଯ୍ୟାଳୟର ଦରବାର ହଲ୍‌ରେ ଆୟୋଜିତ ଡଃ ବି. ଆର୍. ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ସମାରୋହର ଆୟୋଜିତ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ମୁଖ୍ୟବକ୍ତା ଭାବେ ପ୍ରାଧାପକ ବିମ୍ବାଧର ବେହେରା ଙ୍କ ସମେତ ସମ୍ମାନୀତ ଅତିଥିଭାବେ ଏହି ସମାରୋହରେ ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ ମହାନ୍ତି, ଅତିରିକ୍ତ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସୁଧା ଗୋସାମୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, ସହକାରୀ ନିର୍ଦ୍ଦେଶକ ପର୍ଯ୍ୟଟନ ରମେଶ ଚନ୍ଦ୍ର ନାୟକ, ସହକାରୀ ଜିଲ୍ଲାପାଳ ସରୋଜ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରି କହିଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ କେନ୍ଦୁଝର ଶ୍ରୀମତୀ ଜ୍ୟୋର୍ତିମୟୀ ନାଏକ ସ୍ୱାଗତଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ସଂଚାଳନା କରିଥିଲେ। ଏହି ଅବସରରେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଆୟୋଜିତ ମହାବିଦ୍ୟାଳୟ/ ବିଶ୍ୱବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ସମାରୋହରେ ବିଭିନ୍ନ ବିଭାଗୀୟ ଅଧିକାରୀ/କର୍ମଚାରୀ, ଛାତ୍ରଛାତ୍ରୀ, ଶିକ୍ଷାବିତ୍, ଗଣମାଧମର ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ ।

# ରାଜ୍ୟସ୍ତରୀୟ ବିଷୁବ ମିଳନ ସମ୍ବର୍ଦ୍ଧନା ସଭା

ବାସୁଦେବପୁର ,(ସବ୍ୟୁ): ବାସୁଦେବପୁର ଅଟଳ ବିହାରୀ କଲେଜ ପରିସରରେ ଅବସର ସାହିତ୍ୟ ପତ୍ରିକା ପକ୍ଷରୁ ୨୧ ତମ ରାଜଯ ସ୍ତରୀୟ ବିଷୁବ ମିଳନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ସଭାର ପ୍ରାଧ୍ୟାପକ ଡ. ବିଶ୍ୱରଞ୍ଜନ ଦାସ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ଭାଷାବିତ ତଥା ସମାଲୋଚକ ପ୍ରଫେସର ଡ. ନଟବର ଶତପଥୀ, ମୁଖ୍ୟ ବକ୍ତା ଭାବେ ସାହିତ୍ୟ ଏକା ପ୍ରାକ୍ତନ ସଦସ୍ୟ ଡ. କାଳୀପଦ ପଣ୍ଡା, ସମ୍ମାନୀତ ଅତିଥି ଡ. ରାଜେନ୍ଦ୍ର ବେହେରା, ସମ୍ମାନୀତ ବକ୍ତା ଡ. ଅଭୟ କୁମାର ଦାସ ଯୋଗଦେଥିଲେ । ଏହି ଅବସର ସାହିତ୍ୟ ପତ୍ରିକା ଆନୁକୂଲ୍ୟରେ ସମ୍ବର୍ଦ୍ଧନା ସଭାରେ ଅବସର ସାରସ୍ୱତ ପ୍ରତିଭା ସମ୍ମାନ ଡ. ଅଭୟ କୁମାର ଦାସ, ଅବସର କବିତା ସମ୍ମାନ ସୁରଞ୍ଜନ ପାତ୍ର, ଅବସର ଯୁବ ପ୍ରତିଭା ସମ୍ମାନ କ୍ଷୀରୋଦ ବିହାରୀ ବିଶ୍ୱାଳ, ବନମାଳୀ ବାରିକ ସ୍ମୃତି ସମ୍ମାନ ଯାମିନୀକାନ୍ତ ପାଢୀଙ୍କୁ ମାନପତ୍ର ଓ ଉପୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଅବସର ସଂପାଦକ ପାର୍ଥସାରଥି ବାରିକ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଧନେଶ୍ୱର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ରାଜ୍ୟ ସ୍ତରୀୟ ବିଷୁବ ମିଳନ-୨୦୨୬ ର ଅପରାହ୍ନରେ ଆୟୋଜିତ ବିଷୁବ କବିତା ଆସରରେ ଏ.ବି. କଲେଜର ପ୍ରାକ୍ତନ ଅଧକ୍ଷ ସୂର୍ଯ୍ୟମଣୀ ଶତପଥି, ତୃପ୍ତି ମହିଳା ଉଚ୍ଚ ମାଧ୍ୟମିକ ସ୍କୁଲର ପ୍ରାକ୍ତନ ଅଧକ୍ଷ ସ୍ନିଗ୍ଧା ମହାନ୍ତି, କମଳାକାନ୍ତ କର ଉଦବୋଧନ ଦେଇଥିଲେ ।.ଶିକ୍ଷକ ଗୟାଧର ଦାସ କବିତା ସଂଯୋଜନା କରିଥିଲେ । ବହୁ କବି ଓ କବୟିତ୍ରୀ ସ୍ୱରଚିତ କବିତାମାନ ପାଠ କରିଥିଲେ ।

# ବାରବାଟୀ ବାଳିକା ହାଇସ୍କୁଲ ୨୦୦୧ ମାଟ୍ରିକ ବ୍ୟାଚର ବନ୍ଧୁମିଳନ



ବାଲେଶ୍ୱର,(ସବ୍ୟୁ): ବାରବାଟୀ ବାଳିକା ଉଚ୍ଚ ବିଦ୍ୟାଳୟର(ହାଇସ୍କୁଲ) ୨୦୦୧ ମାଟ୍ରିକ ବ୍ୟାଚର ର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ପୁରାତନ ଛାତ୍ରୀମାନଙ୍କୁ ନେଇ ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଚିଡ଼ିଆପୋଲସ୍ଥିତ ହୋଟେଲ ଲକି ଇଣ୍ଟର୍ନେସନାଲରେ ଆୟୋଜିତ ସଭାରେ ପ୍ରାକ୍ତନ ଶିକ୍ଷୟିତ୍ରୀ ଶ୍ରୀମତୀ ଉର୍ମିଳା ନାୟକ ଯୋଗଦେଇ ସଭାର ଉଦ୍ଘାଟନ ପୂର୍ବକ ନିଜର ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରି ପୁରାତନ ଛାତ୍ରୀ ଙ୍କୁ ଅନେକ ଆଶୀର୍ବାଦ ଓ ଶୁଭକାମନା ଜଣାଇଥିଲେ ଓ ଅନେକ ସ୍ମୃତି ରୋମନ୍ଥନ କରି ବେଶ ଭାବପ୍ରବଣ ହୋଇପଡିଥିଲେ। ଉକ୍ତ ବ୍ୟାଚର ପୁରାତନ ଛାତ୍ରୀମନେ ମଧ ସେ ପୁରୁଣା ଛାତ୍ର ଜୀବନ ବିଷୟରେ ଆଲୋଚନା ପୂର୍ବକ ଭାବବିହ୍ୱଳ ହୋଇଥିଲେ। ଉକ୍ତ ସଭାରେ ଶ୍ରୀମତୀ ନାୟକଙ୍କୁ ୨୦୦୧ ବ୍ୟାଚର ଛାତ୍ରୀମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ଉକ୍ତ ବ୍ୟାଚର ଛାତ୍ରୀମାନେ ତାଙ୍କ ବିଦ୍ୟାଳୟ ପ୍ରାଙ୍ଗଣକୁ ଯାଇ ସେଠାକାର ବର୍ତ୍ତମାନର ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ଜେନାଙ୍କୁ ସମ୍ବର୍ଦ୍ଧିତ କରିବା ସହ ବିଦ୍ୟାଳୟର ପୁରାତନ ଛାତ୍ରୀସଂସଦକୁ କିପରି କାର୍ଯ୍ୟକାରୀ ପୂର୍ବକ ବିଦ୍ୟାଳୟର ଉନ୍ନତି କରାଯାଇପାରିବ ସେ ବିଷୟରେ ଆଲୋଚନା କରିଥିଲେ । ଏହି ବନ୍ଧୁମିଳନ ଉତ୍ସବରେ ସମଗ୍ର ଓଡିଶା ତଥା ରାଜଯ ବାହାରରୁ ୪୫ରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ରୀ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଉକ୍ତ ବ୍ୟାଚର ଛାତ୍ରୀ ଶାଶ୍ୱତୀ କର ପରିଚାଳନା କରିଥିଲେ ଏବଂ ଏଥିରେ ସଂଯୁକ୍ତା ଦେ,ସଂଗୀତା ବେହେରା ତଥା ଇଂଜିନିୟର ସାଜେଦା ଖାତୁନ ସହଯୋଗ କରିଥିଲେ ।

# ଆମ୍ବେଦକରଙ୍କ ଜୀବନାଦର୍ଶ ଉତ୍ତରପୀଢ଼ିଙ୍କ ପାଇଁ ଶ୍ରେଷ୍ଠ ପ୍ରେରଣା



ଭଦ୍ରକ,(ସବ୍ୟୁ): ଭାରତୀୟ ସମ୍ବିଧାନର ଜନକ, ଭାରତରତ୍ନ ବାବା ସାହେବ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ୧୩୬ତମ ଜିଲ୍ଲାସ୍ତରୀୟ ଜୟନ୍ତୀ ଆଜି ଭଦ୍ରକ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ମଙ୍ଗଳବାର ପୂର୍ବାହ୍ନ ସାଢ଼େ୧୦ଟାରେ ଜିଲ୍ଲା ସଂସ୍କୃତି ଭବନ ଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା।

ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ବାବା ସାହେବଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରି କହିଥିଲେ ଯେ,ଆମ୍ବେଦକରଙ୍କ ଜୀବନାଦର୍ଶ ଉତ୍ତରପୀଢ଼ିଙ୍କ ପାଇଁ ଶ୍ରେଷ୍ଠ ପ୍ରେରଣା । ତାଙ୍କର ଆଦର୍ଶ, ତ୍ୟାଗ ଓ ଶ୍ରେଣୀବିହୀନ ସମାଜ ଗଠନ ପାଇଁ ଡଃ ଆମ୍ବେଦକରଙ୍କ ସଂଗ୍ରାମ ଚିରଦିନ ପାଇଁ ଅଭୁଲା ରହିବ। ଏହି ସଭାର ସଭାପତି ଜିଲ୍ଲାପାଳ ଦିଲୀପ ରାଉତରାଏ ଯୋଗ ଦେଇ କହିଥିଲେ ଡଃ ଆମ୍ବେଦକର ଜଣେ ମହାନ ଚିନ୍ତାନାୟକ, ରାଷ୍ଟ୍ରନାୟକ ଓ ପ୍ରଜ୍ଞାର ପ୍ରତୀକ ଭାବେ ଅଭିହିତ। ଏହି ଅବସରରେ ମୁଖବକ୍ତା ଦଳିତ ମହାସଂଘର ସଭାପତିରାଜେନ୍ଦ୍ର ପ୍ରସାଦ ଜେନା କହିଥିଲେ,ଆଧୁନିକ ଭାରତର ନିର୍ମାଣରେ ବାବା ସାହେବଙ୍କ ଦୂରଦୃଷ୍ଟି ଅତୁଳନୀୟ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ, ସରୋଜ କୁମାର ଦତ୍ତ କହିଥିଲେ ଶିକ୍ଷା ହିଁ ସମସ୍ତ ପରିବର୍ତ୍ତନର ମୂଳଦୁଆ ବୋଲି ବାବା ସାହେବ ସର୍ବଦା ବିଶ୍ୱାସ କରୁଥିଲେ। ତାଙ୍କ ପ୍ରଦର୍ଶିତ 'ଶିକ୍ଷିତ ହୁଅ, ସଂଗଠିତ ହୁଅ ଓ ସଂଘର୍ଷ କର' ମନ୍ତ୍ର ଆଜିର ପ୍ରଶାସନିକ ବ୍ୟବସ୍ଥା ଓ ସମାଜ ଗଠନ ପାଇଁ ଏକ ଅନନ୍ୟ ଦିଗଦର୍ଶନ ଏବଂ ଆଜି ବି ପ୍ରଗତିର ମୂଳଦୁଆ। ଅବସରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଚନ୍ଦ୍ରକାନ୍ତ ନାୟକ କହିଥିଲେ, ସମାଜରୁ ଭେଦଭାବ ଦୂର କରି ସମସ୍ତଙ୍କୁ ସମାନ ଅଧିକାର ପ୍ରଦାନ କରିବା ହିଁ ବାବା ସାହେବଙ୍କ ପ୍ରତି ପ୍ରକୃତ ସମ୍ମାନ। ତ୍ୟାଗଭୂମିର ସଭାପତି ଶଅଜୟ କୁମାର ନାୟକ ବାବାସାହେବଙ୍କ ଜୀବନଶୈଳୀ ଓ ତ୍ୟାଗରୁ ଯୁବ ପିଢ଼ିମାନେ ପ୍ରେରଣା ଗ୍ରହଣ କରିବାକୁ ଆହ୍ୱାନ କରିଥିଲେ।ଏହି ସମଗ୍ର କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀମତୀ ମଧୁସ୍ମିତା ମହାପାତ୍ର ସୁଚାରୁରୂପେ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାର୍ଯ୍ୟାଳୟର କର୍ମଚାରୀ ଶ୍ରୀମତୀ ମୀନାକ୍ଷୀ ଗରାବଡୁ ଅତିଥିମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀମତୀ ତନୁଜା ଶିଙ୍କା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମାରୋହରେ ବିଭିନ୍ନ ସମାଜସେବୀ, ବୁଦ୍ଧିଜୀବୀ, ଗଣମାଧମ ପ୍ରତିନିଧି ଏବଂ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ।

## ସମ୍ପାଦକୀୟ

# ଓଡ଼ିଶାରେ ଆଞ୍ଚଳିକ ଦଳର ପ୍ରଭାବ

ଓଡ଼ିଶାରେ ଓଡ଼ିଆ ନବବର୍ଷଠାରୁ ଅର୍ଥାତ୍ ନବବର୍ଷ ଆରମ୍ଭ ହେବା ପରେ ଏପ୍ରିଲ ୧୫ (୨୦୨୬)ରୁ 'ଓଡ଼ିଶା ଜନତା-କଂଗ୍ରେସ' ନାମକ ଏକ ନୂତନ ଆଞ୍ଚଳିକ ଦଳ କଟକର ପୂର୍ବତନ ବିଧାୟକ ମହମ୍ମଦ ମୋକିମଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଏକ ଶୁଭ ସୂଚନା । କାରଣ ଏପରି ଏକ ଆଞ୍ଚଳିକ ଦଳ ଗଠନକୁ ଓଡ଼ିଶାର ଲୋକେ ଅପେକ୍ଷା କରିଥିଲେ । ଓଡ଼ିଶାରେ ପୂର୍ବରୁ ଆଞ୍ଚଳିକ ଦଳ ଥିଲା ଓ ରହିଛି । ଏବେ ଯେଉଁ ଆଞ୍ଚଳିକ ଦଳଟି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରହିଛି, ଦୀର୍ଘ ପଚିଶ ବର୍ଷ ହେଲା, ସେହି ଦଳ ଓଡ଼ିଶାରେ ତାହାର ପ୍ରଭାବ ପକାଇ ଥିଲା । ଏପରିକି ନବୀନଙ୍କ ନେତୃତ୍ୱରେ ଦୀର୍ଘ ଚବିଶ ବର୍ଷ କାଳ ଏହି ଆଞ୍ଚଳିକ ଦଳ, 'ବିଜୁ ଜନତା ଦଳ' ରାଜ୍ୟରେ କ୍ଷମତାସୀନ ହୋଇଥିଲା । ୨୦୦୦ ମସିହା ମାର୍ଚ୍ଚ ୫ ତାରିଖରୁ ୨୦୨୪ ଜୁନ୍ ୧୧ ତାରିଖ ପର୍ଯ୍ୟନ୍ତ ନବୀନ ପଟ୍ଟନାୟକ ରାଜ୍ୟରେ କ୍ଷମତାକୁ ଉପଭୋଗ କରି ଆସିଥିଲେ । ଏପରିକି ସେ ବିଜେପି ଦଳ ସହ ମିଶି ପ୍ରାୟ ୮/୯ ବର୍ଷ ଧରି ମିଳିତ ମନ୍ତ୍ରିମଣ୍ଡଳ ଗଢ଼ି ତାହାର ନେତୃତ୍ୱ ମଧ୍ୟ ନେଇଥିଲେ । ନବୀନ ମୁଖ୍ୟମନ୍ତ୍ରୀ ଥିବାବେଳେ ବିଜେପି ଦଳର ବରିଷ୍ଠ ନେତା ବିଶ୍ୱଭୂଷଣ ହରିଚନ୍ଦନ ରାଜସ୍ୱ ଓ ଆଇନ ପରି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ମନ୍ତ୍ରୀ ରହିଥିଲେ । କାହିଁକି କେଜାଣି ବିଶ୍ୱଭୂଷଣ ବାବୁଙ୍କୁ ସେତେବେଳେ ମିଳିତ ମନ୍ତ୍ରିମଣ୍ଡଳରେ ଉପ-ମୁଖ୍ୟମନ୍ତ୍ରୀ କରାଗଲା ନାହିଁ । ନବୀନ ବାବୁ ଚାହିଁଲେ ନାହିଁ କି ବିଜେପି ଦଳ ଚାହିଁଲେ ନାହିଁ, ତାହା ଜାଣିବା ମୁସ୍କିଲ । ସେତେବେଳେ ମଧ୍ୟ ବିଜେପି ଦଳରେ ସାମାନ୍ୟ ଗୋଷ୍ଠୀ କନ୍ଦଳ ରହିଥିଲା । ତେଣୁ ବିଜେପିର ସର୍ବୋଚ୍ଚ ନେତା ଅଟଳ ବିହାରୀ ବାଜପେୟୀ ଓ ଲାଲକୃଷ୍ଣ ଆଡଭାନୀଙ୍କ କଥା ମାନି ବିଜେପିର ରାଜ୍ୟ ଶାଖା କାର୍ଯ୍ୟ କରୁଥିଲା । ବିଜେଡ଼ି ସେତେବେଳେ ସରକାରରେ ବଡ଼ ଭାଇପଣିଆ ଦେଖାଉଥିଲା । ବିଜେପି ରାଜ୍ୟ ଶାଖା ମଧ୍ୟରେ ସାମାନ୍ୟ ଅସନ୍ତୋଷ ଉପୁଜିବାରୁ ବିଜେପିର ଜଣେ ରାଜ୍ୟ ସଭାପତି ଏ ବିଷୟରେ ଉଭୟ ବାଜପେୟୀ ଓ ଆଡଭାନୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ, ଦଳୀୟ ରାଜ୍ୟ ଶାଖା ସଭାପତିଙ୍କୁ ସେତେବେଳେ କୁଆଡ଼େ ବୁଝାଇ ଦିଆ ଯାଇଥିଲା 'ତମେ ସିନା ଆମ ଦଳର ଓଡ଼ିଶା ଶାଖାର ସଭାପତି, କିନ୍ତୁ ନବୀନ ହେଉଛନ୍ତି ଆମ ସରକାରଙ୍କ ସଭାପତି । ତାଙ୍କୁ ମାନି ଚାଲିବା ଦରକାର ।' ସେ ଯାହାହେଉ, ବିଜେଡ଼ି ଓ ବିଜେପି ମଧ୍ୟରେ ଅସନ୍ତୋଷ ବଢ଼ିବା କାରଣରୁ ହେଉ वା ଲକ୍ଷ୍ମଣାନନ୍ଦ ସରସ୍ୱତୀ ଓ ଅନ୍ୟମାନଙ୍କୁ ହତ୍ୟା କରାଯିବା ପ୍ରତିବାଦରେ ହେଉ ବିଜେପି, ବିଜୁ ଜନତା ଦଳଠାରୁ ଅଲଗା ହୋଇଯିବା ପରେ, ଅନ୍ୟମାନଙ୍କ ସମର୍ଥନରେ ବିଜେଡ଼ି ସରକାରରେ ତିଷ୍ଠି ରହିଥିଲା । ପରେ ଅବଶିଷ୍ଟ ବର୍ଷମାନଙ୍କରେ ବିଜେଡ଼ି ନବୀନଙ୍କ ନେତୃତ୍ୱରେ ଏକା ସରକାର ଗଢ଼ିଥିଲେ ଓ ବିଜେପି ସେତେବେଳେ ବିଧାନସଭାରେ ବିରୋଧୀ ଦଳ ଆସନରେ ବସୁଥିଲା । ଅଥଚ ବିଜେପି ସେବେଠାରୁ ସୁଯୋଗ ଉଣ୍ଡୁଥିଲା, ନବୀନଙ୍କୁ ହଟାଇ ଶାସନ କ୍ଷମତାକୁ ଆସିବା ଲାଗି । ତାହା ସମ୍ଭବ ହେଲା ୨୦୨୪ ସାଧାରଣ ନିର୍ବାଚନରେ । ସେହିପରି ଦୀର୍ଘ ଦିନ ଧରି ମିଳିତ ସରକାରରେ ରହିବା ପରେ ବିହାରରେ ବିଜେପିର ସମ୍ରାଟ ଚୌଧୁରୀ ତା ୧୫।୦୪।୨୦୨୬ରେ ନୂତନ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି ।

**ସେ ଦୃଷ୍ଟିରୁ ନୂତନ 'ଓଡ଼ିଶା ଜନତା କଂଗ୍ରେସ' ଦଳ କଂଗ୍ରେସ ଓ ବିଜୁ ଜନତା ଦଳରୁ ନେତା ଓ କର୍ମୀମାନଙ୍କୁ ଆଣି ଏହି ଦଳଟିକୁ ସମୃଦ୍ଧ କରାଇବ ବୋଲି ଆଶା କରାଯାଉଛି । ତେବେ ଦେଖାଯାଉ ଏହି ଦଳ ରାଜ୍ୟରେ, କିପରି ଭାବେ ପ୍ରଭାବ ବିସ୍ତାର କରି ପାରୁଛି ।**

ପଶ୍ଚିମବଙ୍ଗରେ ଆଉ କିଛି ଦିନ ପରେ ବିଧାନସଭା ନିର୍ବାଚନ ହେବ । ଆଞ୍ଚଳିକ ଦଳ 'ତୃଣମୂଳ କଂଗ୍ରେସ' ସେଠାରେ ସୁଶ୍ରୀ ମମତା ବାନାର୍ଜୀଙ୍କ ନେତୃତ୍ୱରେ ଗତ ୨୦୧୧ ମେ ୨୦ ତାରିଖରୁ ପ୍ରାୟ ୧୫ ବର୍ଷ କାଳ ଶାସନ କରି ଆସୁଛି । ମମତା ବାନାର୍ଜୀ ମୁଖ୍ୟମନ୍ତ୍ରୀ ଅଛନ୍ତି ଓ ସେ ରହିପାରନ୍ତି । ବିଜେପି ତାଙ୍କୁ ଗାଦିଚ୍ୟୁତ କରିବାକୁ ଉଦ୍ୟମ ଜାରି ରଖିଛି । ମାତ୍ର ଏହା ଏତେଟା ସହଜ ନୁହେଁ ବୋଲି ମଧ୍ୟ କୁହାଯାଉଛି ।

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ଯେଉଁ ଉଚ୍ଚତାକୁ ସ୍ପର୍ଶ କରିଛି ଓ ସମଗ୍ର ବିଶ୍ୱରେ ନିଜର ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ମର୍ଯ୍ୟାଦା ରଖି ପାରିଛି, ତାଙ୍କ ସମକକ୍ଷ ହେବା ପାଇଁ କଂଗ୍ରେସ ଓ ଆଞ୍ଚଳିକ ଦଳମାନେ ଉଦ୍ୟମ କଲେ ମଧ୍ୟ ସଫଳତା ଲାଭ କରି ନ ପାରନ୍ତି । ମାତ୍ର ଭାଷା ଓ ଆଞ୍ଚଳିକ ଭିନ୍ନତା ସତ୍ତ୍ୱେ ଭାରତର ମର୍ଯ୍ୟାଦା ରାଜ୍ୟମାନଙ୍କୁ ଦେଇ ଆସିଛନ୍ତି ପ୍ରଧାନମନ୍ତ୍ରୀ । କାରଣ ଦୀର୍ଘ ପ୍ରାୟ ୧୨ ବର୍ଷ ଧରି ସେ ଗୁଜରାଟର ମୁଖ୍ୟମନ୍ତ୍ରୀ ଥିଲେ । ସେ ଦୃଷ୍ଟିରୁ ରାଜ୍ୟମାନଙ୍କୁ ଅଧିକ କ୍ଷମତା ଓ ଅନୁଦାନ ଦେଇ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ରାଜ୍ୟଗୁଡ଼ିକର ମର୍ଯ୍ୟାଦା ବୃଦ୍ଧି କରିଛନ୍ତି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ତଥାପି ଭାରତରେ ଦୃଢ଼ ଶାସକ ଦଳ ସହିତ ଏକ ଦୃଢ଼ ବିରୋଧୀ ଦଳର ଆବଶ୍ୟକତା ରହିଛି ବୋଲି ସଚେତନ ଭାରତୀୟମାନେ ଅନୁଭବ କରୁଛନ୍ତି । ଭାରତୀୟ ଜାତୀୟ କଂଗ୍ରେସ ଦୀର୍ଘ ଦିନ ଧରି କ୍ଷମତାରେ ରହିବା ପରେ ଏବେ କ୍ଷମତାସୀନ ହୋଇ ନଥିଲେ ମଧ୍ୟ ସଂସଦରେ ବିରୋଧୀ ଦଳ ଆସନରେ ବସୁଛି । ମାତ୍ର ବିରୋଧୀ କଂଗ୍ରେସ ଦଳକୁ କେତେକ ଶକ୍ତିଶାଳୀ ଆଞ୍ଚଳିକ ଦଳ ହିଁ ସମର୍ଥନ କରି ଇଣ୍ଡିମେଣ୍ଟରେ ସାମିଲ ହୋଇଛନ୍ତି । ଶାସକ ବିଜେପି ଦଳ ମଧ୍ୟ ଅନ୍ୟ କେତେକ ଆଞ୍ଚଳିକ ଦଳର ସମର୍ଥନରେ ନିଜକୁ ଏନ୍‌ଡିଏ ମେଣ୍ଟରେ ରଖି ବଳଶାଳୀ କରି ପାରିଛି । ତେଣୁ ଲୋକସଭାରେ ବିଜେପିର ସଂଖ୍ୟା ୨୪୦ ଥିଲେ ମଧ୍ୟ ବିରୋଧୀ କଂଗ୍ରେସର ସଂଖ୍ୟା ୯୯ । କିନ୍ତୁ, ସମାଜବାଦୀ ପାର୍ଟି, ନିଖିଳ ଭାରତ ତୃଣମୂଳ କଂଗ୍ରେସ, ଦ୍ରାବିଡ ମୁନେତ୍ରା କାଜଗମ (ଡିଏମ୍‌କେ), ତେଲୁଗୁ ଦେଶମ, ଜନତା ଦଳ (ୟୁନାଇଟେଡ), ଶିବସେନା ପ୍ରଭୃତି ବିଭିନ୍ନ ଆଞ୍ଚଳିକ ଦଳର ଭୂମିକାକୁ ଶାସକ ଦଳରେ ହେଉ ବା ବିରୋଧୀ ଦଳରେ ହେଉ ଅସ୍ୱୀକାର କରାଯାଇ ନପାରେ ।

ସେ ଦୃଷ୍ଟିରୁ ନୂତନ 'ଓଡ଼ିଶା ଜନତା କଂଗ୍ରେସ' ଦଳ କଂଗ୍ରେସ ଓ ବିଜୁ ଜନତା ଦଳରୁ ନେତା ଓ କର୍ମୀମାନଙ୍କୁ ଆଣି ଏହି ଦଳଟିକୁ ସମୃଦ୍ଧ କରାଇବ ବୋଲି ଆଶା କରାଯାଉଛି । ତେବେ ଦେଖାଯାଉ ଏହି ଦଳ ରାଜ୍ୟରେ କିପରି ଭାବେ ପ୍ରଭାବ ବିସ୍ତାର କରି ପାରୁଛି ।

**ଯେଉଁ ଜିନିଷ ମୋର ତୁରନ୍ତ ପ୍ରୟୋଜନ ନୁହେଁ,
ମୁଁ ସେ ଜିନିଷ ନେଇ ଯଦି ରଖେ, ତାହାହେଲେ
ମୁଁ ଚୋରିକଲି ବୋଲି କହିବାକୁ ହେବ ।**
(ମହାତ୍ମା ଗାନ୍ଧି)

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ନିଶାମୁକ୍ତ ଓଡ଼ିଶା ପାଇଁ ମୋଦିଙ୍କ ଗ୍ୟାରେଣ୍ଟି



ପ୍ରହଲାଦ କୁମାର ସିଂହ

୨୦୨୪ ସାଧାରଣ ନିର୍ବାଚନ ବେଳେ 'ଓଡ଼ିଶା ପାଇଁ ମୋଦିଙ୍କ ଗ୍ୟାରେଣ୍ଟି' ଶୀର୍ଷକ ଯେଉଁ ସଂକଳ୍ପପତ୍ର ଜାରି କରାଯାଇଥିଲା, ତାହା ଅନୁପାଳନ କରିବା ଲାଗି ରାଜ୍ୟରେ ଗଠିତ ବିଜେପି ସରକାରଙ୍କର ନୈତିକ ଦାୟିତ୍ୱ ରହିଛି । ଓଡ଼ିଶା ସରକାରଙ୍କ ପକ୍ଷରୁ 'କଥା ଦେଇ କଥା ରଖିଲେ ମୋହନ ସରକାର' ଓ 'ନିଶା ନୁହଁ, ଜୀବନ ଚାହୁଁ' ଭଳି ଅନେକ ବିଜ୍ଞାପନ ପ୍ରକାଶ ପାଇଛି । ଏଥିରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ରଙ୍ଗିନ ଫଟୋମାନ ରହିଛି । କେବଳ ସେତିକି ନୁହେଁ, କେନ୍ଦ୍ର ସରକାରଙ୍କ 'ନିଶାମୁକ୍ତ ଭାରତ' ଗଠନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ମନ୍ତ୍ରୀ, ବିଧାୟକ, ଅଧିକାରୀ, ଦଳୀୟ ନେତାମାନେ ଗଣଦୌଡ଼ରେ ଭାଗ ନେଇଛନ୍ତି ।

ବିଜେପିର ନିର୍ବାଚନୀ ସଂକଳ୍ପ ପତ୍ରରେ ମୋଦିଙ୍କ ଯେଉଁ ଗ୍ୟାରେଣ୍ଟି ରହିଛି ସେଥିରେ 'ଉତ୍କୃଷ୍ଟ ଜୀବନ' ପାଇଁ ୨୦୨୯ ସୁଦ୍ଧା ଓଡ଼ିଶାକୁ ନିଶା ମୁକ୍ତ କରିବା ସହିତ ସମ୍ବିଧାନର ୪୭ ଧାରାକୁ କଡ଼ାକଡ଼ି ଭାବେ ଅନୁପାଳନ ଲାଗି ଘୋଷଣା କରାଯାଇଛି । ରାଜ୍ୟରେ ବିଜେପି ସରକାର ପ୍ରତିଷ୍ଠା ହେବାର ୨ ବର୍ଷ ପୂରିବାକୁ ଯାଉଛି । ଇତିମଧ୍ୟରେ ସରକାର ଆସନ୍ତା ୩ବର୍ଷ ପାଇଁ ଯେଉଁ ଅବକାରୀ ନୀତି-୨୦୨୬-୨୯ ଜାରି କରିଛନ୍ତି ସେଥିରେ ଓଡ଼ିଶାକୁ ନିଶାମୁକ୍ତ କରିବା ପାଇଁ କୌଣସି ଘୋଷଣା ନାହିଁ, ହୁଏତ ଭବିଷ୍ୟତରେ କରି ପାରନ୍ତି । ଏଥିରେ ମୋଟାମୋଟି ଭାବେ ଅବକାରୀ ରାଜସ୍ୱ ସୁରକ୍ଷିତ ରଖିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ତେବେ ନୂଆ ଅବକାରୀ ନୀତିରେ ରାଜ୍ୟ ସରକାର ମଦକୁ ଏକ କ୍ଷତିକାରକ ପଦାର୍ଥ ଭାବେ ସ୍ୱୀକାର କରିଛନ୍ତି ।

ପୂର୍ବ ବ୍ୟବସ୍ଥାରେ ମଦ ଦୋକାନୀମାନଙ୍କ ପାଇଁ ମଦ ଉଠାଣ ଲାଗି ଯେଉଁ ସର୍ବନିମ୍ନ ଗ୍ୟାରେଣ୍ଟି କୋଟା (ଏମ୍‌ଜିକ୍ୟୁ)ରହିଥିଲା ତାକୁ ସଂଶୋଧିତ କରି ସର୍ବନିମ୍ନ ଗ୍ୟାରେଣ୍ଟେଡ୍ ଏକ୍ସସାଇଜ୍ ଭାଲ୍ୟୁ (ଏମ୍‌ଜିଇଆର୍) ପ୍ରଣାଳୀକୁ ଅଣା ଯାଇଛି । ଏବେ ସରକାର ଟେଟ୍ରା ପ୍ୟାକ୍‌ରେ ମୃଦୁ ପାନୀୟ ଭଳି ମଦ ଯୋଗାଇବେ । ମଦୁଆମାନେ ଆଉ ଠିପି ଖୋଲିବାକୁ ପରିଶ୍ରମ କରିବେ ନାହିଁ ।

ଥଣ୍ଡା ପାନୀୟ ଭଳି ସହଜରେ ପିଲାଏ ମଦ ପିଇପାରିବେ ଏବଂ ଏହାର ପରିବହନ ମଧ୍ୟ ସୁବିଧାରେ ହୋଇପାରିବ । ଲୋକେ କହୁଛନ୍ତି, ଏହା ନୂଆ ଟେଟ୍ରା ପ୍ୟାକ୍‌ରେ ପୁରୁଣା ବୋତଲର ମଦ । ଗୋଟିଏ ପଟେ ନିଶା ନିବାରଣ କଥାରେ କୁହା ଯାଉଥିବାବେଳେ କାମରେ କିନ୍ତୁ ନିଶା ପ୍ରସାରଣ ହେଉଛି । ବାସ୍ତବରେ ଏହା ହେଉଛି 'ଯାଦୁଆ ବିକୁଛି ଯାଦୁର ମଲମ', 'ମଦୁଆ ଉଡ଼ାଏ ନିଶା ନିବାରଣ ବାନା' ପରି । ଓଡ଼ିଶାର ୩୦ଟି ଜିଲ୍ଲାରେ କୋଟି କୋଟି ଟଙ୍କା ବ୍ୟୟରେ ଚାଲିଥିବା 'ନିଶାମୁକ୍ତ ଭାରତ' ଅଭିଯାନକୁ ସତେ ଯେମିତି ଏହା ବିଦ୍ରୁପ କରୁଛି ।

ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିରୋଧୀ ଦଳରେ ଥିବାବେଳେ ବିଧାନସଭାରେ ବାରମ୍ବାର ମଦ ବିରୋଧରେ ସ୍ୱର ଉଠାଉଥିଲେ । ଏ ସଂକ୍ରାନ୍ତରେ ସେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ପଚାରି ସରକାରକୁ ଘାଇଲା କରୁଥିଲେ । ଅଥଚ ତାଙ୍କ ହାତରେ ରାଜ୍ୟର ଶାସନ ଡୋରି ପଡ଼ିବାର ୨ବର୍ଷ ବିତିବାକୁ ଯାଉଥିବାବେଳେ ବିଜେଡି ସରକାର ଭଳି ବିଜେପି ସରକାରରେ ବି ନିଶା ପ୍ରସାରଣ ଲଗାମଛଡ଼ା ଭାବେ ଚାଲୁଛି । ଯେତିକି ଚୋରା ନିଶା ବେପାରୀ ଧରାପଡୁଛନ୍ତି ସେମାନଙ୍କ ପ୍ରତି ଦଣ୍ଡବିଧାନ ହାର ନଗଣ୍ୟ ବୋଲି ସରକାର ମାନୁଛନ୍ତି ।

ସରକାରୀ ହିସାବ ମୁତାବକ ୨୦୦୦-୦୧ ବର୍ଷରେ ଓଡ଼ିଶାର ଅବକାରୀ ରାଜସ୍ୱ ପରିମାଣ ୧୩୫ କୋଟି ୩୫ ଲକ୍ଷ ଟଙ୍କା ଥିବାବେଳେ ଏହା ବଢ଼ିବଢ଼ି ୨୦୨୩-୨୪ ବର୍ଷରେ ୭୨୧୫ କୋଟି ଟଙ୍କାରେ ପହଞ୍ଚିଥିଲା । ତେବେ ଭାଟ୍‌କୁ ମିଶାଇଲେ ୨୦୨୩-୨୪ ବର୍ଷରେ ଅବକାରୀରୁ ସରକାର ୧୦୧୮୨ କୋଟି ୨୪ଲକ୍ଷ ଟଙ୍କା ପାଇଥିଲେ, ଯାହା ବୃଦ୍ଧି ପାଇ ୨୦୨୪-୨୫ ବର୍ଷରେ ୧୧୪୨୯ କୋଟି ୩୪ଲକ୍ଷ ଟଙ୍କାରେ ପହଞ୍ଚିଥିଲା ବୋଲି ଖୋଦ୍ ଅବକାରୀ ମନ୍ତ୍ରୀ ବିଧାନସଭାରେ ସ୍ୱୀକାର କରିଛନ୍ତି । ୨୦୨୬-୨୭ ବର୍ଷ ପାଇଁ ଓଡ଼ିଶା ସରକାରଙ୍କ ଯେଉଁ ୩ଲକ୍ଷ ୧୦ ହଜାର କୋଟି ଟଙ୍କାର ବଜେଟ୍ ରହିଛି ସେଥିରେ ୧୦୯୦୦ କୋଟି ଟଙ୍କାର ଅବକାରୀ ରାଜସ୍ୱ ମିଳିବ ବୋଲି ଲକ୍ଷ୍ୟ ରହିଛି । ମଦ ଉପରେ ଲାଗୁଥିବା ଭାଟ୍ ସମେତ ଅନ୍ୟ ଟିକସକୁ ମିଶାଇଲେ ଏ ବାବଦରେ ଉକ୍ତ ବର୍ଷରେ ସରକାର ପ୍ରାୟ ୧୪ ହଜାର କୋଟି ଟଙ୍କା ପାଇପାରନ୍ତି ବୋଲି କୁହାଯାଉଛି । ସରକାରୀ ନିଗମ ଏଠି ଏକଚାଟିଆ ମଦ ଯୋଗାଣକାରୀ ।

ରାଜ୍ୟରେ ମଦ ବିକ୍ରୟ ପରିମାଣ ବିଗତ ସରକାରଙ୍କ ସମୟ ଭଳି ବର୍ତ୍ତମାନର ସରକାର ସମୟରେ ବଢ଼ିବାରେ ଲାଗିଛି । ୨୦୨୦-୨୧ ବର୍ଷରେ ୨୦ କୋଟି ଲିଟରରୁ ଅଧିକ ଭାରତ ତିଆରି ବିଦେଶୀ ମଦ, ବିଅର, ଦେଶୀ ମଦ ଓ ବାହାର ଭାଟି ମଦ ସରକାରୀ ଲାଇସେନ୍ସପ୍ରାପ୍ତ ଦୋକାନଗୁଡ଼ିକ ମାଧ୍ୟମରେ ବିକ୍ରୟ କରାଯାଉଥିବାବେଳେ ୨୦୨୪-୨୫ ବର୍ଷରେ ଏହାର ପରିମାଣ ୪୦ କୋଟି ୧୭ଲକ୍ଷ ଲିଟରରୁ ଅଧିକ ଥିବା ଅବକାରୀ ମନ୍ତ୍ରୀ ବିଧାନସଭାରେ ଦେଇଥିବା ହିସାବରୁ ଜଣାପଡିଛି । ଏହି ଦିଗରେ ଯଦି ଆମେ ଅଗ୍ରସର ହେଉ ତେବେ ୨୦୨୯ ବେଳକୁ ଓଡ଼ିଶାକୁ ନିଶାମୁକ୍ତ କରିବା ପରିବର୍ତ୍ତେ ବାର୍ଷିକ ପ୍ରାୟ ୮୦ କୋଟି ଲିଟର ମଦର ବନ୍ୟା ସରକାରୀ ଲାଇସେନ୍ସ ପ୍ରାପ୍ତ ଦୋକାନଗୁଡ଼ିକ ଛୁଟାଇବା ଆଶଙ୍କା ରହିଛି । ଚୋରା ମଦକୁ ମିଶାଇଲେ ଏହାର ପରିମାଣ ଯେ କେତେ ଗୁଣ ଅଧିକ ହେବ, ତାହା କଳନା କରିବା ଅସମ୍ଭବ । ରାଜ୍ୟରେ ଯେଭଳି ଗଞ୍ଜେଇ, ଅଫିମ, ବ୍ରାଉନସୁଗାର, ଚରସ, ହେରୋଇନ୍, ଚୋରା ମଦ, କଫ୍ ସିରପ୍ ଓ ଅନ୍ୟାନ୍ୟ ନିଶା ସାମଗ୍ରୀର ବେପାର ବଢ଼ି ଚାଲିଛି ସେଥିରୁ ବ୍ୟକ୍ତି, ପରିବାର, ଗ୍ରାମ, ସମାଜ, ରାଜ୍ୟ ଓ ରାଷ୍ଟ୍ର ବ୍ୟାପକ କ୍ଷତିର ସମ୍ମୁଖୀନ ହେଉଛି । ରୋଗବ୍ୟାଧି ବଢୁଛି, ଦୁର୍ଘଟଣାରେ ମୃତାହତଙ୍କ ସଂଖ୍ୟା ବଢୁଛି, ମହିଳା ଓ ଶିଶୁମାନଙ୍କ ଉପରେ ବିଭିନ୍ନ କିସମର ଅତ୍ୟାଚାର ବଢ଼ି ଚାଲିଛି, ଦାରିଦ୍ର୍ୟ ଦୂରୀକରଣ ଓ ସାମାଜିକ ସୁରକ୍ଷା ପାଇଁ ସୁଭଦ୍ରା ସମେତ ବିଭିନ୍ନ ଯୋଜନାରେ ସରକାର ବାଣ୍ଟି ଚାଲୁଥିବା କୋଟି କୋଟି ଟଙ୍କାରୁ ଯେତେ ସୁଫଳ ମିଳିବା କଥା ତାହା ହୋଇପାରୁ ନାହିଁ । କେଉଁଠି ମଦ ପାଇଁ ଟଙ୍କା ନଦେବାରୁ ସ୍ତ୍ରୀ, ମା, ବାପା, ଭଉଣୀ ଆଦିଙ୍କୁ ହତ୍ୟା କରାଯାଉଛି ତ ଆଉ କେଉଁଠି ମଦୁଆମାନଙ୍କ ଚରମ ନିର୍ଯାତନାରେ ପରିବାର ହନ୍ତସନ୍ତ । ନିଶା ଯୋଗୁଁ ଅପରାଧ ଲଗାମଛଡ଼ା ଭାବେ ବଢ଼ି ଚାଲିଛି । କେଉଁଠି ବାପା ଝିଅକୁ ବଳାତ୍କାର ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇ ଜେଲ୍ ଦଣ୍ଡ ଭୋଗୁଛି ତ ଆଉ କେଉଁଠି ପୁଅ ମାକୁ ବି ବଳାତ୍କାର କରିବାକୁ ପଛାଉ ନାହିଁ । ଦୁଷ୍କର୍ମ ସମେତ ବିଭିନ୍ନ ଅପରାଧର ଜନନୀ ହେଉଛି ନିଶା ।

**ସରକାରର ମଙ୍ଗୁଆଳମାନେ ନିଜ ବଚନ ନିଜେ ରକ୍ଷା କରି ରାଜ୍ୟକୁ ଧ୍ୱଂସ ମୁଖରୁ ବଞ୍ଚାଇବା ଲାଗି ଗୁଜରାଟ ଓ ବିହାର ମଡେଲ୍‌ରେ ରାଜ୍ୟ ସରକାରର ୨ବର୍ଷ ପୂର୍ତ୍ତି ପୂର୍ବରୁ ସଂପୂର୍ଣ୍ଣ ନିଶା ନିବାରଣ ଘୋଷଣା କଲେ ଇତିହାସରେ ଏହାର ନେତୃତ୍ୱ ପ୍ରବାଦ ପୁରୁଷ ହୋଇ ରହିଯିବେ, ନହେଲେ କାଳକାଳକୁ ଅପବାଦର ବୋଝ ମୁଣ୍ଡାଇବାକୁ ପଡ଼ିବ।**

ରାଜ୍ୟ ସରକାରଙ୍କ ଯୁବନୀତିରେ ଏକଥା ଲେଖାଅଛି ଯେ ଯୁବ ସମାଜ ମଧ୍ୟରେ ନିଶାର ପ୍ରସାର ଘଟୁଥିବାରୁ ରାଜ୍ୟର ପ୍ରଗତି ପାଇଁ ସେମାନଙ୍କର ଆଶାନୁରୂପ ଯୋଗଦାନ ମିଳିପାରୁ ନାହିଁ । ଏ ପ୍ରସଙ୍ଗରେ ରାଜ୍ୟ ସରକାର ଆଲ୍‌କହଲ୍ ମୁକ୍ତ ଗ୍ରାମ ପ୍ରତିଷ୍ଠା ପାଇଁ ରାଜ୍ୟ ଯୁବ ନୀତିରେ ଯେଉଁ ଘୋଷଣା କରିଥିଲେ ତାହା କାର୍ଯ୍ୟକାରୀ ହେବା ପରିବର୍ତ୍ତେ ଅଧିକରୁ ଅଧିକ ବ୍ୟକ୍ତି ଓ ପରିବାରଙ୍କୁ ନିଶା ରାକ୍ଷସ କଳବଳ କରୁଛି । ହତ୍ୟା, ବଳାତ୍କାରଠାରୁ ଆରମ୍ଭ କରି ବିଭିନ୍ନ କିସମର ଅପରାଧ ନିୟନ୍ତ୍ରଣ ଲାଗି ବ୍ୟାପକ ଅର୍ଥ ବ୍ୟୟ କରି ସରକାର ବି ଅପବାଦର ବୋଝ ମୁଣ୍ଡାଇ ଚାଲିଛନ୍ତି । ଅଥଚ ସରକାରକୁ ଆସିବା ପାଇଁ ଯେଉଁ ନିଶାମୁକ୍ତ ଓଡ଼ିଶାର ସଂକଳ୍ପ ସହିତ ମୋଦୀଙ୍କ ଗ୍ୟାରେଣ୍ଟି ଘୋଷଣା କରାଯାଇଥିଲା ତାହାକୁ ଉପେକ୍ଷା କରାଯାଉଥିବା ପରିପ୍ରେକ୍ଷୀରେ ନିଶା ବିରୋଧରେ ଲଢୁଥିବା ମହିଳାମାନେ କହିଲେଣି, କଥା ଦେଇ କଥା ଭୁଲିଗଲେ ମୋହନ ସରକାର ।

ଓଡ଼ିଶାର ବିକାଶ ପାଇଁ ପ୍ରଧାନମନ୍ତ୍ରୀଙ୍କ ସମେତ ବହୁ କେନ୍ଦ୍ର ନେତା ଏବଂ ରାଜ୍ୟର ନେତାମାନେ ବାରମ୍ବାର ଗୁଜରାଟ ମଡେଲ୍ କଥା କହିଥାନ୍ତି । ଗୁଜରାଟ-ବିହାର ଭଳି ବିଜେପି ଶାସିତ ରାଜ୍ୟରେ ନିଶା ନିବାରଣ କାର୍ଯ୍ୟକାରୀ ହେଉଥିବାବେଳେ ୧୯୫୬ରେ ନବକୃଷ୍ଣ ଚୌଧୁରୀଙ୍କ ସରକାର ଅମଳରେ ପ୍ରଣୟନ କରାଯାଇଥିବା ଓଡ଼ିଶା ନିଶା ନିବାରଣ ଆଇନ୍ ୭୦ବର୍ଷ ଧରି ଅଳିଆ ଗଦାରେ ପଡିଛି କାହିଁକି ?

ନିଶା ପାନ ଯୋଗୁଁ ଯଦୁବଂଶ କିଭଳି ଧ୍ୱଂସ ହେଲା ତାହା ପୁରାଣରେ ଲିପିବଦ୍ଧ ରହିଛି । ଯେଉଁ ରାଜ୍ୟ ପ୍ରତି ସୁରା ଦେବୀ ବରଦାୟିନୀ ହୁଅନ୍ତି ସେହି ରାଜ୍ୟ କାଳବେଦୀରେ ନଷ୍ଟ ହୋଇଯାଏ ବୋଲି ଭଗବାନ ବୁଦ୍ଧ କହିଯାଇଛନ୍ତି । ସ୍ୱାଧୀନତା ସଂଗ୍ରାମର ଘୋଷିତ ପ୍ରତିଶ୍ରୁତି ନିଶା ନିବାରଣ ଥିଲେ ମଧ୍ୟ ବାସ୍ତବରେ ସ୍ୱାଧୀନୋତ୍ତର କାଳରେ ସରକାରମାନେ ନିଶା ପ୍ରସାରଣରେ ମାତିଛନ୍ତି । କୌଣସି ଧର୍ମ ବି ନିଶାର ଜୟଗାନ କରେନାହିଁ । ଗାନ୍ଧିଙ୍କଠାରୁ ବିବେକାନନ୍ଦ, ଶ୍ରୀଅରବିନ୍ଦ, ଗୋପବନ୍ଧୁ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ସର୍ଦ୍ଦାର ପଟେଲ୍‌ଙ୍କ ପର୍ଯ୍ୟନ୍ତ ବହୁ ମନିଷୀ ନିଶା ନିବାରଣ ଲାଗି ବାରମ୍ବାର ଚେତାଇ ଦେଇଛନ୍ତି । ସମ୍ବିଧାନର ୪୭ ଧାରା ଓ ପ୍ରଚଳିତ ଓଡ଼ିଶା ଅବକାରୀ ଆଇନ୍‌ର ୯୩ ଧାରା ବି ନିଶା ନିବାରଣ ଉପରେ ଗୁରୁତ୍ୱ ଦିଏ ।

୧୯୯୨ର ଲୋମହର୍ଷଣକାରୀ କଟକ ମଦମୃତ୍ୟୁ ଦୁର୍ଘଟଣା ପରିପ୍ରେକ୍ଷୀରେ ଅଦାଲତ ସ୍ପଷ୍ଟ ଭାବେ କହିଥିଲେ ଯେ ନରରକ୍ତର ବ୍ୟବସାୟୀମାନଙ୍କୁ ନିୟନ୍ତ୍ରଣ କରିବାର ନୈତିକ ଦାୟିତ୍ୱ ହେଉଛି ସରକାରଙ୍କର । ଏ ସଂକ୍ରାନ୍ତରେ ବସିଥିବା ଜଷ୍ଟିସ୍ ବାଳକୃଷ୍ଣ ବେହେରାଙ୍କ କମିଶନ ଚୋରା ମଦ ବେପାରୀକୁ କିଛି ରାଜନେତା ପୃଷ୍ଠପୋଷକତା ଦେଇଥିବା ଉଲ୍ଲେଖ କରି ଏହା ରାଜନୀତିର ଅପରାଧିକରଣ ନା ଅପରାଧର ରାଜନୀତିକରଣ ବୋଲି ପ୍ରଶ୍ନ କରିଥିଲେ । ଏହି ଘଟଣାର ପ୍ରଶାସନିକ ତଦନ୍ତ କରିଥିବା ତତ୍କାଳୀନ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଉଲ୍ଲେଖ କରିଥିଲେ ଯେ ଚୋରା ମଦ ବେପାରୀଠାରୁ ଥାନା, ଫାଣ୍ଡି ଏମିତିକି ସରକାର ଚଳାଉଥିବା କିଛି ବ୍ୟକ୍ତି ବିଶେଷ ନିୟମିତ ବଟି ନେଉଥିଲେ । ଆଉ ପାଦେ ଆଗେଇ ଏହି ଘଟଣାର ତଦନ୍ତ କରୁଥିବା ଜଣେ କ୍ରାଇମ୍‌ବ୍ରାଞ୍ଚର ଅଧିକାରୀ ତାଙ୍କ ରିପୋର୍ଟରେ ସ୍ପଷ୍ଟ ଉଲ୍ଲେଖ କରିଥିଲେ ଯେ ଖାକି ପୋଷାକ ପରିହିତ କିଛି ଅବକାରୀ ଓ ପୁଲିସ କର୍ମଚାରୀ ଚୋରା ମଦ ବେପାରୀର ପୋଷା କୁକୁର ଭଳି କାମ କରୁଥିଲେ ବୋଲି ।

ସତ୍ୟ ପାଳନ ପାଇଁ ଶ୍ରୀରାମଚନ୍ଦ୍ର ବନବାସରେ ଯାଇଥିଲେ । ସେଥିପାଇଁ ପ୍ରବାଦ ରହିଛି 'ରଘୁକୁଳ ରୀତି ସଦା ଚଲିଆୟି, ପ୍ରାଣ ଯାଇ ପର୍ ବଚନ ନଯାଇ'। ଗାଁ ଗହଳରେ ଏବେ ବି ଲୋକେ କୁହନ୍ତି 'ତୋ ବାକ୍ୟ ତୁହି ରକ୍ଷା କର-ଅସତ୍ୟ ନୁହଁ ସୌଦାଗର '।

ନିଶାମୁକ୍ତ ଓଡ଼ିଶା ଗଠନ ପାଇଁ ସଂକଳ୍ପପତ୍ର ଜାରି କରି ମୋଦିଙ୍କ ନାମରେ ଗ୍ୟାରେଣ୍ଟି ଦେଇ ଓଡ଼ିଶାରେ ବିଜେପି ସରକାର ପ୍ରତିଷ୍ଠିତ ହୋଇଛି । ସରକାରର ମଙ୍ଗୁଆଳମାନେ ନିଜ ବଚନ ନିଜେ ରକ୍ଷା କରି ରାଜ୍ୟକୁ ଧ୍ୱଂସ ମୁଖରୁ ବଞ୍ଚାଇବା ଲାଗି ଗୁଜରାଟ ଓ ବିହାର ମଡେଲ୍‌ରେ ରାଜ୍ୟ ସରକାରର ୨ବର୍ଷ ପୂର୍ତ୍ତି ପୂର୍ବରୁ ସଂପୂର୍ଣ୍ଣ ନିଶା ନିବାରଣ ଘୋଷଣା କଲେ ଇତିହାସରେ ଏହାର ନେତୃତ୍ୱ ପ୍ରବାଦ ପୁରୁଷ ହୋଇ ରହିଯିବେ, ନହେଲେ କାଳକାଳକୁ ଅପବାଦର ବୋଝ ମୁଣ୍ଡାଇବାକୁ ପଡ଼ିବ।

E-mail: prahalladsinha@gmail.com
ମୋ-୯୪୩୭୦୧୭୩୯୫
(ଶ୍ରୀ ସିଂହ ଜଣେ ଗାନ୍ଧିବାଦୀ ଓ ବିଶିଷ୍ଟ ଲେଖକ)

# ଭାରତରେ ସର୍ବାଧିକ ମୃତ୍ୟୁ ହୃଦଘାତ କାରଣରୁ



ପ୍ରଫେସର ଡାକ୍ତର ଚନ୍ଦ୍ରକାନ୍ତ ମିଶ୍ର

ପରିବାର ସହ ହସିଖୁସି କଥା ହେଉଥିଲା ବେଳେ, ସଭାସମିତିରେ ଭାଷଣ ଦେଉଥିଲା ବେଳେ, ଡାଇନିଂ ଟେବୁଲରେ ଚା'ପିଇବା ସମୟରେ ଅଚାନକ ଚେତାଶୂନ୍ୟ ହୋଇପଡ଼ିଯିବା ଏବଂ ପରେ ଆରପାରିକୁ ଚାଲିଯିବାର ଘଟଣା ବର୍ତ୍ତମାନ ପ୍ରାୟ ନିୟମିତ ଦେଖିବାକୁ ମିଳୁଛି। ପୂର୍ବରୁ ଯେ, ଏହା ହେଉନଥିଲା ତାହା ନୁହେଁ, ମାତ୍ର ଗତ କିଛି ବର୍ଷ ଧରି ଦେଶରେ ଅଚାନକ ମୃତ୍ୟୁ ସଂଖ୍ୟା ବଢ଼ିବା ଭୟ ସୃଷ୍ଟି ସହ ଚିନ୍ତା ମଧ୍ୟ ବଢ଼ାଇବାରେ ଲାଗିଛି । ଏନସିଆରବି ରିପୋର୍ଟ ଅନୁସାରେ ୨୦୨୪ ବର୍ଷ ତୁଳନାରେ ୨୦୨୫ ବର୍ଷରେ ଅଚାନକ ମୃତ୍ୟୁରେ ୧୨ ପ୍ରତିଶତ ବୃଦ୍ଧି ଘଟିଛି ଏବଂ ୫୬,୬୫୩ ଜଣଙ୍କର ଜୀବନ ଯାଇଛି । ଅଚାନକ ମୃତ୍ୟୁର କାରଣ ମଧ୍ୟରୁ ୫୭ ପ୍ରତିଶତ ହେଉଛି ହୃଦଘାତ । ଅର୍ଥାତ୍ ହୃଦାଘାତ କାରଣରୁ ୨୦୨୫ ବର୍ଷରେ ୩୨୪୫୭ ଜଣଙ୍କର ଜୀବନ ଯାଇଛି ।

ଭାରତରେ ହୃଦଘାତ କାରଣରୁ ମୃତ୍ୟୁହାର ପ୍ରତି ଏକ ଲକ୍ଷରେ ୨୭୨ ଥିଲାବେଳେ ବିଶ୍ୱ ଏହି ହାର ହେଉଛି ମାତ୍ର ୨୩୫ । କ୍ରମାଗତ ଭାରତରେ ହୃଦଘାତର ବଢ଼ିବା ଚିନ୍ତା ସୃଷ୍ଟି କରୁଥିଲା ବେଳେ ଏହାକୁ ମଧ୍ୟ ଅନେକାଂଶରେ ରୋକାଯାଇପାରିବ ।

ହୃଦରୋଗ ଖାଲି ଯେ ବୟସ ବଢ଼ିବା କାରଣରୁ ହୋଇଥାଏ ତାହା ଭୁଲ । ଛୋଟ ପିଲାମାନେ ମଧ୍ୟ ଅନେକ ସମୟରେ ଏହାର ଶିକାର ହୋଇଥାନ୍ତି । ତେବେ ଚିନ୍ତାର କାରଣ ହେଉଛି କରୋନା କାଳ ପରଠାରୁ ଏହି ରୋଗ ବୃଦ୍ଧି ପାଇଲା । ଯେଉଁମାନେ କରୋନାରେ ସଂକ୍ରମିତ ହୋଇଥିଲେ, ସେମାନଙ୍କ କ୍ଷେତ୍ରରେ ହୃଦଘାତ ସମସ୍ୟା ଅଧିକ ରହୁଛି । ତେଣୁ ସେମାନଙ୍କୁ ଅତ୍ୟଧିକ ପରିଶ୍ରମ ଠାରୁ ଦୂରେଇ ରହିବା ପାଇଁ ପରାମର୍ଶ ଦେଉଛି ଭାରତୀୟ ଆର୍ଯୁବିଜ୍ଞାନ ପରିଷଦ । କରୋନା ସଂକ୍ରମିତଙ୍କୁ ନେଇ ହୋଇଥିବା ଏକ ଯାଞ୍ଚରୁ ଜଣାପଡ଼ିଛି ଯେ, ଯେଉଁମାନେ କରୋନା ସଂକ୍ରମିତ ହୋଇଥିଲେ ସେମାନଙ୍କ ହୃଦୟର ଧମନୀରେ ରକ୍ତ ଜମାଟ ବାନ୍ଧୁଛି । ଯେଉଁ କାରଣରୁ ହୃଦୟକୁ ରକ୍ତ ପମ୍ପିଂରେ ସମସ୍ୟା ହେଉଛି । କରୋନା ଭାଇରସର ସବୁଠୁ ବଡ଼ ପାର୍ଶ୍ୱ ପ୍ରତିକ୍ରିୟା ହେଉଛି ରକ୍ତ ଜମାଟ ବାନ୍ଧିବା ।

ବିଶେଷଜ୍ଞମାନଙ୍କ ସୂଚନା ଅନୁସାରେ ପୂର୍ବରୁ ହୃଦଘାତର ସଂକେତ ମିଳିଥାଏ । ଏହି ସଂକେତଗୁଡ଼ିକ ହେଉଛି- ଛାତି ଯନ୍ତ୍ରଣା, ଅସ୍ଥିରତା ଅନୁଭବ କରିବା, ଶରୀରର ବାମ ଭାଗରେ ଯନ୍ତ୍ରଣା ହେବା, ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ, ପିଠି, କାନ୍ଧ, ବେକମୁଣ୍ଡାର ପେଟର ଯନ୍ତ୍ରଣା । ତେଣୁ ଏହି ସମସ୍ୟା ଦେଖାଦେଲେ ତୁରନ୍ତ ବିଶେଷଜ୍ଞଙ୍କ ପରାମର୍ଶ ନେବା ଦରକାର ।

ଅଚାନକ ମୃତ୍ୟୁ କେତେବେଳେ କାହାକୁ ନେବ ତାହା କେହି ଜାଣିନଥାନ୍ତି । ମାତ୍ର ବଦଳୁଥିବା ସାମାଜିକ ଧାରା ଏବଂ ଚାଲିଚଳଣରେ ଆମେ ଆମ ନିଜ ଶରୀରର ଯତ୍ନ ନେବାକୁ ଭୁଲି ଯାଉଛୁ । ଆମେମାନେ ଭଲ ସାର୍ଟ ପ୍ୟାଣ୍ଟ, ଘର, ଗାଡ଼ି, ସୁନାଗହଣାକୁ ଗୁରୁତ୍ୱ ଦେଉଥିଲା ବେଳେ ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ କଥାକୁ ଅଣଦେଖା କରୁଛନ୍ତି । ପାଟି ସୁଆଦ ପାଇଁ ରାଗ ମସଲା ଠାରୁ ଆରମ୍ଭ କରି ଏପରି ଖାଦ୍ୟ ଖାଉଛେ ଯାହା ଧୀରେ ଧୀରେ ଶରୀରରେ ସମସ୍ୟା ସୃଷ୍ଟି କରୁଛି । ଆଉ ଯେତେବେଳେ ଶରୀର ଅସହ୍ୟ ହେଉଛି ସେତେବେଳେ ଯାଉଛେଁ ଡାକ୍ତରଙ୍କ ନିକଟକୁ ।

**ଯେଉଁମାନେ କରୋନାରେ ସଂକ୍ରମିତ ହୋଇଥିଲେ, ସେମାନଙ୍କ କ୍ଷେତ୍ରରେ ହୃଦଘାତ ସମସ୍ୟା ଅଧିକ ରହୁଛି । ତେଣୁ ସେମାନଙ୍କୁ ଅତ୍ୟଧିକ ପରିଶ୍ରମ ଠାରୁ ଦୂରେଇ ରହିବା ପାଇଁ ପରାମର୍ଶ ଦେଉଛି ଭାରତୀୟ ଆର୍ଯୁବିଜ୍ଞାନ ପରିଷଦ । କରୋନା ସଂକ୍ରମିତଙ୍କୁ ନେଇ ହୋଇଥିବା ଏକ ଯାଞ୍ଚରୁ ଜଣାପଡ଼ିଛି ଯେ, ଯେଉଁମାନେ କରୋନା ସଂକ୍ରମିତ ହୋଇଥିଲେ ସେମାନଙ୍କ ହୃଦୟର ଧମନୀରେ ରକ୍ତ ଜମାଟ ବାନ୍ଧୁଛି । ଯେଉଁ କାରଣରୁ ହୃଦୟକୁ ରକ୍ତ ପମ୍ପିଂରେ ସମସ୍ୟା ହେଉଛି । କରୋନା ଭାଇରସର ସବୁଠୁ ବଡ଼ ପାର୍ଶ୍ୱ ପ୍ରତିକ୍ରିୟା ହେଉଛି ରକ୍ତ ଜମାଟ ବାନ୍ଧିବା ।**

ଦିନ ଥିଲା ଏହି ଚିକିତ୍ସା ବେଶ ବ୍ୟୟବହୁଳ ହେଉଥିବାରୁ ଅନେକଙ୍କ ପାଇଁ ଡାକ୍ତରଖାନା ଯିବା ସହଜ ହେଉନଥିଲା । ହେଲେ ଏବେ ପ୍ରତି ଡାକ୍ତରଖାନାରେ ହୃଦଘାତର ତ୍ୱରିତ ଚିକିତ୍ସା ପାଇଁ ବ୍ୟବସ୍ଥା ରହିଛି ।

ହୃଦଘାତ ସମସ୍ୟାକୁ ନେଇ ସଚେତନ ରହିବା ପାଇଁ କେନ୍ଦ୍ର ସରକାରଙ୍କ ଠାରୁ ଆରମ୍ଭ କରି ରାଜ୍ୟ ସରକାର ସମସ୍ତେ ବିଭିନ୍ନ କାର୍ଯ୍ୟକ୍ରମ, କର୍ମଶାଳାର ଆୟୋଜନ କରୁଛନ୍ତି । ହେଲେ ଲୋକେ ତଥାପି ସଚେତନ ହେଉ ନାହାଁନ୍ତି । ଏନସିଆରବି ରିପୋର୍ଟ ଯେଉଁ ସୂଚନା ଦେଉଛି ତାହା ନିହାତି ଭାବେ ଭୟଙ୍କର । ହେଲେ ଏହାକୁ ମଧ୍ୟ ରୋକା ଯାଇପାରିବ । ଡାକ୍ତରଙ୍କ ଭୂମିକା ଅପେକ୍ଷା ଗୁରୁତ୍ୱ ହେଉଛି ଆମମାନଙ୍କର ବ୍ୟକ୍ତିଗତ ଦାୟିତ୍ୱବୋଧ । ସବୁ ଜାଣି ମଧ୍ୟ ଆମେ ଆମ ଶରୀରକୁ ନିର୍ଯ୍ୟାତନା ଦେଇ ଚାଲିଛେ । ଟଙ୍କା ଉପାର୍ଜନ, ଚାକିରି ବୋଝ, ପରିବାର ଦାୟିତ୍ୱ ଭିତରେ ଶରୀରକୁ ଯେଭଳି ଭାବେ ବିଶ୍ରାମ ଦେବା କଥା ତା ମଧ୍ୟ ହେଉନାହେଁ । ଫଳରେ ଦିନକୁ ଦିନ ଶରୀରର ଯନ୍ତ୍ରାଂଶ ଦୁର୍ବଳ ହେବାରେ ଲାଗିଛି । ତେଣୁ ସବୁ ଦାୟିତ୍ୱ ଭିତରେ ମଧ୍ୟ ଆମକୁ ଆମର ଓ ଆମ ପରିବାରର ସୁରକ୍ଷା ପାଇଁ ସ୍ୱାସ୍ଥ୍ୟ ପ୍ରସଙ୍ଗ ଉପରେ ଅଧିକ ଦୃଷ୍ଟି ଦେବାକୁ ପଡ଼ିବ । ନଚେତ କେତେବେଳେ ଯେ ପରିବାରରେ ଶୋକ ପରିବେଶ ସୃଷ୍ଟି ହେବ ତାହା କେହି କହିପାରିବେ ନାହିଁ ।

ପ୍ରଫେସର, ହୃଦରୋଗ ବିଭାଗ,
ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ,କଟକ

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ବରସାହି ମୌଜାରୁ ଏକ ଏକରରୁ ଉର୍ଦ୍ଧ୍ୱ ସରକାରୀ ଜମି ଉଚ୍ଛେଦ

## ପ୍ରଶାସନିକ ଅଧିକାରୀଙ୍କୁ ଘେରିଲେ ମହିଳା

ଖୋର୍ଦ୍ଧା, (ସବ୍ୟୁ) : ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ବରସାହି ମୌଜାରେ ଏକର ଏକର ସରକାରୀ ଜମିକୁ ମାଡିବସି ଫାର୍ମ ହାଉସ କରିଥିବା ବ୍ୟକ୍ତିଙ୍କ ଜବରଦଖଲ ଜମିକୁ ପ୍ରଶାସନ ଉଚ୍ଛେଦ କରିଛି । ଉଚ୍ଛେଦବେଳେ ଉକ୍ତ ବ୍ୟକ୍ତିଙ୍କ ଦ୍ୱାରା ଭଡାଟିଆ ଲୋକଙ୍କୁ ଅଣାଯାଇ ପ୍ରତିବାଦ କରାଯାଇଥିଲା । ଏଥିରେ ସ୍ଥାନୀୟ ଅଞ୍ଚଳର ଜଣେ କଥାକଥିତ ସାମ୍ବାଦିକ ଉକ୍ତ ମହିଳାଙ୍କୁ ଉସକାଇ ପ୍ରଶାସନିକ ଅଧିକାରୀଙ୍କୁ ଘେରି ଉଚ୍ଛେଦ ବନ୍ଦ କରିବାକୁ ଚାପ ପକାଉଥିବା ଦେଖାଯାଇଥିଲା । ପରେ ଉପଜିଲ୍ଲାପାଳ ଘଟଣା ସ୍ଥଳରେ ପହଁଚି ଉଚ୍ଛେଦ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିଲେ । ପ୍ରଶାସନ ସେଠାରୁ ୧ଏକର ରୁ ଉର୍ଦ୍ଧ୍ୱ ଜମିକୁ ଉଚ୍ଛେଦ କରିଥିବା ଉପଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ ସୂଚନା ଦେଇଛନ୍ତି ।ଆସନ୍ତାକାଲି ଅବଶିଷ୍ଟ ଜମିରେ ରହିଥିବା ୨ମହଲା ବିଶିଷ୍ଟ କୋଠାକୁ ଉଚ୍ଛେଦ କରାଯିବ ବୋଲି କହିଥିଲେ । ଖୋର୍ଦ୍ଧା ତହସିଲ୍ ଅନ୍ତର୍ଗତ ବରସାହି ମୌଜା ଅଂଚଳରେ ଥିବା ଖାତା ନଂ.୫୬୧ର ପ୍ଲଟ୍ ନଂ.୧୭୫୬, ପ୍ଲଟ୍ ନଂ.୧୭୩୨ ଓ ଖାତା ନଂ.୫୬୩ର ପ୍ଲଟ୍ ନଂ.୧୬୯୬ ଅଧୀନରେ ଥିବା ପ୍ରାୟ ତିନି ଏକରରୁ ଉର୍ଦ୍ଧ୍ୱ ସରକାରୀ ଜମିକୁ ଭୁବନେଶ୍ୱର ଅଂଚଳର ଏକ ଘରୋଇ ଶିକ୍ଷାନୁଷ୍ଠାନରେ କାର୍ଯ୍ୟରତ କର୍ମଚାରୀ ଜବରଦଖଲ କରିଥିବା ନେଇ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା । ଏପରିକି ଏହି କୋର୍ଟଙ୍କ ପର୍ଯ୍ୟନ୍ତ ଯାଇଥିଲା ।ପରେ ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଜବରଦଖଲ ରେ ଥିବା ସମସ୍ତ ଜମିକୁ ଉଚ୍ଛେଦ ଲାଗି ପ୍ରଶାସନ ଉକ୍ତ ଜବରଦଖଲ କାରୀଙ୍କୁ ନୋଟିସ କରିଥିଲା । ଜମିରେ ରହିଥିବା ଗଛଗୁଡିକର ସୁରକ୍ଷାକୁ ଦୃଷ୍ଟିରେ ରଖିବାକୁ କୋର୍ଟଙ୍କ ନିର୍ଦ୍ଦେଶ ଥିବାରୁ ଏହାର ସୁଯୋଗ ନେଇ ନୋଟିସ ସତ୍ତ୍ୱେ ଜବରଦଖଲ କାରୀ ସବୁ ଜମିରେ ତରବରିଆଭାବେ କେତେକ ଗଛଆଣି ଅତି ନିକଟରେ ପୋତିଥିବା ଉଚ୍ଛେଦ ସମୟରେ ଦେଖାଯାଇଥିଲା । ମାନ୍ୟବର କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ସକାଳ ୭ଟାରୁ ଉଚ୍ଛେଦ ପାଇଁ ଘଟଣାସ୍ଥଳରେ ତହସିଲଦାର ବିଭାସ ପାଣିଗ୍ରାହୀ, ଅତିରିକ୍ତ ତହସିଲଦାର ଡି. ଗୋପାଳ ରେଡ୍ଡି, ଆରଆଇ ଖୋର୍ଦ୍ଧାଙ୍କ ସମେତ ରାଜସ୍ୱ ବିଭାଗ କର୍ମଚାରୀ ଓ ପୁଲିସ ଘଟଣାସ୍ଥଳରେ ପହଁଚିଥିଲେ । ମାତ୍ର ପୂର୍ବ ଯୋଜନା ମୁତାବକ ଜବରଦଖଲକାରୀଙ୍କ ଦ୍ୱାରା ନିୟୋଜିତ କଥାକଥିତ ସାମ୍ବାଦିକଙ୍କ ପ୍ରରୋଚନାରେ ସେଠାରେ ପୂର୍ବରୁ ଜମା ହୋଇରହିଥିବା ମହିଳାମାନେ ଉଚ୍ଛେଦକୁ ବିରୋଧ କରିଥିଲେ । ପ୍ରାୟ କିଛି ସମୟ ବିରୋଧ ପରେ ଘଟଣାସ୍ଥଳରେ ଉପଜିଲ୍ଲାପାଳ ଶ୍ରୀ ସାହୁ ଓ ଅଧିକ ପୁଲିସ ପହଁଚିବାରୁ ପ୍ରଶାସନ ପହଁଚି ଆଲୋଚନା କରିଥିଲେ ।ପରବର୍ତୀ ମୁହୂର୍ତରେ ପ୍ରଶାସନର ନିଷ୍ପତିକୁ ମାନି ଶାନ୍ତ ରହିଥିବା ଦେଖିବାକୁ ମିଳିଥିଲା । ଗୁରୁବାର ପୁନର୍ବାର ଜବରଦଖଲ ଉଚ୍ଛେଦ କରାଯିବ ।

# କ୍ୟାନସର୍ ପୀଡିତାଙ୍କ ଉଦ୍ଦେଶ୍ୟରେ ଯୁବକଙ୍କ କେଶଦାନ

ଭୁବନେଶ୍ୱର,(ସବ୍ୟୁ) : କ୍ୟାନସର୍ ରୋଗରେ ଆକ୍ରାନ୍ତ ହୋଇ କେଶ ହରାଉଥିବା ପୀଡିତଙ୍କ ଉଦ୍ଦେଶ୍ୟରେ ନିଜର କେଶ ଦାନ କରିଛନ୍ତି ଖୋର୍ଦ୍ଧା ଜିଲ୍ଲାର ଯୁବକ ରାଜେନ୍ଦ୍ର ହୋତା । ସାମାଜିକ ଅନୁଷ୍ଠାନ ସୋପଭା ଟ୍ରଷ୍ଟ ସହଯୋଗରେ ସେ 'କେଶ ଥିଲେ ଦିଅନ୍ତୁ, ନଥିଲେ ନିଅନ୍ତୁ' ଅଭିଯାନରେ ସାମିଲ ହୋଇ ପ୍ରାୟ ୧୫ ଇଞ୍ଚ ଲମ୍ବର କେଶକୁ ଦାନ କରିଛନ୍ତି । କ୍ୟାନସର୍ ରୋଗରେ ଆକ୍ରାନ୍ତ ହୋଇଥିବା ପୀଡ଼ିତାମାନେ ଚିକତ୍ସାଧିନ ସମୟରେ ନେଉଥିବା କେମୋ ଉପଚାର ଦ୍ୱାରା ବହୁମାତ୍ରାରେ କେଶ ଝଡିବା ଭଳି ସମସ୍ୟା ଦେଖାଦେଇଥାଏ, ଫଳରେ ସେମାନେ ବହୁତ ଦୁଃଖିତ ଅନୁଭବ କରିବା ସହିତ ପରିପାର୍ଶ୍ୱିକ ଲୋକମାନଙ୍କ ସହିତ ମିଳାମିଶା କରିବା ନେଇ କୁଣ୍ଠାବୋଧ ପ୍ରକାଶ କରିଥାନ୍ତି, ଯାହାକି ସେମାନଙ୍କୁ ମାନସିକ ସ୍ତରରେ ପୀଡା ଦେଇଥାଏ । କିନ୍ତୁ, ପ୍ରାକୃତିକ କେଶର ବ୍ୟବହାରରେ କୃତିମ କେଶ ତଥା ୱିଗର ବ୍ୟବହାର ଦ୍ୱାରା କ୍ୟାନସର୍ ପୀଡ଼ିତାମାନେ ନିଜର ଆତ୍ମବିଶ୍ୱାସ ଫେରି ପାଇଥାନ୍ତି ଓ ପରିପାର୍ଶ୍ୱିକ ଲୋକମାନଙ୍କ ସହିତ ମିଳାମିଶା କରିଥାନ୍ତି । ସୋପଭା ଟ୍ରଷ୍ଟ ଦ୍ୱାରା ଆରମ୍ଭ ହୋଇଥିବା ଏହି ପ୍ରୟାସ ହଜାର ହଜାର ପୀଡିତାଙ୍କୁ ୱିଗର ପ୍ରଦାନ ଦ୍ୱାରା ସେମାନଙ୍କ ମୁହଁରେ ହସ ଆଣିପାରିଛି । ସାମାଜିକ ସଂସ୍ଥାନରେ କାର୍ଯ୍ୟରତ ରାଜେନ୍ଦ୍ର, ସୋପଭା ଟ୍ରଷ୍ଟର ସହଯୋଗୀତାରେ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ବଢାଇଥିବା କେଶକୁ ମାନବସେବା ଅର୍ଥରେ ଦାନ କରିବା ସହିତ ସମଗ୍ର ସମାଜ ପାଇଁ ଏକ ପ୍ରେରଣାର ବାର୍ତ୍ତା ସୃଷ୍ଟି କରିପାରିଛନ୍ତି ।

# ଓଏଏସ୍ (କନିଷ୍ଠ ବର୍ଗ) ଏବଂ ଓଆର୍ଏସ୍ ଅଧିକାରୀଙ୍କ ପାଇଁ ନୂତନ ବଦଳି ନୀତି ଜାରି

## ସମସ୍ତ ଅଧିକାରୀ ସେବାର ପ୍ରଥମ ଛଅବର୍ଷ ମଧ୍ୟରେ କ୍ଷେତ୍ରରେ କାର୍ଯ୍ୟ କରିବାକୁ ବାଧ

ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟରେ ପ୍ରଶାସନକୁ ଅଧିକ ପ୍ରଭାବଶାଳୀ, ସ୍ୱଚ୍ଛ ଓ ଦାୟିତ୍ୱସମ୍ପନ୍ନ କରିବା ଉଦ୍ଦେଶ୍ୟରେ ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ଓଡିଶା ପ୍ରଶାସନିକ ସେବା (ଓଏଏସ୍) ଗ୍ରୁପ୍‌ବ୍ୱିଏ (କନିଷ୍ଠ ବର୍ଗ) ଏବଂ ଓଡ଼ିଶା ରାଜସ୍ୱ ସେବା (ଓଆରଏସ୍) ଅଧିକାରୀଙ୍କ ବଦଳି ଓ ପୋଷ୍ଟିଂ ସମ୍ପର୍କିତ ନୀତି ଜାରି କରାଯାଇଛି । ରାଜ୍ଯ ସରକାରଙ୍କ ନିଷ୍ପତ୍ତି କ୍ରମେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ଏହି ନିର୍ଦ୍ଦେଶ ଜାରି କରିଛନ୍ତି । ନୂତନ ନିୟମ ଅନୁଯାୟୀ, ପ୍ରତିବର୍ଷ ୧୫ ଏପ୍ରିଲ୍ ଠାରୁ ୧୫ ଜୁନ୍ ମଧ୍ୟରେ ସାଧାରଣ ବଦଳି କାର୍ଯ୍ୟ ସମ୍ପାଦିତ ହେବ । ଏହା ବ୍ୟତୀତ ଅନ୍ୟ ସମୟରେ ବଦଳି ପାଇଁ ଉଚ୍ଚତର କର୍ତ୍ତୃପକ୍ଷଙ୍କ ଅନୁମୋଦନ ଆବଶ୍ୟକ ହେବ । ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଓଏଏସ୍ ଏବଂ ଓଆରଏସ୍ ଅଧିକାରୀଙ୍କ ପଦବୀରେ ରହିବା ସମୟ ସର୍ବନିମ୍ନ ୨ ବର୍ଷ ଓ ସର୍ବାଧିକ ୩ ବର୍ଷ ହେବ । ତେବେ ପ୍ରଶାସନିକ ଆବଶ୍ୟକତା ଏବଂ ଜନସ୍ୱାର୍ଥ ପରିପ୍ରେକ୍ଷୀରେ ଏହାର ପୁନର୍ବିଚାର ହୋଇପାରିବ । ବଦଳି ଆଦେଶ ପାଇବାର ୭ ଦିନ ମଧ୍ୟରେ ଓଏଏସ୍ ଏବଂ ଓଆରଏସ୍ ଅଧିକାରୀଙ୍କୁ ଉପର ଅଧିକାରୀଙ୍କ ଦ୍ୱାରା ରିଲିଫ୍ କରାଯିବ ନହେଲେ ଅଷ୍ଟମ ଦିନରୁ ଆଦେଶକ୍ରମେ ରିଲିଭ୍ ହୋଇଛନ୍ତି ବୋଲି ଧରାଯିବ । ଅଧିକାରୀମାନେ ନୂତନ ପୋଷ୍ଟିଂ ସ୍ଥାନରେ ୭ ଦିନ ମଧ୍ୟରେ ଯୋଗଦେବାକୁ ପଡିବ । କୌଣସି ବି ଅଧିକାରୀ ଗୋଟିଏ ଜିଲ୍ଲାରେ ୬ ବର୍ଷରୁ ଅଧିକ ସମୟ ନିରନ୍ତର ରହିପାରିବେ ନାହିଁ ଏବଂ ସମୁଦାୟ ସେବା ଅବଧିରେ ୧୦ ବର୍ଷରୁ ଅଧିକ ସମୟ କାର୍ଯ୍ୟ କରିପାରିବେ ନାହିଁ । ଅଧିକାରୀମାନଙ୍କ ପାଇଁ ନିଜ ଘରୋଇ ଜିଲ୍ଲାରେ ନିଯୁକ୍ତି ନିମନ୍ତେ ନିଷେଧାଦେଶ ଜାରି କରାଯାଇଛିନ୍ତ ମାତ୍ର ଅବସର ପୂର୍ବରୁ ବିଶେଷ ପରିସ୍ଥିତିରେ ଏ ସମ୍ପର୍କରେ ଛାଡ ମିଳିପାରେ । ସେହିପରି ୪୦% କିମ୍ବା ତାଠାରୁ ଅଧିକ ଦିବ୍ୟାଙ୍ଗ ଥିବା ଅଧିକାରୀଙ୍କ ବଦଳି ତାଙ୍କ ଅନୁରୋଧ ଅନୁଯାୟୀ ବିଚାର କରାଯିବ । ଦମ୍ପତିମାନଙ୍କ ମାମଲାରେ ନିକଟସ୍ଥ ସ୍ଥାନରେ ପୋଷ୍ଟିଂ ସମ୍ପର୍କରେ ବିଚାର କରାଯିବ ମାତ୍ର ଏହାକୁ ଅଧିକାର ଭାବେ କେହି ଦାବି କରିପାରିବେ ନାହିଁ । କେବିକେ ଅଞ୍ଚଳରେ ସେବାକୁ ଗୁରୁତ୍ୱ ଦେଇ ସେଠାରେ ଅନ୍ୟୂନ ୩ ବର୍ଷ କାର୍ଯ୍ୟ ପୂରଣ କଲେ ଅନ୍ୟ ଜିଲ୍ଲାକୁ ବଦଳି ବିଚାର କରାଯିବ । ଏହା ସହିତ, ଅଧିକାରୀମାନେ ବଦଳି ପାଇଁ କୌଣସି ପ୍ରକାରର ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ସୁପାରିଶ୍ କରିବାକୁ ନିଷେଧାଦେଶ ଜାରି କରାଯାଇଛି । ସମସ୍ତ ଅଧିକାରୀ ସେବାର ପ୍ରଥମ ଛଅବର୍ଷ ମଧ୍ୟରେ କ୍ଷେତ୍ରରେ କାର୍ଯ୍ୟ ଅଭିଜ୍ଞତା ହାସଲ କରିବା ନିମନ୍ତେ ନିଶ୍ଚିତ କରାଯାଇଛି । ତେବେ, ଅଧିକାରୀଙ୍କ ବଦଳି ସଂକ୍ରାନ୍ତୀୟ ସମସ୍ତ ଅନୁରୋଧ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଏକ କମିଟି ଦ୍ୱାରା ପରୀକ୍ଷା କରାଯାଇ ତଦନୁଯାୟୀ ସୁପାରିଶ କରାଯିବ । ସରକାର ସ୍ପଷ୍ଟ କରିଛନ୍ତି ଯେ କୌଣସି ଅଧିକାରୀ ନିର୍ଦ୍ଦିଷ୍ଟ ସ୍ଥାନରେ ପୋଷ୍ଟିଂ ପାଇଁ ଅଧିକାର ଦାବି କରିପାରିବେ ନାହିଁ ଏବଂ ସମସ୍ତଙ୍କୁ ସରକାରୀ ନିର୍ଦ୍ଦେଶ ମାନିବା ଆବଶ୍ୟକ । ଏହି ନୂତନ ନୀତି ପୂର୍ବରୁ ଜାରି ହୋଇଥିବା ସମସ୍ତ ସମ୍ପର୍କିତ ନିର୍ଦ୍ଦେଶ ଓ ନିୟମାବଳୀକୁ ରଦ୍ଦ କରିବା ସହ କାର୍ଯ୍ୟକାରୀ ହେବ ।

## କମ୍ପ୍ୟୁଟେସ୍‌ନାଲ ଇନ୍‌ଟେଲିଜେନ୍ସ ଟେକ୍ନିକ୍ସକୁ ନେଇ

# ସୋଆ ପକ୍ଷରୁ ପ୍ରଥମ ଆଇଇଇଇ ଆନ୍ତର୍ଜାତିକ ସମ୍ମିଳନୀ

ଭୁବନେଶ୍ୱର, (ସବ୍ୟୁ) : ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ, ବିଗ୍ ଡାଟା ଆନାଲିଟିକ୍ସ, ଡିପ୍ ଲର୍ଣ୍ଣିଂ, କ୍ଲାଉଡ୍ ଆଣ୍ଡ ଫଗ୍ କମ୍ପ୍ୟୁଟିଂ, ଇନ୍‌ଟରନେଟ ଅଫ୍ ଥିଙ୍ଗସ ଓ ଇଭୋଲ୍ୟୁସନାରୀ କମ୍ପ୍ୟୁଟିଂ ଭଳି ବିବିଧ ବିଷୟକୁ ନେଇ ଗତ ଏପ୍ରିଲ୍ ୧୦ ଏବଂ ୧୧ ଦୁଇ ଦିନ ଧରି ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପକ୍ଷରୁ ଦୁଇ ଦିନିଆ ପ୍ରଥମ ଆଇଇଇଇ ଆନ୍ତର୍ଜାତିକ ସମ୍ମିଳନୀ 'ଇମର୍ଜିଂ ଟ୍ରେଣ୍ଡସ ଇନ୍ ଆଡଭାନ୍ସମେନ୍ସ ଆଣ୍ଡ ଆପ୍ଲିକେସନ୍ସ ଅଫ୍ କମ୍ପ୍ୟୁଟେସ୍‌ନାଲ ଇନ୍‌ଟେଲିଜେନ୍ସ ଟେକ୍ନିକ୍ସ' (ଇଟିଏଏସିଟି ୨୦୨୬) ଆୟୋଜିତ ହୋଇଯାଇଛି । ହାଇବ୍ରିଡ୍ ମୁଡ୍‌ରେ ଆୟୋଜିତ ଏହି ସମ୍ମିଳନୀରେ ବିଶ୍ୱସ୍ତରୀୟ ଗବେଷକ, ଶିକ୍ଷାବିତ୍, ବୈଜ୍ଞାନିକ, ଶିଳ୍ପ ବିଶେଷଜ୍ଞ ଯୋଗ ଦେଇଥିଲେ । ନ୍ୟୁରୋଲା ନେଟୱାର୍କ, ଅପ୍ଟିମାଇଜେସନ୍ ଟେକ୍ନିକ୍ସ ଓ ସିକ୍ୟୁରିଟି ଟେକ୍ନୋଲଜି ଭଳି ପ୍ରସଙ୍ଗକୁ ନେଇ ବିଶେଷଜ୍ଞମାନେ ଆଲୋଚନା କରିଥିଲେ । ବିଶେଷଜ୍ଞମାନଙ୍କ ମଧ୍ୟରେ ବିଟ୍ସ ପିଲାନି, ଦୁବାଇ କ୍ୟାମ୍ପସ୍‌ର ପ୍ରଫେସର ଅମିତାଭ ମୁଖାର୍ଜୀ, ଆଇଆଇଟି, ପାଟନାର ପ୍ରଫେସର ସୋମନାଥ ତ୍ରିପାଠୀ,



ୟୋନସେଇ ବିଶ୍ୱବିଦ୍ୟାଳୟ, ସାଉଥକୋରିଆର ପ୍ରଫେସର ସୁଙ୍ଗ-ବେ ସୋ ଏବଂ ଏନ୍‌ଆଇଟି, ରାଉରକେଲାର ପ୍ରଫେସର ବିଭୁଦତ ସାହୁ ବିଭିନ୍ନ ଆଲୋଚନାରେ ଭାଗ ନେଇଥିଲେ । ସମ୍ମିଳନୀରେ ମୁଖ୍ୟତଃ ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ ଆଣ୍ଡ ଡାଟା ସାଇନସେସ୍, ନ୍ୟୁରାଲ ନେଟୱାର୍କସ ଆଣ୍ଡ ଫଜି ଲଜିକ, ଅପ୍ଟିମାଇଜେସନ୍ ଟେକ୍ନିକ୍ସ, ଆପ୍ଲାଏଡ୍ ମେସିନ୍ ଲର୍ଣ୍ଣିଂ, ସିକ୍ୟୁରିଟି ଟୁଲ୍ସ ଆଣ୍ଡ ବ୍ଲକ୍‌ଚେନ୍, ସର୍ଚ୍ଚ ଇଞ୍ଜିନ୍ ଆଣ୍ଡ ଇନ୍‌ଫର୍ମେସନ୍ ରିଟ୍ରିଭାଲ୍, କ୍ଲାଉଡ କମ୍ପ୍ୟୁଟିଂ, ପାରାଲାଲ୍ କମ୍ପ୍ୟୁଟିଂ, ଫେଡେରେଟେଡ୍ ଲର୍ଣ୍ଣିଂ ଓ ଇନ୍‌ଟେରନେଟ୍ ଅଫ୍ ଥିଙ୍ଗସ ଭଳି ୭ଟି ନିର୍ଦ୍ଦିଷ୍ଟ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା । ୟୁକେ, ୟୁଏସଏ, ଥାଇଲ୍ୟାଣ୍ଡ, ୟୁଏଇ, ମାଲେସିଆ, ଜର୍ମାନୀ, ନ୍ୟୁଜିଲ୍ୟାଣ୍ଡ ଏବଂ ଜୋର୍ଡାନ୍ ଭଳି ଦେଶରୁ ପ୍ରାୟ ୨୦୦୦ ଗବେଷଣା ସନ୍ଦର୍ଭ ଏହି ସମ୍ମିଳନୀରେ ସଂଗୃହୀତ ହୋଇଥିଲା । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ର ଡିନ୍ ପ୍ରଫେସର ପ୍ରଦୀପ କୁମାର ସାହୁ ଏବଂ କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ପ୍ରଫେସର ଦେବାହୁତି ମିଶ୍ର ଯୋଗ ଦେଇଥିଲେ । ସମ୍ମିଳନୀର ପ୍ରୋଗ୍ରାମ ଚେୟାର ଡକ୍ଟର ରଶ୍ମିତା ଦାଶ ଆଲୋଚନା ଗୁଡ଼ିକୁ ପରିଚାଳନା କରିଥିବା ବେଳେ ତାଙ୍କୁ ଟିପିସି ଚେୟାର ଡକ୍ଟର ରାଜଶ୍ରୀ ଦାଶ ଏବଂ ଅର୍ଗାନାଇଜିଂ ଚେୟାର ଡକ୍ଟର ରଶ୍ମିତା ରାଉତରାୟ ସହଯୋଗ କରିଥିଲେ । ଆଇଇଇଇ ଭୁବନେଶ୍ୱର ସେକ୍ସନ୍ ପକ୍ଷରୁ କନ୍‌ଜ୍ୟୁମର ଟେକ୍ନୋଲଜି ସୋସାଇଟି ଚାପ୍‌ଟରର ଚେୟାର ଡକ୍ଟର ନିରଞ୍ଜନ କୁମାର ରାୟ ସମ୍ମିଳନୀରେ ସାମିଲ ହୋଇଥିଲେ ।

# ସମ୍ବଲପୁରରେ "ବୀର ସୁରେନ୍ଦ୍ର ସାଏ ସଂଗ୍ରହାଳୟ"ର ଲୋକାର୍ପଣ କଲେ କେନ୍ଦ୍ରମନ୍ତ୍ରୀ

ସମ୍ବଲପୁର, (ସବ୍ୟୁ) : ଓଡ଼ିଶାର ମହାନ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ ହେଉଛନ୍ତି ଶୌର୍ଯ୍ୟ, ଧୈର୍ଯ୍ୟ ଓ ପରାକ୍ରମର ପ୍ରତୀକ । ସମ୍ବଲପୁର ଦଲାଇପଡ଼ା ଠାରେ ଲୋକାର୍ପିତ ହୋଇଥିବା "ବୀର ସୁରେନ୍ଦ୍ର ସାଏ ସଂଗ୍ରହାଳୟ" ଆଗାମୀ ପିଢ଼ିକୁ ନିଜର ଐତିହ୍ୟ ଓ ଇତିହାସ ବିଷୟରେ ଜାଣିବା ପାଇଁ ପ୍ରେରିତ କରିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ । ଦୁଇଦିନିଆ ସମ୍ବଲପୁର ଗସ୍ତରେ ଥିବା ଶ୍ରୀ ପ୍ରଧାନ ବୁଧବାର ଏହି ସଂଗ୍ରହାଳୟକୁ ଉଦଘାଟନ କରି କହିଛନ୍ତି ଯେ, ବୀର ସୁରେନ୍ଦ୍ର ସାଏଙ୍କ ସ୍ମୃତି ସଂଗ୍ରହାଳୟର ଉଦଘାଟନ ଆମର ସ୍ୱାଭିମାନ ଓ ବୀରତ୍ୱର ଗାଥାକୁ ସମ୍ମାନ ଜଣାଇବାର ଏକ ଅନନ୍ୟ ପ୍ରୟାସ । ରାଜ୍ୟ ସରକାରଙ୍କ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ, ଜିଲ୍ଲା ପ୍ରଶାସନ ଏବଂ 'ଇଣ୍ଟାକ୍'ର ମିଳିତ ପ୍ରୟାସରେ



ନିର୍ମିତ ଏହି ସଂଗ୍ରହାଳୟ ନିର୍ମିତ ହୋଇଛି । ଏଠାରେ ସମ୍ବଲପୁରର ଐତିହ୍ୟ, ସଂସ୍କୃତି ଓ ପରମ୍ପରା ସହ ଜଡ଼ିତ ଅନେକ ଦୁର୍ଲଭ ଫଟୋଚିତ୍ର ପ୍ରଦର୍ଶିତ ହୋଇଛି । ଏଥିସହ ଦେଶର ସ୍ୱାଧୀନତା ପାଇଁ ପ୍ରାଣବଳି ଦେଇଥିବା ମହାନ ସଂଗ୍ରାମୀ ଏବଂ ଅଞ୍ଚଳର ବରେଣ୍ୟ ମହାପୁରୁଷମାନଙ୍କର ଜୀବନ୍ତ କଳାଚିତ୍ର ସ୍ଥାନ ପାଇଛି । ଏହି କଳାକୃତିଗୁଡ଼ିକ ମାଧ୍ୟମରେ ସମ୍ବଲପୁରର ବୀରତ୍ୱ ଗାଥା ଓ ସାଂସ୍କୃତିକ ବିଭବକୁ ଅତି ସୁନ୍ଦର ଭାବେ ଉପସ୍ଥାପନ କରାଯାଇଛି । ଶ୍ରୀ ପ୍ରଧାନ ସମ୍ବଲପୁରବାସୀ ଏବଂ ବିଶେଷ କରି ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କୁ ଏହି ସଂଗ୍ରହାଳୟ ପରିଦର୍ଶନ କରିବାକୁ ନିମନ୍ତ୍ରଣ କରିଛନ୍ତି । ଏହାବ୍ୟତୀତ ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ସହ ହୋଇଥିବା ଆଲୋଚନାରେ ସମ୍ବଲପୁରରେ ଏକ ନୂତନ 'ଆର୍ଟ, ମ୍ୟୁଜିକ୍ ଏବଂ କ୍ରାଫ୍ଟ କଲେଜ ପ୍ରତିଷ୍ଠା ପାଇଁ ଚର୍ଚ୍ଚା ହୋଇଥିବା ସେ କହିଛନ୍ତି । ଏହା ସହିତ ସ୍ଥାନୀୟ କଳାକାରମାନଙ୍କ ପାଇଁ ନିର୍ମାଣାଧୀନ ଅଡିଟୋରିୟମ୍ କାର୍ଯ୍ୟକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ସେ ଗୁରୁତ୍ୱାରୋପ କରିଛନ୍ତି ।

# ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି ପକ୍ଷରୁ ଓଡ଼ିଆ ନୂଆବର୍ଷ ପାଳନ

ଭୁବନେଶ୍ୱର (ସବ୍ୟୁ) : ମହାବିଷୁବ(ପଣା) ସଂକ୍ରାନ୍ତି ଓଡ଼ିଆ ନୂଆବର୍ଷ ଉପଲକ୍ଷେ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି ପକ୍ଷରୁୟୁନିଟ-୬ସ୍ଥିତ କେନ୍ଦ୍ରୀୟ କାର୍ଯ୍ୟାଳୟରେ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଛି । ଏହି ଉଦ୍ଦେଶ୍ୟରେ ଏକ ସାଧାରଣ ବୈଠକ ଉପସଭାପତି ପ୍ରଦୀପ୍ତ କୁମାର ମହାରଣାଙ୍କ ଅଧ୍ୟକ୍ଷତା କରିଥିବା ବେଳେ ସାଧାରଣ ସମ୍ପାଦକ ଡକଟର ରାଧାନାଥ ପ୍ରହରାଜ ସଭାକୁ ପରିଚାଳନା କରିଥିଲା । ଏଥିରେ ଭୁବନାନନ୍ଦ ତ୍ରିପାଠୀ ତାଙ୍କର ବକ୍ତବ୍ୟ ରଖି ଓଡ଼ିଆମାନଙ୍କ ଉଜ୍ଜ୍ୱଳମୟ ଅତୀତ ବଜାୟ ରଖିବାକୁ ହେଲେ ଆମ୍ଭମାନଙ୍କର ଦୈନନ୍ଦିନ ଚଳଣି, କାର୍ଯ୍ୟଶୈଳୀ ଓ ସଂଚୟ ମନବୃତ୍ତି ଇତ୍ୟାଦିରେ ପରିବର୍ତ୍ତନ ଆଣିବା ପାଇଁ ଆହ୍ୱାନ ଦେଇଥିଲେ । ଏହି ସଭାରେ ଉପସଭାପତି ଲକ୍ଷ୍ମୀଧର ଦାଶ, ଉପସଭାପତି ପ୍ରଫେସର ଡକଟର କାଶୀନାଥ ରଥ, ସମ୍ପାଦକ ବିରଞ୍ଚି ନାରାୟଣ ଦାଶ, ସମ୍ପାଦିକା ଜୟନ୍ତୀ ପଢିହାରୀ, କୋଷାଧକ୍ଷ ତ୍ରିନାଥ ସାମନ୍ତରାୟ, କାର୍ଯ୍ୟନିର୍ବାହୀ ସଦସ୍ୟ ଇଂ ଜିତେନ୍ଦ୍ର କୁମାର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଭାରତ ବିକାଶ ପରିଷଦ ଚନ୍ଦ୍ରଶେଖରପୁର ଶାଖାର ଶପଥ ଗ୍ରହଣ ଉତ୍ସବ

ଭୁବନେଶ୍ୱର, (ସବ୍ୟୁ) : ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସରରେ ଭାରତ ବିକାଶ ପରିଷଦ, ଚନ୍ଦ୍ରଶେଖର ପୁର ଶାଖାର ନବ ନିର୍ବାଚିତ କାର୍ଯ୍ୟକର୍ତ୍ତା ମାନଙ୍କର ଶପଥ ଗ୍ରହଣ ଉତ୍ସବ ସମାରୋହ ସହକାରେ ସ୍ଥାନୀୟ ନିଳାଦ୍ରୀ ବିହାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସଭା କକ୍ଷରେ ପାଳିତ ହୋଇଯାଇଛି । ଶାଖାର ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିଲେ ଭୁବନେଶ୍ୱରର ପ୍ରମୁଖ ଆଇ. ଟି କମ୍ପାନୀ ଟି.ସି.ଏସ୍ ର ଅନ୍ୟତମ ପ୍ରୋଜେକ୍ଟ ମ୍ୟାନେଜର ଇଞ୍ଜିନିୟର୍ ତଥା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଚନ୍ଦ୍ରଶେଖର ଭାଗର କାର୍ଯ୍ୟବାହ ଦେବୀ ପ୍ରସାଦ ମହାପାତ୍ର । ଉତ୍ସବ ପ୍ରାରମ୍ଭରେ ସାମୂହିକ ବନ୍ଦେ ମାତରଂ ଗାନ ପରେ ଶାଖାର ମହିଳା ସଦସ୍ୟା ମାନେ ଦେଶବନ୍ଦନା ବୃନ୍ଦ ଗାନ ଗାଇ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ । ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ମହାରଣା ଉପସ୍ଥିତ ସମସ୍ତଙ୍କୁ ଆଜି ଦିନଟିର ତାତ୍ପର୍ଯ୍ୟ ବୁଝାଇଥିଲେ । ଶ୍ରୀ ଜଗନ୍ନାଥ




ମନ୍ଦିରେ ନୂତନ ପାଞ୍ଜି ପ୍ରଚଳନ ପ୍ରଭୃତି କାର୍ଯ୍ୟକ୍ରମ ଆଜିର ଦିନରେ ଅନୁଷ୍ଠିତ ହୋଇଥାଏ ବୋଲି କହିଥିଲେ ।ତତ୍ ପରେ ଶାଖା ସଚିବ ଦଶରଥ ନାୟକ ଆଜି ଦିନର ବୈଶିଷ୍ଟ୍ୟ ସମ୍ପର୍କରେ ସମ୍ୟକ ଆଲୋଚନା କରିଥିଲେ । ଅତିଥି ଇଂଜିନିୟର ଦେବୀ ପ୍ରସାଦ ମହାପାତ୍ର ତାଙ୍କ ଅଭିଭାଷଣରେ ହିନ୍ଦୁ, ହିନ୍ଦୁ ସଂସ୍କୃତି, ହିନ୍ଦୁ ପରମ୍ପରାରେ ପର୍ବ ପର୍ବାଣୀ ପାଳନ ତଥା ସମାଜର ଅବହେଳିତ, ବଞ୍ଚିତ ବର୍ଗଙ୍କ ନିକଟରେ ପହଞ୍ଚି ସେମାନଙ୍କ ମଧ୍ୟରେ ଜାଗରଣ ସୃଷ୍ଟି ଦିଗରେ ପଦକ୍ଷେପ ନିଆଯିବା ଆବଶ୍ୟକ ବୋଲି କହିଥିଲେ । ଏହାପରେ ଆମର ସଦସ୍ୟା ଶ୍ରୀମତୀ ବିଜୟ ଲକ୍ଷ୍ମୀ ରଥ ତାଙ୍କ ସୁଲଳିତ କଣ୍ଠରେ ସୁନ୍ଦର ଜଗନ୍ନାଥ ଭଜନଟିଏ ପରିବେଷଣ କରି ଏକ ଭକ୍ତିକ ପରିବେଶ ସୃଷ୍ଟି କରିଥିଲେ । ଶ୍ରୀମତୀ ବିନୋଦିନୀ ପାତ୍ର , ସୁଶ୍ରୀ ଲୀଳା ଲତା ସାହୁ ଏବଂ ପୂର୍ଣ୍ଣଚନ୍ଦ୍ର ସାହୁ ସେମାନଙ୍କ ସୁଲଳିତ କଣ୍ଠରେ ସମସ୍ତଙ୍କୁ ବିମୋହିତ କରିଥିଲେ । ନିଳାଦ୍ରୀ ବିହାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ନେତ୍ରାନନ୍ଦ ଗୁରୁଜୀ ତାଙ୍କର ଭାଷଣ ଏକ କାହାଣୀ ମାଧ୍ୟମରେ ଉତ୍ସବରେ ଉପସ୍ଥାପନ କରିଥିଲେ । ପରେ ପରେ ଚଳିତ ବର୍ଷ ପାଇଁ ନିର୍ବାଚିତ ହୋଇଥିବା କାର୍ଯ୍ୟକର୍ତ୍ତା ଅଧ୍ୟକ୍ଷ ଭାବେ ଦଶରଥ ନାୟକ, ସଚିବ ଭାବେ ପୂର୍ଣ୍ଣଚନ୍ଦ୍ର ସାହୁ, କୋଷାଧକ୍ଷ ଭାବେ ସଚ୍ଚିଦାନନ୍ଦ ନାୟକ (୨) ଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ ବିଦାୟୀ ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ମହାରଣା । ନବନିର୍ବାଚିତ କାର୍ଯ୍ୟକର୍ତ୍ତାଙ୍କ ପକ୍ଷରୁ ଭାରତ ବିକାଶ ପରିଷଦ ଚନ୍ଦ୍ରଶେଖର ପୁର ଶାଖାର କିଭଳି ନୂତନ ନୂତନ କାର୍ଯ୍ୟ ହାତକୁ ନିଆଯିବ ସେ ସଂପର୍କରେ ନୂତନ କୋଷାଧକ୍ଷ ସଚ୍ଚିଦାନନ୍ଦ ନାୟକ (୨) ଓ ସଚିବ ପୂର୍ଣ୍ଣଚନ୍ଦ୍ର ସାହୁ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ । ପରେ ପରେ ପ୍ରାନ୍ତ ଅର୍ଥ ସଚିବ ସଚ୍ଚିଦାନନ୍ଦ ନାୟକ ତାଙ୍କର ଅଭିଭାଷଣରେ ପ୍ରାନ୍ତର ଆର୍ଥିକ କାର୍ଯ୍ୟକ୍ରମ ସମ୍ପର୍କରେ ବାର୍ତ୍ତା ରଖିଥିଲେ । ଏହି ଉତ୍ସବରେ ଶାଖାର ବରିଷ୍ଠ ସଦସ୍ୟ ପ୍ରଫେସର ଧନୁଷ୍ ଧାରୀ ମିଶ୍ର, ଡଃ ବିଶ୍ୱେଶ୍ୱର ଦାସ, ଶାଖା କୋଷାଧକ୍ଷ ଧ୍ରୁବ ଚରଣ ରାଉତ, ଦେବେନ୍ଦ୍ର ନାଥ ଦାସ, ପ୍ରାନ୍ତ ଅର୍ଥ ସଚିବ ସଚ୍ଚିଦାନନ୍ଦ ନାୟକ, ଶ୍ରୀମତୀ ମଧୁମିତା ମହାନ୍ତି, ଶ୍ରୀମତୀ ଅପର୍ଣ୍ଣା ସ୍ୱାଇଁ ପ୍ରମୁଖ ଯୋଗଦେଇ ଥିଲେ । କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ସଦସ୍ୟା ଶ୍ରୀମତୀ ନିନାଦିନୀ ମହାନ୍ତି । ମୁରଲୀଧର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# କୋଣାର୍କ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜିର ରଜତ ଜୟନ୍ତୀ

ଭୁବନେଶ୍ୱର, (ସବ୍ୟୁ) : ଭୁବନେଶ୍ୱର ନିକଟସ୍ଥ ଜଟଣୀରେ ଥିବା କୋଣାର୍କ ଇନଷ୍ଟିଚ୍ୟୁଟ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଅନୁଷ୍ଠାନକୁ ୨୫ବର୍ଷ ପୁରିଛି । ଏହି ଅବସରରେ ଦୁଇଦିନ ଧରି ବାର୍ଷିକ ଉତ୍ସବ 'ଉଟୋପିଆ-୨୦୨୬'କୁ ରଜତ ଜୟନ୍ତୀ ସଂସ୍କରଣ ଭାବେ ମହାସମାରୋହରେ ପାଳନ କରାଯାଇଛି । ଉଦ୍‌ଘାଟନୀ ଉତ୍ସବରେ ବାଚସ୍ପତି ଶ୍ରୀମତୀ ସୁରମା ପାଢୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲା ବେଳେ ବିପିୟୁଟିର ଉପକୁଳପତି ପ୍ରଫେସର ଅମୀୟ କୁମାର ରଥ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ସେହିପରି ହାଇ-ଟେକ୍ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍‌ସର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ଼ା.ତିରୁପତି ପାଣିଗ୍ରାହୀ ଏବଂ ପରିଚାଳନା ଟ୍ରଷ୍ଟି ଓ ଗ୍ରୁପ୍ ସିଇଓ ସୁରେଶ କୁମାର ପାଣିଗ୍ରାହୀ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ । କିଷ୍ଟ ଡିନ୍ ଓ ନିର୍ଦ୍ଦେଶକ ପ୍ରଫେସର ସୂର୍ଯ୍ୟନାରାୟଣ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇ ଅନୁଷ୍ଠାନର ପରିବେଷଣ କରାଯାଇଥିଲା । ଦ୍ୱିତୀୟ ଦିନ 'ଷ୍ଟାର ନାଇଟ୍' କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଫ୍ୟାସନ୍-ଶୋ ମୁଖ୍ୟ ଆକର୍ଷଣ ପାଲଟିଥିଲା ।




ଉଦ୍ଦେଶ୍ୟ ଉପସ୍ଥାପନ କରିଥିବା ବେଳେ ଡ଼ା. ତିରୁପତି ପାଣିଗ୍ରାହୀ ଅଧ୍ୟାପକ ଓ ଛାତ୍ରଛାତ୍ରୀଙ୍କୁ ସମାଜ ପ୍ରତି ଦାୟିତ୍ୱଶୀଳ ଓ ସୁନାଗରିକ ହେବାକୁ ଆହ୍ୱାନ ଜଣାଇଥିଲେ । ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆକର୍ଷିତ ଓଡ଼ିଶୀ ନୃତ୍ୟ ସହ ବିଭିନ୍ନ ସଙ୍ଗୀତ ଓ ନୃତ୍ୟ ଦୁଇଦିନିଆ ଏହି କାର୍ଯ୍ୟକ୍ରମରେ ପ୍ରଫେସର ପାର୍ଥସାରଥି ଖୁଣ୍ଟିଆ, ପ୍ରଫେସର ଅରୁନ୍ଧତୀ ସେନ୍, ପ୍ରଫେସର ଏଲଏନ୍ ପାଢୀ, ଅନୀଲ ପାଣିଗ୍ରାହୀଙ୍କ ସମେତ ଅନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକମାନେ ସହଯୋଗ କରିଥିଲେ ।

## ସିବିଏସ୍‌ଇ ଦଶମ ବାର୍ଷିକ ପରୀକ୍ଷାଫଳ

# ରେକର୍ଡ କୃତିତ୍ୱ ସହ ଡିଏଭି ଚନ୍ଦ୍ରଶେଖରପୁରର ଶତ ପ୍ରତିଶତ ସଫଳତା

ଭୁବନେଶ୍ୱର, (ସବ୍ୟୁ) : ସିବିଏସ୍‌ଇ ବାର୍ଷିକ ଦଶମ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି । ଏଥିରେ ଡିଏଭି ପବ୍ଲିକ୍ ସ୍କୁଲ୍, ଚନ୍ଦ୍ରଶେଖରପୁରର ଛାତ୍ରଛାତ୍ରୀମାନେ ରେକର୍ଡ କୃତିତ୍ୱ ହାସଲ କରିବା ସହ ବିଦ୍ୟାଳୟ ପାଇଁ ଅଶେଷ ଗୌରବ ଆଣିଛନ୍ତି । ବିଦ୍ୟାଳୟର ସଫଳତା ପୂର୍ବବର୍ଷମାନଙ୍କ ପରି ଶତପ୍ରତିଶତ ରହିଛି । ବିଦ୍ୟାଳୟର ଶ୍ରେୟା ତ୍ରିପାଠୀ ଓ ରୁହାନ ମହାନ୍ତି ଯୁଗ୍ମଭାବେ ୪୯୯ନମ୍ବର (୯୯.୮%) ରଖି ଟପ୍ପର ହୋଇଥିବା ସ୍ଥଳେ ସତ୍ୟନାରାୟଣ ସ୍ୱାଇଁ, ଆଦ୍ୟାଶା ଷଡଙ୍ଗୀ, ଶାଶ୍ୱତ ପୁରୋହିତ, ସିମ୍ରାନ ପ୍ରଧାନ, ଶ୍ରେୟାଂଶ ଦାଶ ମିଳିତ ଭାବରେ ୪୯୮ନମ୍ବର (୯୯.୬%) ଲେଖାଏଁ ସହ ଦ୍ୱିତୀୟ; ଅଂଶୁମାନ ସାମନ୍ତରାୟ, ସ୍ନେହାଳ ସ୍ୱାଇଁ, ଅଂଶୁମାନ ବାରିକ୍, ଆଦର୍ଶ ଦାସ, ଶୁଭାଙ୍ଗି ତ୍ରିପାଠୀ, ଓମ୍ ପ୍ରକାଶ ଭୂୟାଁ, ଅଂଚିତ ଅରମାନ୍ ପତି ୪୯୭ (୯୯.୪%) ନମ୍ବର ସହ ବିଦ୍ୟାଳୟରେ ତୃତୀୟ



ହୋଇଛନ୍ତି । ବିଦ୍ୟାଳୟରୁ ପରୀକ୍ଷା ଦେଇଥିବା ୨୫୬ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୦୩ଜଣ ୯୫%ରୁ ଉର୍ଦ୍ଧ୍ୱ, ୧୫୨ଜଣ ୯୦%ରୁ ଅଧିକ, ୨୨୧ଜଣ ୮୦% ରୁ ବେଶି ଏବଂ ସମସ୍ତ ୨୫୬ଜଣ ୬୦%ରୁ ଉର୍ଦ୍ଧ୍ୱ ନମ୍ବର ସହ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଉଲ୍ଲେଖନୀୟ ଦିଗ ଭାବରେ ଇଂରାଜୀ, ହିନ୍ଦି, ଓଡିଆ, ସଂସ୍କୃତ ଆଦି ବିଭାଗରେ ବିଷୟ ହାରାହାରି ୯୦%ରୁ ଅଧିକ ରହିଥିବା ସ୍ଥଳେ ଇଂରାଜୀରେ ୧୨ଜଣ, ଗଣିତରେ ୨୮ଜଣ, ବିଜ୍ଞାନରେ ୧୦ଜଣ, ସାମାଜିକ ବିଜ୍ଞାନରେ ୫ଜଣ, ଓଡିଆରେ ୨ଜଣ, ହିନ୍ଦିରେ ୯ଜଣ, ସଂସ୍କୃତରେ ୫୭ଜଣ ଏବଂ ଏଆଇରେ ୨୩ଜଣ ପୂର୍ଣ୍ଣସଂଖ୍ୟା ୧୦୦ନମ୍ବର ଲେଖାଏଁ ରଖିବାର ଗୌରବ ହାସଲ କରିଛନ୍ତି । ବିଦ୍ୟାଳୟର ଏହି ଅନୁପମ କୃତିତ୍ୱ ଓ ଉଲ୍ଲେଖନୀୟ ପ୍ରଦର୍ଶନ ନିମନ୍ତେ ବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରଛାତ୍ରୀ, ଅଭିଭାବକ ତଥା ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ଅକ୍ଷୟ ତୃତୀୟା ପାଇଁ ଆମାଜନ ଫେଶନ୍‌ରେ ଏଆଇ-ଚାଳିତ ଅଳଙ୍କାର ସମ୍ଭାର

ଭୁବନେଶ୍ୱର, (ସବ୍ୟୁ) : ଚଳିତ ବର୍ଷ, ଆମାଜନ୍ ଫେସନ ଗ୍ରାହକମାନଙ୍କୁ ଅକ୍ଷୟ ତୃତୀୟା ଅଳଙ୍କାର କିଣାକିଣି ପାଇଁ ସୁନା ମୁଦ୍ରା ଏବଂ ପ୍ରତିଦିନର ସୂକ୍ଷ୍ମ ଅଳଙ୍କାର ଭଳି ପାରମ୍ପରିକ ଏବଂ ଶୁଭ ନିବେଶ ପାଇଁ ସୁଯୋଗ ଯୋଗାଇ ଦେଉଛି । ଟେକ୍ନୋଲୋଜି-ନେତୃତ୍ୱାଧୀନ ଏଆଇ-ଚାଳିତ ଆବିଷ୍କାର ଉପକରଣ ଗ୍ରାହକ ମାନଙ୍କ ସୁନା କ୍ରୟକୁ ଆହୁରି ସହଜ କରିଦେଇଛି । ଜୋୟାଲୁକାସ୍, ପି.ସି. ଚନ୍ଦ୍ରା ଜୁଏଲର୍ସ, ମିଆ ବାଏ ତନିସ୍କ, ଜିଭା ଏବଂ ପିଏନଜି ଜୁଏଲର୍ସ ସମେତ ବିଶ୍ୱସ୍ତ ବ୍ରାଣ୍ଡର ବିସ୍ତୃତ ଚୟନ ସହିତ, ଆମାଜନ୍ ଫେସନ ଗ୍ରାହକମାନଙ୍କ ପାଇଁ କିଣାକିଣି କରିବା ଆହୁରି ସହଜ କରିଦେଇଛି । ଆମାଜନ ପେ ୟୁପିଆଇ ମାଧ୍ୟମରେ କରାଯାଇଥିବା ଡିଜିଟାଲ୍ ସୁନା କ୍ରୟ ଉପରେ ପୁରସ୍କାର ଯେପରିକି, ପ୍ରାଇମ୍ ସଦସ୍ୟମାନେ ୨% କ୍ୟାସବ୍ୟାକ୍ ଏବଂ ଅଣ-ପ୍ରାଇମ୍ ସଦସ୍ୟମାନେ ୧% ପାଇଁ ଯୋଗ୍ୟ ବିବେଚିତ । ଗ୍ରାହକମାନେ ଜିଭା, ଜୋୟାଲୁକ୍କାସ୍ ଡାଇମଣ୍ଡ, ତନିଷ୍କ ଗୋଲ୍ଡ ଏବଂ କଲ୍ୟାଣ ଗୋଲ୍ଡ ଜୁଏଲରୀ ଭଳି ପ୍ରମୁଖ ଅଳଙ୍କାର ବ୍ରାଣ୍ଡରୁ ଉପହାର କାର୍ଡରେ ୧୩% ପର୍ଯ୍ୟନ୍ତ ଅତିରିକ୍ତ ରିହାତି ମଧ୍ୟ ଉପଭୋଗ କରିପାରିବେ । ଅକ୍ଷୟ ତୃତୀୟା ଅଳଙ୍କାର କିଣାକିଣିକୁ ସହଜ କରିବା ପାଇଁ, ଆମାଜନ୍ ଫେସନ ଏଆଇ-ଚାଳିତ ଆବିଷ୍କାର ଉପକରଣ ପ୍ରଦାନ କରେ ଯାହା ଗ୍ରାହକମାନଙ୍କୁ କିଛି ସେକେଣ୍ଡରେ ସେମାନଙ୍କର କାର୍ଟକୁ କ୍ୟୁରେଟ୍ କରିବାକୁ ଅନୁମତି ଦିଏ ।

## ହିଣ୍ଡାଲକୋ, ହୀରାକୁଦ ପକ୍ଷରୁ ବସୁଧା ପ୍ରକଳ୍ପରେ

# ସସ୍ଥାୟୀ କୃଷି ଯୋଜନା ମାଧ୍ୟମରେ ବାୟୋ ଗ୍ୟାସ ୟୁନିଟ୍ ବଣ୍ଟନ

ହୀରାକୁଦ, (ସବ୍ୟୁ) : ହିଣ୍ଡାଲକୋ ହୀରାକୁଦର ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ପକ୍ଷରୁ ଜୀବନ-ଜୀବିକା ଉନ୍ନତିକରଣ କାର୍ଯ୍ୟକ୍ରମ "ପ୍ରକଳ୍ପ ବସୁଧା ଅନ୍ତର୍ଗତ ସମନ୍ୱିତ ନବୀକରଣୀୟ ଉର୍ଜା ଏବଂ ସସ୍ଥାୟୀ କୃଷି ଯୋଜନା ମାଧ୍ୟମରେ ବାୟୋ ଗ୍ୟାସ ୟୁନିଟ୍ ପ୍ରଦାନ କରାଯାଇଛି । ସ୍ଥାୟୀ କୃଷି ଯୋଜନା ହେଉଛି ଏକ ଏମିତି ପ୍ରଯୋଜନା, ଯେଉଁଠାରେ ବାୟୋଗ୍ୟାସ, ସୌର ଶକ୍ତି, ପବନ ଶକ୍ତି ପରି ନବୀକରଣୀୟ ଉର୍ଜା ଉତ୍ସଗୁଡ଼ିକୁ ସସ୍ଥାୟୀ କୃଷି ପ୍ରଣାଳୀ ସହ ସମନ୍ୱୟ କରାଯାଇ ପରିବେଶ ସୁରକ୍ଷା ସହିତ କୃଷକମାନଙ୍କ ଆର୍ଥିକ ସୁଦୃଢ଼ିକରଣକୁ ଉଦ୍ଦିଷ୍ଟ କରାଯାଉଛି । ଏହି କ୍ରମରେ ସିଲିପଥର ଗ୍ରାମର ଚାଷୀ ସ୍ତ୍ରୀମତି ଟି ରାଣୀ, ରାନୀ ବନ୍ଧ ଗ୍ରାମର ଗୁଣନିଧି କିଲେଇ ଓ ହୀରାକୁଦ କାଲୁପଡାର ଅର୍ଜୁନ ସିଂଙ୍କୁ ବାୟୋ ଗ୍ୟାସ ୟୁନିଟ୍ ପ୍ରଦାନ କରାଯାଇଛି । ଉଲ୍ଲେଖଯୋଗ୍ୟ ଯେ, ହିଣ୍ଡାଲକୋ ହୀରାକୁଦ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ଓ ବାୟଫ୍ ମିଳିତ ଉଦ୍ୟମରେ କାର୍ଯ୍ୟକାରୀ ହେଉଥିବା "ବସୁଧା କାର୍ଯ୍ୟକ୍ରମ ମାଧ୍ୟମରେ ପୂର୍ବରୁ ନୂଆଯାମଡା ଓ ମୋହମ୍ମଦପୁର ଗ୍ରାମର ଦୁଇଜଣ ଚାଷୀଙ୍କୁ ଦୁଇଟି ବାୟୋ ଗ୍ୟାସ ୟୁନିଟ୍ ପ୍ରଦାନ କରାଯାଇଥିଲା । ଏହି ବାୟୋ ଗ୍ୟାସ ୟୁନିଟ୍‌ଗୁଡ଼ିକ ଦ୍ୱାରା ଚାଷୀମାନେ ଦୈନନ୍ଦିନ ରନ୍ଧନ କାର୍ଯ୍ୟ ସହଜରେ କରିପାରୁଥିବା ସହ, ଗୋବର ଖତ ଉତ୍ପାଦନ ହେଉଛି, ଯାହା ଜୈବିକ ଚାଷ



ପାଇଁ ଅତ୍ୟଧିକ ସହାୟକ ସାବ୍ୟସ୍ତ ହେଉଛି । ହିଣ୍ଡାଲକୋ ସି ଏସ୍ ଆର୍ ପ୍ରବନ୍ଧକ ଆନନ୍ଦ ଚକ୍ରବର୍ତ୍ତୀ, ଉପଦେଷ୍ଟା ସୁକାନ୍ତ କୁମାର ମହାପାତ୍ର ବିଏଆଇଏଫର ଶାଖା ମୁଖ୍ୟ ରବିନ ଖାନ, ଏଆଇ ଟେକ୍ନିସିଆନ ଜୟନ୍ତ ପ୍ରଧାନ ଓ ଗ୍ରାମର ବହୁ ଚାଷୀ ଉପସ୍ଥିତ ଥିଲେ ।

## ନୂଆ ସରକାର ଗଠନ ପରେ ବିଭାଗ ବଣ୍ଟନ

# ନିଜ ପାଖରେ ୨୯ ବିଭାଗ ରଖିଲେ ବିହାର ମୁଖ୍ୟମନ୍ତ୍ରୀ

**ନୂଆଦିଲ୍ଲୀ:** ବିହାର ମୁଖ୍ୟମନ୍ତ୍ରୀ ହେବା ପରେ ସମ୍ରାଟ ଚୌଧୁରୀ ବିଭାଗ ବଣ୍ଟନ କରିଛନ୍ତି। ସିଏମ ସମ୍ରାଟ ନିଜ ପାଖରେ ୨୯ ବିଭାଗ ରଖିଛନ୍ତି। ସେହିଭଳି ଜେଡିୟୁର ଦୁଇ ଉପମୁଖ୍ୟମନ୍ତ୍ରୀ ସିଏମ ବିଜୟ ଚୌଧୁରୀ ଏବଂ ବିଜେନ୍ଦ୍ର ଯାଦବଙ୍କ ମଧ୍ୟରେ ୧୮ ବିଭାଗ ଦିଆଯାଇଛି। ବିଜୟଙ୍କୁ ୧୦, ବିଜେନ୍ଦ୍ରଙ୍କୁ ୮ ବିଭାଗର ଦାୟିତ୍ୱ ମିଳିଛି। ଗୃହ ବିଭାଗ ସିଏମ ନିଜ ପାଖରେ ରଖିଛନ୍ତି।



ସୂଚନାଥାଉକି, ଜନତା ଦଳ ୟୁନାଇଟେଡ (JDU) ଅଧ୍ୟକ୍ଷ ନୀତୀଶ କୁମାରଙ୍କ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ବୁଧବାର ଏନଡିଏର ନୂଆ ସରକାର ଗଠନ ହୋଇଛି। ସମ୍ରାଟ ଚୌଧୁରୀ ମୁଖମନ୍ତ୍ରୀ ଏବଂ ଜେଡିୟୁର ବିଜୟ ଚୌଧୁରୀ ଏବଂ ବିଜେନ୍ଦ୍ର ଯାଦବ ଉପମୁଖ୍ୟମନ୍ତ୍ରୀ ପଦ ପାଇଁ ଶପଥ ନେଇଛନ୍ତି। ବର୍ତ୍ତମାନ ଏହି ତିନି ନେତାଙ୍କ ମଧ୍ୟରେ ବିଭାଗ ବଣ୍ଟନ କରାଯାଇଛି। ମନ୍ତ୍ରିମଣ୍ଡଳ ବିସ୍ତାର ପରେ ନୂଆ ମନ୍ତ୍ରୀଙ୍କୁ କ୍ୟାବିନେଟରେ ସାମିଲ କରାଯିବ। ଏହା ପରେ ପୁନଃ ବିଭାଗ ବଣ୍ଟନ କରାଯିବ।

ମୁଖ୍ୟମନ୍ତ୍ରୀ ଏବଂ ଦୁଇ ଉପମୁଖ୍ୟମନ୍ତ୍ରୀ ମଧ୍ୟରେ ବର୍ତ୍ତମାନ ବିଭାଗ ବଣ୍ଟନକୁ ଅସ୍ଥାୟୀ ଭାବରେ କରାଯାଇଛି। କୁହାଯାଉଛି ଯେ, ମନ୍ତ୍ରିମଣ୍ଡଳ ବିସ୍ତାରରେ କିଛି ଦିନ ସମୟ ଲାଗିପାରେ। ସେପର୍ଯ୍ୟନ୍ତ ବିଜୟ ଏବଂ ବିଜେନ୍ଦ୍ର ହିଁ ବ୍ୟବସ୍ଥା ସମ୍ଭାଳିବେ।

ଏଭଳି ହୋଇଛି ବିଭାଗ ବଣ୍ଟନ

ମୁଖ୍ୟମନ୍ତ୍ରୀ ସମ୍ରାଟ ନିଜ ପାଖରେ ଯେଉଁ ବିଭାଗ ରଖିଛନ୍ତି, ସେଥିରେ ଅଧିକାଂଶ ପୂର୍ବରୁ ନୀତୀଶ କୁମାରଙ୍କ ସରକାରରେ ବିଜେପି କୋଟା ମନ୍ତ୍ରୀଙ୍କ ପାଖରେ ଥିଲା। ଏହା ସହ ଏଲଜେପି-ଆର, ଏଚଏଏମ ଏବଂ ଆରଏଲଏସପି ଦ୍ୱାରା ବଜାୟ ରଖିଥିବା ବିଭାଗକୁ ନିଜ ପାଖରେ ରଖିଛନ୍ତି। ସେହିଭଳି ନୀତୀଶ ସରକାରଙ୍କ ସମୟରେ ଯେଉଁ ବିଭାଗ ଜେଡିୟୁ ମନ୍ତ୍ରୀଙ୍କ ପାଖରେ ଥିଲା। ତାହା ବଣ୍ଟନ ଦୁଇ ନୂଆ ଉପମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ କରାଯାଇଛି।

ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କ ପାଖରେ ରହିଛି ଏହି ବିଭାଗ

ସମ୍ରାଟ ଚୌଧୁରୀଙ୍କ ପାଖରେ ସାଧାରଣ ପ୍ରଶାସନ, ଗୃହ, କ୍ୟାବିନେଟ ସଚିବାଳୟ, ତଦାରଖ, ନିର୍ବାଚନ, ରାଜସ୍ୱ ଏବଂ ଭୂମି ସଂସ୍କାର, ଖଣି ଏବଂ ଭୂତତ୍ତ୍ୱ, ନଗର ଉନ୍ନୟନ ଏବଂ ଗୃହ ନିର୍ମାଣ, ସ୍ୱାସ୍ଥ୍ୟ, ପଦ୍ଧତି, ଶିଳ୍ପ, ରାସ୍ତା ନିର୍ମାଣ, କୃଷି, କ୍ଷୁଦ୍ର ଜଳସମ୍ପଦ, ଶ୍ରମ ସମ୍ବଳ ଏବଂ ପ୍ରବାସୀ ଶ୍ରମିକ କଲ୍ୟାଣ, ଯୁବପିଢ଼ି, ନିଯୁକ୍ତି ଏବଂ ଦକ୍ଷତା ବିକାଶ, ପର୍ଯ୍ୟଟନ, କଳା ଏବଂ ସଂସ୍କୃତି, ଦୁଗ୍ଧ, ମତ୍ସ୍ୟ ଏବଂ ପଶୁ ସମ୍ପଦ, ବିପର୍ଯ୍ୟୟ ପରିଚାଳନା, ପଛୁଆ ବର୍ଗ ଏବଂ ଅତି ପଛୁଆ ବର୍ଗ କଲ୍ୟାଣ, ଅନୁସୂଚିତ ଜାତି ଏବଂ ଜନଜାତି କଲ୍ୟାଣ, ସୂଚନା ପ୍ରଯୁକ୍ତିବିଦ୍ୟା, ଖେଳ, ସମବାୟ, ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ, ଆଖୁ ଶିଳ୍ପ, ସାର୍ବଜନୀନ ସ୍ୱାସ୍ଥ୍ୟ ଇଞ୍ଜିନିୟରିଂ, ପଞ୍ଚାୟତିରାଜ ଏବଂ କାହାକୁ ବଣ୍ଟନ କରାଯାଇଥିବା ବିଭାଗ ଗୁଡ଼ିକ ତାଙ୍କ ପାଖରେ ରହିଛି।

ଉପମୁଖ୍ୟମନ୍ତ୍ରୀ ବିଜୟ ଚୌଧୁରୀଙ୍କୁ ମିଳିଛି ଏହି ବିଭାଗ

ଉପମୁଖ୍ୟମନ୍ତ୍ରୀ ବିଜୟ ଚୌଧୁରୀଙ୍କୁ ଜଳସମ୍ପଦ, ସଂସଦୀୟ ବ୍ୟାପାର, ସୂଚନା ଏବଂ ଲୋକସମ୍ପର୍କ, କୋଠା ନିର୍ମାଣ, ସଂଖ୍ୟାଲଘୁ ସ୍ୱାର୍ଥ, ଶିକ୍ଷା, ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ ବୈଷୟିକ ଶିକ୍ଷା, ଗ୍ରାମୀଣ ବିକାଶ, ପରିବହନ, ଉଚ୍ଚ ଶିକ୍ଷା ବିଭାଗ ଦାୟିତ୍ୱ ମିଳିଛି।

ଉପମୁଖ୍ୟମନ୍ତ୍ରୀ ବିଜେନ୍ଦ୍ର ପ୍ରସାଦ ଯାଦବଙ୍କୁ ଏହି ବିଭାଗ ଦାୟିତ୍ୱ

ଉପମୁଖ୍ୟମନ୍ତ୍ରୀ ବିଜେନ୍ଦ୍ର ପ୍ରସାଦ ଯାଦବଙ୍କୁ ଶକ୍ତି, ଯୋଜନା ଏବଂ ବିକାଶ, ନିଷେଧ, ଅବକାରୀ ଏବଂ ପଞ୍ଜୀକରଣ, ଆର୍ଥିକ, ବାଣିଜ୍ୟ କର, ସାମାଜିକ କଲ୍ୟାଣ, ଖାଦ୍ୟ ଏବଂ ଗ୍ରାହକ ସୁରକ୍ଷା, ଗ୍ରାମୀଣ କାର୍ଯ୍ୟ ବିଭାଗ ଦାୟିତ୍ୱ ମିଳିଛି।

## ସମ୍ରାଟ ଚୌଧୁରୀଙ୍କୁ ଅଭିନନ୍ଦନ ଜଣାଇଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିହାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିବା ସମ୍ରାଟ ଚୌଧୁରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ସମ୍ରାଟ ଚୌଧୁରୀଙ୍କ ଉର୍ଜା, ଜନସେବା ପ୍ରତି ତାଙ୍କର ସମର୍ପଣ ଏବଂ ତୃଣମୂଳସ୍ତରର ଅଭିଜ୍ଞତା ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହେବ। ତାଙ୍କର ଦକ୍ଷ ନେତୃତ୍ୱରେ ବିହାର ସାମଗ୍ରିକ ବିକାଶର ନୂତନ ଶିଖର ଛୁଇଁବା ସହିତ ଲୋକଙ୍କ ଆକାଂକ୍ଷାକୁ ପୂରଣ କରିବ ବୋଲି ପ୍ରଧାନମନ୍ତ୍ରୀ ବିଶ୍ୱାସ ପ୍ରକଟ କରିଛନ୍ତି । ସେହିପରି ବିହାର ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିବା ବିଜୟ କୁମାର ଚୌଧୁରୀ ଏବଂ ବିଜେନ୍ଦ୍ର ପ୍ରସାଦ ଯାଦବଙ୍କୁ ମଧ୍ୟ ପ୍ରଧାନମନ୍ତ୍ରୀ ଶୁଭକାମନା ଜଣାଇଛନ୍ତି । ସେ ବିଶ୍ୱାସର ସହିତ କହିଛନ୍ତି, ତୃଣମୂଳସ୍ତରରେ ସେମାନଙ୍କର ଅଭିଜ୍ଞତା ଏବଂ ଜନ କଲ୍ୟାଣ ପ୍ରତି ସମର୍ପଣ ବିହାରର ବିକାଶକୁ ନୂଆ ମାର୍ଗ ଓ ଗତି ଦେବ। ଏଥିସହିତ ରାଜ୍ୟ ସୁଶାସନ, ପାରଦର୍ଶିତା ଏବଂ ଜନକଲ୍ୟାଣର ନୂଆ ମାନଦଣ୍ଡ ପ୍ରତିଷ୍ଠା କରିବ ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ ଏକ୍ସରେ ଲେଖିଛନ୍ତି; "ବିହାରର ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିବା ପାଇଁ ସମ୍ରାଟ ଚୌଧୁରୀ ଜୀଙ୍କୁ ଅନେକ ଅନେକ ଅଭିନନ୍ଦନ ଏବଂ ଶୁଭକାମନା ! ତାଙ୍କର ଉର୍ଜା, ଜନସେବା ପ୍ରତି ସମର୍ପଣ ଏବଂ ତୃଣମୂଳସ୍ତରର ଅଭିଜ୍ଞତା ରାଜ୍ୟ ପାଇଁ ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହେବ। ମୋର ପୂର୍ଣ୍ଣ ବିଶ୍ୱାସ ଯେ ତାଙ୍କ ଦକ୍ଷ ନେତୃତ୍ୱରେ, ଜନସାଧାରଣଙ୍କ ଆକାଂକ୍ଷା ପୂରଣ କରିବିହାରସାମଗ୍ରିକ ବିକାଶର ନୂତନ ଶିଖରରେ ପହଞ୍ଚିବ। ବିହାର ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିବା ବିଜୟ କୁମାର ଚୌଧୁରୀ ଏବଂ ବିଜେନ୍ଦ୍ର ପ୍ରସାଦ ଯାଦବଙ୍କୁ ମଧ୍ୟ ଅନେକ ଅନେକ ଅଭିନନ୍ଦନ ଓ ଶୁଭକାମନା! ମୋର ସମ୍ପୂର୍ଣ୍ଣ ବିଶ୍ୱାସ ରହିଛି ଯେ, ଏମାନଙ୍କର ତୃଣମୂଳସ୍ତରର ଅଭିଜ୍ଞତା ଏବଂ ଜନ କଲ୍ୟାଣ ପ୍ରତି ସମର୍ପଣ ବିହାରର ବିକାଶକୁ ନୂଆ ମାର୍ଗ ଓ ଗତି ଦେବ।ଏଥିସହିତ ରାଜ୍ୟ ସୁଶାସନ, ପାରଦର୍ଶିତା ଏବଂ ଜନକଲ୍ୟାଣର ନୂଆ ମାନଦଣ୍ଡ ପ୍ରତିଷ୍ଠା କରିବ ।

## ବେଦାନ୍ତ ପାୱାର ପ୍ଲାଣ୍ଟ ବିସ୍ଫୋରଣ: ମୃତ୍ୟୁସଂଖ୍ୟା ୧୬କୁ ବୃଦ୍ଧି

**ରାୟପୁର:** ଛତିଶଗଡ଼ର ଶକ୍ତି ଜିଲ୍ଲାସ୍ଥିତ ବେଦାନ୍ତ ଥର୍ମାଲ ପାୱାର ପ୍ଲାଣ୍ଟରେ ଏକ ଉଚ୍ଚ-ଚାପ ବିଶିଷ୍ଟ ଗ୍ୟାସ୍ ପାଇପ୍ଲାଇନ ବିସ୍ଫୋରଣ ଘଟି ପ୍ରାଣ ହରାଇଥିବା ଶ୍ରମିକଙ୍କ ସଂଖ୍ୟା ୧୬କୁ ବୃଦ୍ଧି ପାଇଛି। ଏହି ମର୍ମନ୍ତୁଦ ଦୁର୍ଘଟଣାରେ ଅନେକ ଶ୍ରମିକ ଗୁରୁତର ଭାବେ ପୋଡ଼ି ଯାଇଥିବା ବେଳେ ପ୍ରାୟ ପ୍ରାୟ ୩୦ ଜଣ ଚିକିତ୍ସାଧୀନ ଅଛନ୍ତି। ସଙ୍କଟାପନ୍ନ ଥିବା ଶ୍ରମିକଙ୍କୁ ରାୟପୁରକୁ ସ୍ଥାନାନ୍ତର କରାଯାଇଛି। ବେଦାନ୍ତ କମ୍ପାନି ମୃତକଙ୍କ ପରିବାର ପାଇଁ ୩୫ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଓ ପରିବାରର ଜଣକୁ ଚାକିରି ଦେବାକୁ ଘୋଷଣା କରିଥିବା ବେଳେ ଆହତଙ୍କୁ ୧୫ ଲକ୍ଷ ଟଙ୍କା କ୍ଷତିପୂରଣ ସହ ଦରମା ଓ କାଉନସେଲିଂ ପ୍ରଦାନ କରାଯିବ ବୋଲି କହିଛି।କେନ୍ଦ୍ର ସରକାର ମୃତକଙ୍କ ପରିବାର ପାଇଁ ୨ ଲକ୍ଷ ଟଙ୍କା ଏବଂ ଆହତଙ୍କ ପାଇଁ ୫୦ ହଜାର ଟଙ୍କାର ସହାୟତା ଘୋଷଣା କରିଥିବା ବେଳେ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଏ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ସହାୟତା ଦେବା ସହ ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବୈଷୟିକ ତ୍ରୁଟି କିମ୍ବା ମାନବୀୟ ଅବହେଳା ଯୋଗୁଁ ଏହି ବିସ୍ଫୋରଣ ଘଟିଛି କି ନାହିଁ, ତାହାର ଯାଞ୍ଚ କରାଯାଉଛି। ଅନ୍ୟପଟେ କଂଗ୍ରେସ ପକ୍ଷରୁ ଏହି ଘଟଣା ପାଇଁ ବେଦାନ୍ତ ପରିଚାଳନା କର୍ତ୍ତୃପକ୍ଷଙ୍କୁ ଦାୟୀ କରାଯାଇଛି ଏବଂ ମୃତକଙ୍କ ପରିବାରକୁ ୧ କୋଟି ଟଙ୍କା ସହାୟତା ସହ ପରିଚାଳନା କମିଟି ବିରୋଧରେ ଏଫଆଇଆର୍ ରୁଜୁ କରିବାକୁ ଦାବି କରାଯାଇଛି।

# କିଏ ହେବେ ଭାରତର ଆଗାମୀ ସିଡିଏସ୍?



**ନୂଆଦିଲ୍ଲୀ :** ଚିଫ ଅଫ ଡିଫେନ୍ସ ଷ୍ଟାଫ (ସିଡିଏସ୍)ଙ୍କ କାର୍ଯ୍ୟକାଳ ୩୦ ମେ ୨୦୨୬ରେ ଶେଷ ହେବ। ତେବେ ତା ପୂର୍ବରୁ ନୂଆ ସିଡିଏସ୍ ଚୟନକୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ରାଜନୀତିରେ କୌଣସି ପଦକୁ ନେଇ ଯେପରି ଏକାଧିକ ନାମ ସାମିଲ ହୋଇଯାଏ, ସିଡିଏସ ପଦବୀ ଲାଗି ଅନେକ ଜେନେରାଲ ଓ ଆଡମିରାଲଙ୍କ ନାମ ଏବେ ରେସ୍ ରେ ସାମିଲ ହୋଇ ସାରିଲାଣି। ଏଣୁ ଏବେ ପ୍ରଶ୍ନ ଉଠୁଛି ସିଡିଏସ୍ ପୋଷ୍ଟ ସେନାର ନା ଏଥିରେ ବି ରାଜନୀତି ପଶି ସାରିଲାଣି? ଏମିତି ଦେଖିଲେ ସିଡିଏସ୍ ସେନା ପୋଷାକରେ ରହି ସେନାର ସବୁ ନିଷ୍ପତ୍ତିରେ ସଚିବ ଭାବେ ମୋହର ଲଗାନ୍ତି। ଅର୍ଥାତ ଏହି ପଦକୁ ମିଲେଟ୍ରି ଓ ରାଜନୈତିକ ଉଭୟ ମନେ କରାଯାଉଛି।

ଗତ ଦୁଇଥର ସିଡିଏସ୍ ଙ୍କୁ ଆର୍ମିରୁ ଚୟନ କରାଯାଇଛି। ଏଥର ତୃତୀୟ ସଡିଏସ ବାୟୁସେନା ଅଥବା ନୌସେନାରୁ ବଛାଯିବେ ନା ପୁଣି ଆର୍ମି ହାତକୁ ଏହି ପଦବୀ ଯିବ ସେ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ମାମଲାରେ ଲେଫ୍ଟନାଣ୍ଟ ଜେନେରାଲ ବିନୋଦ ଖଣ୍ଡାରେଙ୍କ କହିବା କଥା ହେଉଛି ଭାରତର ସୀମା ସୁରକ୍ଷା ଉପରେ ସର୍ବଦା ବିପଦ ରହୁଛି। ଏହା ଛଡା ଏଲଓସି ଏବଂ ଏଲଏସିରେ ସେନାକୁ ଶତ୍ରୁ ଦେଶଙ୍କ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡୁଛି। ଏଥିରେ ଆର୍ମିରୁ ସିଡିଏସ ବଛା ଯିବାର ମୁଖ୍ୟ କାରଣ ହେଉଛି ଭାରତର ୩ ସେନାରୁ ସ୍ଥଳ ସେନା ସବୁଠୁ ବଡ଼ ଓ ସ୍ଥଳ ଯୁଦ୍ଧରେ ସବୁଠୁ ଅଧିକ ଅନୁଭବ ରଖେ। ଏଣୁ ଏଥର ସିଡିଏସ୍ ପଦବୀ ଲାଗି ଅନେକ ନାମ ସାମ୍ନାକୁ ଆସିବାରେ ଲାଗିଲାଣି।

ରିଟାୟାର୍ଡ ଲେଫ୍ଟନାଣ୍ଟ ଜେନେରାଲଙ୍କ ଠାରୁ ଆରମ୍ଭ କରି ଅବସର ନେବାକୁ ଥିବା ନୌସେନା ମୁଖ୍ୟ ଦିନେଶ କେ. ତ୍ରିପାଠୀଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଛି। ଏ ସବୁ ମଧ୍ୟରେ ଏହା ବି କୁହାଯାଉଛି ବର୍ତ୍ତମାନର ସିଡିଏସ୍ ଙ୍କ କାର୍ଯ୍ୟକାଳକୁ ପୁଣି ଥରେ ସମ୍ପ୍ରସାରଣ କରାଯାଇ ପାରେ। କାରଣ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରାଳୟ ସେପ୍ଟେମ୍ବର ୨୦୨୫ରେ ସିଡିଏସଙ୍କ କାର୍ଯ୍ୟକାଳକୁ ୩୦ ମେ ୨୦୨୬ ପର୍ଯ୍ୟନ୍ତ ବଢାଇ ଦେଇଥିଲେ। ଏଥିରେ ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ୨୦୨୬ରେ ଅବସର ଗ୍ରହଣ କରୁଛନ୍ତି। ଏଣୁ ତାଙ୍କ ନାମକୁ ନେଇ ମଧ୍ୟ ଚର୍ଚ୍ଚା ହେଉଛି।

ଭାରତର ସିଡିଏସଙ୍କ ଚୟନ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ କ୍ୟାବିନେଟ୍ ଆପଏଣ୍ଟମେଣ୍ଟ କମିଟି କରିଥାନ୍ତି। ଏଥି ପାଇଁ କମିଟି ଡିଫେନ୍ସ ମିନିଷ୍ଟ୍ରିକୁ ନାମ ପ୍ରସ୍ତାବ କରେ। ତେବେ ସିଡିଏସ୍ ପଦବୀ ନେଇ ବରିଷ୍ଠତାକୁ ସେପରି ଗୁରୁତ୍ୱ ଦିଆଯାଏନି। ତେବେ ଏଥି ପାଇଁ ତିନିସେନା ସମ୍ପର୍କରେ କିଏ ଟିକନିକ୍ ଜାଣନ୍ତି ତାହା ଗୁରୁତ୍ୱପୂର୍ଣ୍ଣ। କାରଣ ସିଡିଏସ୍ ହିଁ ବର୍ତ୍ତମାନ ଓ ଭବିଷ୍ୟତର ଯୁଦ୍ଧ ପାଇଁ ନା କେବଳ ରଣନୀତି ପ୍ରସ୍ତୁତ କରନ୍ତି ବରଂ ସରକାରଙ୍କ ସହ ମିଶି ଡିଫେନ୍ସ ର ନୂଆ ପ୍ଲାନିଂ ମଧ୍ୟ କରନ୍ତି।

# ଅର୍ବାନ ଚ୍ୟାଲେଞ୍ଜ ଫଣ୍ଡ ପାଇଁ ନିର୍ଦ୍ଦେଶାବଳୀ ଜାରି

**ନୂଆଦିଲ୍ଲୀ:** କେନ୍ଦ୍ର ଗୃହ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ଶ୍ରୀ ମନୋହର ଲାଲ ଆଜି ନୂଆଦିଲ୍ଲୀଠାରେ ଅର୍ବାନ ଚ୍ୟାଲେଞ୍ଜ୍ ଫଣ୍ଡ (ୟୁସିଏଫ)ର କାର୍ଯ୍ୟକାରୀ ନିର୍ଦ୍ଦେଶାବଳୀ ଓ ଋଣ ପରିଶୋଧ ଗ୍ଯାରେଣ୍ଟି ସବ୍-ସ୍କିମ୍ (ସିଆରଜିଏସଏସ)ର ଶୁଭାରମ୍ଭ କରିଛନ୍ତି। ଏହି ଅର୍ବାନ ଚ୍ୟାଲେଞ୍ଜ୍ ଫଣ୍ଡ ୨୦୨୫-୨୬ ଆର୍ଥିକ ବର୍ଷରୁ ୨୦୩୦-୩୧ ଆର୍ଥିକ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯିବ। ଏହାର ଲକ୍ଷ୍ୟ ହେଉଛି ସହରଗୁଡ଼ିକୁ ଅଭିବୃଦ୍ଧିର କେନ୍ଦ୍ରରେ ପରିଣତ କରିବା ସହ ଭାରତର ସହରୀ ଭବିଷ୍ୟତକୁ ଆଗକୁ ନେବା। ଏହି କାର୍ଯ୍ୟକ୍ରମରେ ମଧ୍ୟପ୍ରଦେଶ, ଗୁଜରାଟ, ଓଡ଼ିଶା ଆଦି ବିଭିନ୍ନ ରାଜ୍ୟର ପ୍ରତିନିଧିମାନେ ଯୋଗଦେଇଥିଲେ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଯାଦବ ଭିଡିଓ ବାର୍ତ୍ତା ମାଧ୍ୟମରେ ଉଦବୋଧନ ଦେଇଥିଲେ।




ନିଜର ସମ୍ବୋଧନରେ ଶ୍ରୀ ମନୋହର ଲାଲ କହିଥିଲେ ଯେ ଅର୍ବାନ ଚ୍ୟାଲେଞ୍ଜ୍ ଫଣ୍ଡ ସହରାଞ୍ଚଳ ବିକାଶ କ୍ଷେତ୍ରରେ ଭାରତର ପରିବର୍ତ୍ତିତ ଆଭିମୁଖ୍ୟକୁ ଦର୍ଶାଉଛି। ସେ କହିଥିଲେ ଯେ ଏହି ପାଣ୍ଠି କେବଳ ଅନୁଦାନ ଦେବା ପାଇଁ ଉଦ୍ଦିଷ୍ଟ ନୁହେଁ ବରଂ ବଡ଼ ନିବେଶଗୁଡ଼ିକୁ ତ୍ୱରାନ୍ୱିତ କରିବା ଦିଗରେ ସାର୍ବଜନୀନ ପାଣ୍ଠିର ବ୍ୟବହାର ଏବଂ ସହରଗୁଡ଼ିକୁ ଆର୍ଥିକ ଦୃଷ୍ଟିକୋଣରୁ ସୁଦୃଢ଼ ଓ ନିବେଶ ଅନୁକୂଳ କରିବା ଉପରେ ବି ଗୁରୁତ୍ୱ ଦିଏ।

ସେ ଗୁରୁତ୍ୱାରୋପ କରିଥିଲେ ଯେ ଭାରତର ସହରଗୁଡ଼ିକ ଅର୍ଥନୈତିକ ଅଭିବୃଦ୍ଧି, ନବସୃଜନ ଏବଂ ନିଯୁକ୍ତି ସୃଷ୍ଟିର ଇଞ୍ଜିନ ଭାବରେ ଉଭା ହେଉଛି। ସହରଗୁଡ଼ିକୁ କେତେ ପ୍ରଭାବଶାଳୀ ଭାବରେ ଯୋଜନା, ଆର୍ଥିକ ସହାୟତା ଏବଂ ପରିଚାଳନା କରାଯିବ ତାହା ଉପରେ ୨୦୪୭ ସୁଦ୍ଧା ବିକଶିତ ଭାରତର ସ୍ୱପ୍ନ ସାକାର ନିର୍ଭର କରିବ। ଅମୃତ, ସ୍ୱଚ୍ଛ ଭାରତ ମିଶନ ଏବଂ ସ୍ମାର୍ଟ ସିଟି ମିଶନ ଭଳି ପଦକ୍ଷେପଗୁଡ଼ିକ ସହରାଞ୍ଚଳ ଭିତ୍ତିଭୂମିକୁ ସୁଦୃଢ଼ କରିଥିବା ବେଳେ, ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ସହରଗୁଡ଼ିକ ନିବେଶ ପାଇଁ ପ୍ରସ୍ତୁତ ଏବଂ ଆର୍ଥିକ ଦୃଷ୍ଟିରୁ ସୁଦୃଢ଼ ହେବା ଜରୁରୀ ବୋଲି ସେ ଉଲ୍ଲେଖ କରିଥିଲେ।

କେନ୍ଦ୍ରମନ୍ତ୍ରୀ କହିଥିଲେ ଯେ ଏହି ଅର୍ବାନ ଚ୍ୟାଲେଞ୍ଜ୍ ଫଣ୍ଡରେ ମୋଟ ୧ ଲକ୍ଷ କୋଟି ଟଙ୍କାର କେନ୍ଦ୍ରୀୟ ସହାୟତା ରାଶି ଅନ୍ତର୍ଭୁକ୍ତ ରହିଛି। ଏହାକୁ ବଜାର-ଭିତ୍ତିକ ଆର୍ଥିକ ସହାୟତା ମାଧ୍ୟମରେ ପ୍ରାୟ ଚାରି ଗୁଣ ଅଧିକ ନିବେଶ ସଂଗ୍ରହ କରିବା ପାଇଁ ଏକ ପ୍ରୋତ୍ସାହକ ଉପକରଣ ଭାବରେ ଡିଜାଇନ୍ କରାଯାଇଛି। ସେ ସୂଚନା ଦେଇଥିଲେ ଯେ ଏଥିରେ କେନ୍ଦ୍ରୀୟ ସହାୟତା ପ୍ରକଳ୍ପ ମୂଲ୍ୟର ୨୫ ପ୍ରତିଶତ ପର୍ଯ୍ୟନ୍ତ ସୀମିତ ରହିବ, ଯେତେବେଳେ କି ଅନ୍ୟୁନ ୫୦ ପ୍ରତିଶତ ପାଣ୍ଠି ପୌର ବଣ୍ଡ, ବ୍ୟାଙ୍କ ଋଣ ଏବଂ ସରକାରୀ-ବେସରକାରୀ ସହଭାଗୀତା ମାଧ୍ୟମରେ ସଂଗ୍ରହ କରାଯିବ - ଯାହା ଦ୍ୱାରା ଆର୍ଥିକ ଶୃଙ୍ଖଳା ସୁନିଶ୍ଚିତ ହେବ ଏବଂ ଘରୋଇ କ୍ଷେତ୍ରର ଅଂଶଗ୍ରହଣକୁ ପ୍ରୋତ୍ସାହିତ କରାଯିବ।

ସେ କହିଥିଲେ ଯେ ମୋଟ ବ୍ୟବସ୍ଥା ମଧ୍ୟରୁ, ପ୍ରକଳ୍ପ ପାଇଁ ୯୦,୦୦୦ କୋଟି ଟଙ୍କା, ପ୍ରକଳ୍ପ ପ୍ରସ୍ତୁତି ଏବଂ କ୍ଷମତା ନିର୍ମାଣ ପାଇଁ ୫,୦୦୦ କୋଟି ଟଙ୍କା ଏବଂ ଋଣପରିଶୋଧ ଗ୍ଯାରେଣ୍ଟି ସ୍କିମ ଲାଗି ୫,୦୦୦ କୋଟି ଟଙ୍କା ଆବଣ୍ଟିତ କରାଯାଇଛି। ସିଆରଜିଏସଏସ ବିଶେଷ ଭାବରେ ଛୋଟ ସହରଗୁଡ଼ିକୁ ଉପକୃତ କରିବ, ଯେଉଁଥିରେ ୨ୟ ଏବଂ ୩ୟ ଶ୍ରେଣୀ ସହରଗୁଡ଼ିକ ସହିତ ପାହାଡ଼ିଆ ଏବଂ ଉତ୍ତର-ପୂର୍ବ ଅଞ୍ଚଳର ସହରଗୁଡ଼ିକ ଅନ୍ତର୍ଭୁକ୍ତ ଅଛନ୍ତି। ଏହି ସ୍କିମ୍ ସେମାନଙ୍କୁ କ୍ରେଡିଟ୍ ଗ୍ୟାରେଣ୍ଟି ମାଧ୍ୟମରେ ବଜାର-ଭିତ୍ତିକ ଆର୍ଥିକ ସହାୟତା ପାଇବାକୁ ସକ୍ଷମ କରିବ।

କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଥିଲେ ଯେ ଏହି ପାଣ୍ଠି ବିଭିନ୍ନ ପରିବର୍ତ୍ତନମୂଳକ ପ୍ରକଳ୍ପ ଯେପରିକି ସହରର ପୁରୁଣା ଅଞ୍ଚଳ ଓ ବଜାରର ପୁନଃବିକାଶ, ସହରାଞ୍ଚଳ ଗତିଶୀଳତା ଓ ଶେଷ ଦୂରତ୍ୱ ସଂଯୋଗ, ଅଣ-ମୋଟରଚାଳିତ ପରିବହନ, ଜଳ ଓ ପରିମଳ ଭିତ୍ତିଭୂମି, ଜଳବାୟୁ ସହନକ୍ଷମ ସହରୀ ବିକାଶ ଆଦିକୁ ସମର୍ଥନ କରିବ। ଦୀର୍ଘ ମିଆଦୀ ଆର୍ଥିକ ଓ ସାମାଜିକ ଉପଯୋଗିତା ପ୍ରଦାନ କରୁଥିବା ବିସ୍ତାରଯୋଗ୍ୟ, ପ୍ରଭାବୀ ଓ ଭରସାଯୋଗ୍ୟ ପ୍ରକଳ୍ପଗୁଡ଼ିକ ଉପରେ ଗୁରୁତ୍ୱ ଦିଆଯିବ।

ପୌରସଂସ୍ଥାଗୁଡ଼ିକର ଭୂମିକା ଉପରେ ଆଲୋକପାତ କରି ମନ୍ତ୍ରୀ କହିଥିଲେ ଯେ ସହରଗୁଡ଼ିକୁ ସେମାନଙ୍କର ଆର୍ଥିକ କ୍ଷମତାକୁ ସୁଦୃଢ଼ କରିବା, ସଂସ୍କାର ଲାଗୁ କରିବା ଏବଂ ବଜାର-ଆଧାରିତ ଆର୍ଥିକ ବ୍ୟବସ୍ଥାରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବା ପାଇଁ ଉତ୍ସାହିତ କରାଯିବ। ସେ ରାଜ୍ୟ ଏବଂ ପୌରସଂସ୍ଥାଗୁଡ଼ିକୁ ଅର୍ବାନ ଚ୍ୟାଲେଞ୍ଜ ଫଣ୍ଡକୁ କେବଳ ଏକ ଯୋଜନା ଭାବରେ ନୁହେଁ ବରଂ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ, ସ୍ଥିର ଏବଂ ନିବେଶ ପାଇଁ ପ୍ରସ୍ତୁତ ସହର ସୃଷ୍ଟି କରିବାର ଏକ ସୁଯୋଗ ଭାବରେ ଦେଖିବାକୁ ଅନୁରୋଧ କରିଥିଲେ।

# ପ୍ରତିଦିନ ଦେଶକୁ ପ୍ରଚୁର ଅଣ୍ଡା ଯୋଗାଉଥିବା ସହର

**ନୂଆଦିଲ୍ଲୀ:** ବିଶ୍ୱର ସବୁଠୁ ଅଧିକ ଅଣ୍ଡା ଉତ୍ପାଦନ ଚୀନ୍ରେ ହୋଇଥାଏ । ଭାରତ ଦ୍ୱିତୀୟ ସ୍ଥାନରେ ରହିଛି । ତେବେ ଦେଶର କିଛି ହାତଗଣତି ରାଜ୍ୟରେ ଅଣ୍ଡାର ସବୁଠୁ ଅଧିକ ଉତ୍ପାଦନ ହୋଇଥାଏ । କିନ୍ତୁ ଏମିତି ସହରଟି ଅଛି ଯାହାକୁ କୁହାଯାଏ ଏଗ୍ ସିଟି । ସେହି ସିଟିର ନାମ ହେଉଛି ତାମିଲନାଡୁର ନମକ୍କଲ । ଯେଉଁଠି କେବଳ ୭ କୋଟି ଅଣ୍ଡା ଉତ୍ପାଦନ ହୋଇଥାଏ । ସେଥିପାଇଁ ଏହାକୁ କୁହାଯାଏ ଅଣ୍ଡା ରପ୍ତାନୀ ହବ୍ ।



ନମକ୍କଲର ଅଣ୍ଡା ସଯୁକ୍ତ ଆରବ ଏମିରାଟ୍, କତର ଏବେ ଆଫ୍ରିକୀୟ ଦେଶକୁ ରପ୍ତାନୀ କରାଯାଇଥାଏ । ନିକଟରେ ଆମେରିକା ବି ଏହି ଲିଷ୍ଟରେ ସାମିଲ ହୋଇଛି । ଯେଉଁଠି ପହଞ୍ଚିଯାଏ ନମକ୍କଲର ଅଣ୍ଡା । ପ୍ରଥମ ଥର ଏହିଠୁ ଅଣ୍ଡା ଯୁକ୍ତ ରାଷ୍ଟ୍ର ଆମେରିକାକୁ ରପ୍ତାନୀ କରାଯାଇଛି । ଆମେରିକା ବଜାରରୁ ମିଳିଥିବା ପ୍ରତିକ୍ରିୟା ଆଧାରରେ ଦରକାର ପଡିଲେ ଆହୁରି ବଢିପାରେ ବୋଲି ଅନୁମାନ । ଏବେ ପ୍ରଶ୍ନ ଉଠୁଛି କି, ନମକ୍କଲ କେମିତି ହେବ ଅଣ୍ଡାର ହବ୍ । ଜାଣନ୍ତୁ ଏହାର ଜବାବ୍...

ନମକ୍କଲ କେମିତି ହେଲା ଅଣ୍ଡା ହବ୍ ?

ଭାରତକୁ ଅଣ୍ଡାର ସହର ଭାବେ ପରିଚୟ ପାଇଥିବା ନମକ୍କଲରେ ୧,୨୦୦ ପଲଟ୍ରି ଫାର୍ମ ରହିଛି । ଯାହା ନିୟମିତ ୭ କୋଟି ଅଣ୍ଡା ଉତ୍ପାଦନ କରିଥାଏ । ଏହି ଅଣ୍ଡା ମୁଖ୍ୟତଃ ରୂପେ କେରଳ, କର୍ଣ୍ଣାଟକ ଏବଂ ତାମିଲନାଡୁ ଫୁଡ୍ ସ୍କିମ୍ ଜରିଆରେ ସ୍କୁଲ୍ରେ ବି ବଣ୍ଟାଯାଏ ।୧୯୬୦ ଦଶକ ଶେଷରେ ନମକ୍କଲରେ ଟ୍ରାନ୍ସପୋର୍ଟ ବ୍ୟବସାୟ ସହ ଜଡିତ କିଛି ଲୋକ ପଲଟ୍ରି ଫାର୍ମିଂ ଆରମ୍ଭ କଲେଣି । ବ୍ୟାପକ ଭାବେ ବଢୁଥିବା ଫାଇଦା ସହ ଏହି ବ୍ୟବସାୟରେ ଧୀରେ ଧୀରେ ସ୍ଥାନୀୟ ଲୋକ ବି ସାମିଲ ହେଲେଣି ।୧୯୯୦ ଦଶକ ପର୍ଯ୍ୟନ୍ତ ସହରରେ ୫,୦୦୦ ରୁ ଅଧିକ ପଲଟ୍ରି ଫାର୍ମ ଥିଲା । ଏହି ଫାର୍ମ ୧୯୯୦ ଦଶକ ଶେଷରେ ମଲ୍ଟି ଷ୍ଟୋରର ବିଲ୍ଡିଂରେ ପରିଣତ ହୋଇଗଲା ।ଯାନ୍ତ୍ରିକ ଏବଂ ଆଧୁନିକ ପଦ୍ଧତି ସବୁ ବଢୁଥିବା କାରଣରୁ ଛୋଟ ଆକାରର ପଲଟ୍ରି ଫାର୍ମ ଚଳାଉଥିବା ଲୋକ ଧୀରେ ଧୀରେ କମିଗଲେ । ଫଳେ ପଲଟ୍ରି ଫାର୍ମ ସଂଖ୍ୟା ୫,୦୦୦ ରୁ ଖସି ୧,୧୦୦ ହୋଇଗଲା । ତେବେ ଅଣ୍ଡା ସଂଖ୍ୟା କିନ୍ତୁ ବଢିଗଲା, କାରଣ ଗୋଟିଏ ଗ୍ରୁପ୍ରେ ୧୦,୦୦୦ ଆରମ୍ଭ କରି ୨ ଲକ୍ଷରୁ ଅଧିକ କୁକୁଡା ରହିଥାନ୍ତି । ବର୍ତ୍ତମାନ ଏହି ଫାର୍ମ ସଂଖ୍ୟା ବଢି ୧୨୦୦ ହୋଇଛି । ନମକ୍କଲକୁ ଅଣ୍ଡା ହବ୍ କରିବାକୁ ସରକାରଙ୍କ ବଡ଼ ଭୂମିକା ରହିଛି । ଚାଷୀଙ୍କୁ ତାଙ୍କର ଉଚିତ୍ ଦାମ୍ ଦେବା ପାଇଁ ନେସନାଲ୍ ଏଗ୍ କୋଡିନେସ୍ନ କମିଟିପ୍ରତିଷ୍ଠା ହୋଇଛି ।୧୯୮୫ରେ ଭେଟନାରୀ କଲେଜ ଖୋଲାଗଲା । ଯେଉଁଥିରେ ପଲଟ୍ରି ଉଦ୍ୟୋଗଙ୍କ ସ୍ଥିରତା ବୈଜ୍ଞାନିକଙ୍କୁ ଫାଇଦା ଦେଇଥିଲା । ମଧ୍ୟପ୍ରାଚ୍ୟ ସମେତ ଅନେକ ଦେଶରେ ନମକ୍କଲ ଅଣ୍ଡାର ଡିମାଣ୍ଡ ରହିଛି ।

କାହିଁକି ବଢୁଛି ନମକ୍କଲ ଅଣ୍ଡା ଚାହିଦା?

ଋଷ ଏବଂ ୟୁକ୍ରେନ୍ ଯୁଦ୍ଧ ପାଇଁ ଅନେକ ଦେଶରେ ପଲଟ୍ରି ଫାର୍ମ ଫିଡ୍ ମହଙ୍ଗା ହୋଇଗଲା । ଯାହାର ଫାଇଦା ନମକ୍କଲକୁ ପ୍ରଚୁର ମାତ୍ରାରେ ମିଳିଥିଲା । ପଲଟ୍ରି ଇଣ୍ଡିଆ ରିପୋର୍ଟ ମୁତାବକ ଭାରତରୁ ବିଶ୍ୱର ଅନେକ ଦେଶକୁ ରପ୍ତାନୀ ହେଉଥିବା ଅଣ୍ଡାରେ ୯୫ ପ୍ରତିଶତ ଫାଇଦା ନମକ୍କଲକୁ ହୋଇଥାଏ । ସେତିକି ନୁହେଁ, ଭାରତୀୟ ଅଣ୍ଡା ଅନ୍ତରାଷ୍ଟ୍ରୀୟ ସ୍ତରରେ ବେଶ ଚାହିଦା ରହିଛି । ଖାସ୍ ସେଥିପାଇଁ ଦାମ ବଢିବାର ଏହା ବି ଗୋଟିଏ କାରଣ । ଅନ୍ୟ ଦେଶ ତୁଳନାରେ ଭାରତର ଅଣ୍ଡା ଭାରି ଶସ୍ତା । ଭାରତରେ ବହୁତ ମାତ୍ରାରେ ଏହାର ପ୍ରଡକ୍ସନ ହୋଇଥାଏ । ସରକାରଙ୍କ ତରଫରୁ ଏହି ଉଦ୍ୟୋଗକୁ ବହୁତ ଫାଇଦା ବି ମିଳିଥାଏ ।

## ଚଡ୍ଢାଙ୍କୁ "ଜେଡ୍+" ସିକ୍ୟୁରିଟି ଦେବେ କେନ୍ଦ୍ର ସରକାର !

**ନୂଆଦିଲ୍ଲୀ:** ରାଜ୍ୟସଭା ସାଂସଦ ରାଘବ ଚଡାଙ୍କ ସୁରକ୍ଷାକୁ ନେଇ ରାଜନୀତି ହଇଚଇ। ପଞ୍ଜାବ ସରକାର ଚଡ୍ଢାଙ୍କ "Z+" ସିକ୍ୟୁରିଟି ପ୍ରତ୍ୟାହାର କରିବା ପରେ କେନ୍ଦ୍ର ସରକାର ସୁରକ୍ଷା ଯୋଗାଇ ଦେବେ ବୋଲି ସୂଚନା ମିଳୁଛି। କେନ୍ଦ୍ର ସରକାର ତାଙ୍କୁ "Z" କାଟାଗୋରି ପ୍ରଦାନ କରିବେ ବୋଲି ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି।

Z-ବର୍ଗର ସୁରକ୍ଷା କବଚ କ'ଣ?

ଭାରତରେ ସୁରକ୍ଷାକୁ ଅନେକ ବର୍ଗରେ ବିଭକ୍ତ କରାଯାଇଛି, "Z" ବର୍ଗକୁ ଦ୍ୱିତୀୟ ସବୁଠାରୁ ମଜବୁତ ସୁରକ୍ଷା ବଳୟ ଭାବରେ ବିବେଚନା କରାଯାଏ। ଏହି ସୁରକ୍ଷା କଭର ଅଧୀନରେ, ବ୍ୟକ୍ତିଙ୍କୁ ସୁରକ୍ଷା ଦେବା ପାଇଁ ମୋଟ ୨୨ ଜଣ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଏହି କର୍ମଚାରୀମାନଙ୍କ ମଧ୍ୟରେ ଦିଲ୍ଲୀ ପୋଲିସ, ITBP କିମ୍ବା CRPFର ସଶସ୍ତ୍ର କର୍ମଚାରୀ ଅନ୍ତର୍ଭୁକ୍ତ। ସୁରକ୍ଷାକୁ ଆହୁରି ସୁଦୃଢ଼ କରିବା ପାଇଁ, ଚାରିରୁ ପାଞ୍ଚ ଜଣ ଜାତୀୟ ସୁରକ୍ଷା ଗାର୍ଡ (NSG) କମାଣ୍ଡୋଙ୍କୁ ନିୟୋଜିତ କରାଯାଇପାରେ। ଏହି ପରିଧି ମଧ୍ୟରେ ନିୟୋଜିତ କମାଣ୍ଡୋମାନେ ସପ୍ତାହର ସାତ ଦିନ, ୨୪ ଘଣ୍ଟା ବ୍ୟକ୍ତିଙ୍କ ସୁରକ୍ଷା ଉପରେ ନଜର ରଖନ୍ତି।

Z-ବର୍ଗ ସୁରକ୍ଷା ପାଉଥିବା ଜଣେ ବ୍ୟକ୍ତି କେବଳ ସୁରକ୍ଷା କର୍ମୀଙ୍କଠାରୁ ସୁରକ୍ଷା ପାଆନ୍ତି ନାହିଁ, ବରଂ ଏକ ଏସକର୍ଟ କାର ମଧ୍ୟ ପାଆନ୍ତି। ଏହି କର୍ମଚାରୀମାନେ ଆଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ। କମାଣ୍ଡୋମାନେ ମାର୍ଶାଲ ଆର୍ଟ ଏବଂ ନିରସ୍ତ୍ର ଯୁଦ୍ଧରେ ସ୍ୱତନ୍ତ୍ର ତାଲିମ ପାଆନ୍ତି। ଏହି ବର୍ଗର ଉପରେ "Z+" ସୁରକ୍ଷା ଅଛି। ଯାହା 55 ଜଣ କର୍ମଚାରୀଙ୍କୁ ନିଯୁକ୍ତି ଦିଏ। ରାଘବ ଚଡ୍ଢାଙ୍କ କ୍ଷେତ୍ରରେ, ତାଙ୍କୁ ଦିଲ୍ଲୀ ଏବଂ ପଞ୍ଜାବରେ Z ସୁରକ୍ଷା ମିଳିପାରେ ବୋଲି ଆଲୋଚନା ହେଉଛି।

ଭାରତରେ, କୌଣସି ବ୍ୟକ୍ତିଙ୍କୁ ସୁରକ୍ଷା ଯୋଗାଇବା କି ନାହିଁ ତାହା ସମ୍ପୂର୍ଣ୍ଣ ଭାବରେ ମୂଲ୍ୟାଙ୍କନ ଉପରେ ନିର୍ଭର କରେ। ଇଣ୍ଟେଲିଜେନ୍ସ ବ୍ୟୁରୋ (IB) ଏବଂ ସମ୍ପୃକ୍ତ ରାଜ୍ୟ ଗୁଇନ୍ଦା ସଂସ୍ଥାଗୁଡ଼ିକ ଗୃହ ମନ୍ତ୍ରଣାଳୟକୁ ସେମାନଙ୍କର ରିପୋର୍ଟ ଦାଖଲ କରନ୍ତି। ସୁରକ୍ଷା କେବଳ ସେତେବେଳେ ଯୋଗାଇ ଦିଆଯାଏ ଯେତେବେଳେ ରିପୋର୍ଟ ନିଶ୍ଚିତ କରେ ଯେ ଜଣେ ବ୍ୟକ୍ତିଙ୍କ ଜୀବନ ଆତଙ୍କବାଦୀ, ଉଗ୍ରବାଦୀ କିମ୍ବା ଅନ୍ୟ କୌଣସି ଉତ୍ସରୁ ଗମ୍ଭୀର ବିପଦରେ ଅଛି।

ଯଦି ଜଣେ ଶିଳ୍ପପତି କିମ୍ବା ବ୍ୟକ୍ତିଗତ ବ୍ୟକ୍ତି ସରକାରଙ୍କଠାରୁ ଏପରି ସୁରକ୍ଷା ପାଇଁ ଅନୁରୋଧ କରନ୍ତି, ତେବେ ସେମାନଙ୍କୁ ସମ୍ପୂର୍ଣ୍ଣ ଖର୍ଚ୍ଚ ବହନ କରିବାକୁ ପଡିବ। ପରିସଂଖ୍ୟାନ ଅନୁସାରେ, ଭାରତରେ Z-ବର୍ଗ ସୁରକ୍ଷାର ମାସିକ ଖର୍ଚ୍ଚ ପ୍ରାୟ ୧୫ ରୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହୋଇଥାଏ। Z+ ସୁରକ୍ଷା ପାଇଁ, ଏହି ସଂଖ୍ୟା ପ୍ରତି ମାସରେ ୪୦ ରୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପହଞ୍ଚିପାରେ। ବ୍ୟକ୍ତିଙ୍କୁ ୨୨ ରୁ ୫୫ ଜଣ ନିୟୋଜିତ କର୍ମଚାରୀଙ୍କ ଦରମା ଠାରୁ ଆରମ୍ଭ କରି ଅସ୍ତ୍ରଶସ୍ତ୍ର ଏବଂ ଯାନବାହାନ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବିଲ୍ ଦେବାକୁ ପଡିଥାଏ।

## ଆଇପିଏଲ୍ ମହାସମର

# ଟେବୁଲ ଶୀର୍ଷକୁ ଉଠିଲା ବେଙ୍ଗାଲୁରୁ





ବେଙ୍ଗାଲୁରୁ,୧୫।୪(ଏଜେନ୍ସି): ଆଇପିଏଲର ୨୩ତମ ମ୍ୟାଚରେ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ନିଜ ଘରୋଇ ଗ୍ରାଉଣ୍ଡରେ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସକୁ ୫ ୱିକେଟରେ ପରାଜିତ କରି ଚତୁର୍ଥ ବିଜୟ ହାସଲ କରିଛି । ଏଥିସହ ବେଙ୍ଗାଲୁରୁ ୫ ମ୍ୟାଚରୁ ୮ ପଏଣ୍ଟ ହାସଲ କରି ରନରେଟ୍ ଆଧାରରେ ପଏଣ୍ଟ ଟେବୁଲର ଶୀର୍ଷକୁ ଉଠିଛି । ପରାଜିତ ଲକ୍ଷ୍ନୌ ଦଳ ୫ ମ୍ୟାଚରୁ ୪ ପଏଣ୍ଟ ସହ ସପ୍ତମ ସ୍ଥାନକୁ ଖସିଛି । ବେଙ୍ଗାଲୁରୁର ଏମ ଚିନାସ୍ୱାମୀ ଷ୍ଟାଡିୟମରେ ଲକ୍ଷ୍ନୌ ୨୦ ଓଭରରେ ୧୪୬ ରନ୍ କରି ଅଲଆଉଟ୍ ହୋଇଥିଲା । ଜବାବରେ ବେଙ୍ଗାଲୁରୁ ୧୫.୧ ଓଭରରେ ୧୪୯/୫ ରନ୍ କରି ଲକ୍ଷ୍ୟ ହାସଲ କରିନେଇଥିଲା । ଭୁବନେଶ୍ୱର କୁମାର ଓ ରସିକ ସଲାମ ୭ ୱିକେଟ ଅକ୍ତିଆର କରି ଲକ୍ଷ୍ନୌ ସୁପର ଜ୍ୟାଣ୍ଟସର ଜବନିକା ଟାଣିଥିଲେ ।

ବେଙ୍ଗାଲୁରୁ ଟସ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା । ତେଣୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିଲା ଲକ୍ଷ୍ନୌ ସୁପରଜ୍ୟାଣ୍ଟସ । ଓପନର ମିଚେଲ ମାର୍ସଙ୍କ ସହ ଆଦିନ ମାକ୍ରାମ ପାଳି ଆରମ୍ଭ କରିଥିଲେ । ପ୍ରଥମ ୱିକେଟ୍ ପାଇଁ ୩୨ ରନର ଭାଗିଦାରୀ ହୋଇଥିଲା । ମାର୍ସ ୩୨ ବଲରୁ ୪୦ ରନ୍ କରିଥିଲେ । ମାକ୍ରାମ ୧୨ ରନ୍ କରି ଆଉଟ୍ ହୋଇଥିଲେ । ପୁଣିଥରେ ଅଧିନାୟକ ରିଷଭ ପନ୍ତ ମାତ୍ର ୧ ରନ୍ କରି ସମସ୍ତଙ୍କୁ ନିରାଶ କରିଛନ୍ତି । ନିକୋଲାସ ପୁରନ ମଧ୍ୟ ୧ ରନ କରିଥିଲେ । ଅବଦୁଲ ସମଦ ବିନା ସ୍କୋରରେ ଆଉଟ୍ ହୋଇଥିବା ବେଳେ ଆୟୁଷ ବଦୋନୀ ୨୪ ବଲରୁ ୩୮ ଏବଂ ମୁକୁଲ ଚୌଧୁରୀ ୨୮ ବଲରୁ ୩୯ ରନ୍ କରିଥିଲେ । ମାର୍ସ, ବଦୋନୀ ଓ ମୁକୁଲଙ୍କ ବ୍ୟତୀତ ଅନ୍ୟ କୌଣସି ଖେଳାଳିଙ୍କ ପ୍ରଦର୍ଶନ ସନ୍ତୋଷଜନକ ନଥିଲା । ତେଣୁ ଲକ୍ଷ୍ନୌ ୨୦ ଓଭରରେ ୧୪୬ ରନ୍ କରିବାକୁ ସକ୍ଷମ ହୋଇଥିଲା । ସବୁଠୁ ଚମତ୍କାର ଥିଲା ବେଙ୍ଗାଲୁରୁର ବୋଲିଂ । ଖାସ କରି ଭୁବନେଶ୍ୱର କୁମାର ଓ ରସିକ ସଲାମଙ୍କ ଅଗ୍ନିବର୍ଷୀ ବୋଲିଂ ଆଗରେ ଲକ୍ଷ୍ନୌ ବ୍ୟାଟର ତିଷ୍ଠି ପାରିନଥିଲେ । ଭୁବନେଶ୍ୱର କୁମାର ୩ଟି, ରସିକ ୪ଟି, କ୍ରୁନାଲ ପାଣ୍ଡ୍ୟା ଓ ଜୋଶ ହାଜଲଉଡ ଗୋଟିଏ ୱିକେଟ୍ ସଫଳତା ହାସଲ କରିଥିଲେ ।

୧୪୭ ରନର ବିଜୟଲକ୍ଷ୍ୟକୁ ବେଙ୍ଗାଲୁରୁ ପିଛା କରିଥିଲା । ଅବଶ୍ୟ ଦଳୀୟ ସ୍କୋର ୯ ରନ୍ ବେଳେ ଫିଲ ସଲ୍ଟ ୭ ରନ୍ କରି ପ୍ରିନ୍ସ ଯାଦବଙ୍କ ବଲରେ ବୋଲ୍ଡ ହୋଇଥିଲେ । ବିରାଟ କୋହଲି ଆଉ ଏକ ଜମାଣିଆ ଇନିଂସ ଖେଳିଥିଲେ । ସେ ୩୪ ବଲରୁ ୬ ଚୌକା ଓ ଗୋଟିଏ ଛକା ସହାୟତାରେ ୪୯ ରନ୍ କରି ଆଉଟ୍ ହୋଇଥିଲେ । ଦେବଦୂତ ପଡିକାଲ ୧୦ ରନ କରିଥିବା ବେଳେ ଅଧିନାୟକ ରଜତ ପଟିଦାର ୨୭ ରନ୍, ଜିତେଶ ଶର୍ମା ୨୩ ରନ୍ କରିଥିଲେ । ଟିମ ଡେଭିଡ ୮ ବଲରୁ ୧୪ ଏବଂ ରୋମାରିଓ ସେଫର୍ଡ ୮ ବଲରୁ ୧୪ ରନ୍ କରି ମ୍ୟାଚ ଶେଷ କରିଥିଲେ । ବୋଲିଂରେ ଲକ୍ଷ୍ନୌର ପ୍ରିନ୍ସ ଯାଦବଙ୍କୁ ୩ଟି ଓ ଆଭେସ ଖାନଙ୍କୁ ଦୁଇ ୱିକେଟ୍ ସଫଳତା ମିଳିଥିଲା ।

### ଆଜିର ମ୍ୟାଚ

* ମୁମ୍ବାଇ - ପଞ୍ଜାବ
* ସ୍ଥାନ - ୱାଙ୍ଖେଡେ
* ସମୟ - ରାତି ୭.୩୦

▸▸ ପ୍ରସାରଣ - ଷ୍ଟାର ନେଟୱାର୍କ

## ୟୁପି ପ୍ରୋ ହ୍ୟାଣ୍ଡବଲ ଲିଗ୍

# ଗୌରୀ ଶଙ୍କର ସମ୍ବର୍ଦ୍ଧିତ



ଭୁବନେଶ୍ୱର,୧୫।୪(ସବ୍ୟୁ): ଉତ୍ତରପ୍ରଦେଶର ଲକ୍ଷ୍ନୌରେ ୟୁପି ପ୍ରୋ-ହ୍ୟାଣ୍ଡବଲ ଲିଗର ପ୍ରଥମ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି । ବିଜୟୀ ସମାରୋହରେ ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ କୋଚ୍ ଗୌରୀ ଶଙ୍କର ମିଶ୍ରଙ୍କୁ ଲିଗର ପ୍ରତିଷ୍ଠାତା ସିଇଓ ଅମିତ କିଶାନ ପାଣ୍ଡେ ସମ୍ମାନୀତ କରିଥିଲେ । ମଙ୍ଗଳବାର ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚରେ ମଥୁରା ବ୍ରିଜଷ୍ଟର ୧୦ ଗୋଲ ବ୍ୟବଧାନରେ ଗୋରଖପୁରକୁ ପରାସ୍ତ କରି ଚାମ୍ପିଅନ ହୋଇଛି । ମୁଖ୍ୟ ଅତିଥି ଭାବେ ସଂସଦ ସୀମା ଦିୱେଦୀ ବିଜେତା ଓ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଉତ୍ତରପ୍ରଦେଶ ପ୍ରୋ-ହ୍ୟାଣ୍ଡବଲ ଲିଗରେ ଗୌରୀ ଶଙ୍କର ମିଶ୍ର ଟେକ୍ନିକାଲ ଅଫିସର ନିଯୁକ୍ତ ହୋଇଥିଲେ । ଗତ ମାସ ୩୦ରୁ ଏପ୍ରିଲ ୫ ତାରିଖ ପର୍ଯ୍ୟନ୍ତ ଉଜବେକିସ୍ତାନର ସମରକାନ୍ଦରେ ସେଣ୍ଟ୍ରାଲ ଏସିଆନ୍ ହ୍ୟାଣ୍ଡବଲ ଚାମ୍ପିଅନସିପ ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ ଭାରତ ବ୍ରୋଞ୍ଜ ପଦକ ଜିତିଥିଲା । ଗୌରୀ ଶଙ୍କର ମିଶ୍ର ଭାରତୀୟ ଦଳର କୋଚ ନିଯୁକ୍ତ ହୋଇଥିଲେ । ତାଙ୍କ ତତ୍ତ୍ୱାବଧାନରେ ଦଳ ପଦକ ସଫଳତା ହାସଲ କରିଥିଲା । ୟୁପି ପ୍ରୋ-ହ୍ୟାଣ୍ଡବଲ ଲିଗରେ ସମ୍ବର୍ଦ୍ଧିତ ହୋଇଥିବା ଗୌରୀ ଶଙ୍କର ମିଶ୍ରଙ୍କୁ ଓଡ଼ିଶା ହ୍ୟାଣ୍ଡବଲ ସଂଘ ସଭାପତି ବିପ୍ଲବ ଚୌଧୁରୀ, ସମ୍ପାଦକ ମାନସ କୁମାର ସିଂ, କୋଷାଧ୍ୟକ୍ଷ ଶୀତେନ୍ଦ୍ର ନାଥ ଦାସ, ଭୁବନେଶ୍ୱର ହ୍ୟାଣ୍ଡବଲ ସଂଘ ସମ୍ପାଦକ ପ୍ରଶାନ୍ତ କୁମାର ନାୟକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

# ଆକ୍ସେଲସେନଙ୍କ ଅବସର




କୋକେନ ହେଗେନ୍,୧୫।୪(ଏଜେନ୍ସି): ଡେନମାର୍କର କିମ୍ବଦନ୍ତୀ ବ୍ୟାଡ଼ମିଣ୍ଟନ ତାରକା ଭିକ୍ଟର ଆକ୍ସେନ ସେନ ଖେଳ ଜୀବନରୁ ଅବସର ନେଇଛନ୍ତି । ବିଗତ କିଛି ବର୍ଷ ହେବ ପିଠି ଯନ୍ତ୍ରଣାର ସମ୍ମୁଖୀନ ହେବା ପରେ ବାଧ୍ୟ ହୋଇ ସେ ବୁଧବାର ବ୍ୟାଡ଼ମିଣ୍ଟନ ଜଗତରୁ ଅବସର ଘୋଷଣା କରିଛନ୍ତି । ଦୁଇଥର ଲେଖାଏଁ ଅଲିମ୍ପିକ୍ସ ଓ ବିଶ୍ୱ ଚାମ୍ପିଅନସିପ ବିଜେତା ଏବଂ ୪ ଥର ୟୁରୋପୀୟ ବିଜେତା ଆକ୍ସେଲସେନ ନିଜ ନିଷ୍ପତ୍ତିକୁ ସର୍ବସାଧାରଣରେ ଘୋଷଣା କରିବା ପରେ ବ୍ୟାଡ଼ମିଣ୍ଟନ ପ୍ରତି ତାଙ୍କ ଅବଦାନକୁ ସମ୍ମାନ ଜଣାଇ ଲକ୍ଷ୍ୟ ଲକ୍ଷ୍ୟ କ୍ରୀଡାପ୍ରେମୀ ଶୁଭକାମନା ଜଣାଇଛନ୍ତି । ଭାରତୀୟ ବ୍ୟାଡ଼ମିଣ୍ଟନ ତାରକା ଲକ୍ଷ୍ୟସେ୍ନ, ପିଭି ସିନ୍ଧୁ ଓ ବିମଳ କୁମାର ପ୍ରମୁଖ ତାଙ୍କୁ କୃତଜ୍ଞତା ଜଣାଇଛନ୍ତି । ୩୨ ବର୍ଷୀୟ ଆକ୍ସେଲ ସେନ ଟୋକିଓ ଓ ପ୍ୟାରିସ ଅଲିମ୍ପିକ୍ସରେ ଲଗାତାର ସ୍ୱର୍ଣ୍ଣ ପଦକ ଜିତିଥିଲେ । ୨୦୧୭ ଓ ୨୦୨୨ ବିଶ୍ୱ ଚାମ୍ପିଅନସିପ ଜିତିଥିଲେ । ୟୁରୋପୀୟ ଚାମ୍ପିଅନସିପରେ ୬ଟି ସ୍ୱର୍ଣ୍ଣ ପଦକ ଜିତିଥିବା ଆକ୍ସେଲସେନ ୧୮୩ ସପ୍ତାହଧରି ବିଶ୍ୱ ମାନ୍ୟତାର ପ୍ରଥମ ସ୍ଥାନ ବଜାୟ ରଖିଥିଲେ । ଆକ୍ସେଲ ସେନ କହିଛନ୍ତି ଅଧିକାଂଶ ଲୋକ ଜାଣନ୍ତି ଯେ, ମୁଁ ବହୁତ ଦିନ ଧରି ପିଠି ଯନ୍ତ୍ରଣା ସହ ସଂଘର୍ଷ କରି ଆସୁଛି । ଗତବର୍ଷ ଏପ୍ରିଲରେ ମୋର ଅସ୍ତ୍ରପ୍ରଚାର ହେବା ପରେ ଏକ ଲମ୍ବା ପୁନର୍ବାସ ପ୍ରକ୍ରିୟା ଦେଇଯାଇଥିଲେ । ଦୁର୍ଭାଗ୍ୟବଶତଃ ଅକ୍ଟୋବରରେ ମୋ ସହ ଆଉ ଏକ ଦୁର୍ଘଟଣା ଘଟିଥିଲା । ସେବେ ଠାରୁ ସେ ଅଧିକ ପ୍ରତିଯୋଗିତା ଖେଳି ନାହାନ୍ତି । କିମ୍ବା ଅଭ୍ୟାସ ମଧ୍ୟ କରିପାରିନାହାନ୍ତି । ତେଣୁ ଅବସର ନେବାର ଅତ୍ୟନ୍ତ କଷ୍ଟକର ନେବାକୁ ସେ ବାଧ୍ୟ ହୋଇଛନ୍ତି ।

# ଲିଟି-ଚୋଖା ଖାଇବା ଛାଡି ଦେଲେ ସୂର୍ଯ୍ୟବଂଶୀ



ନୂଆଦିଲ୍ଲୀ,୧୫।୪(ଏଜେନ୍ସି): ଯୁବ ପ୍ରତିଭା ବୈଭବ ସୂର୍ଯ୍ୟବଂଶୀ ନିଜର ଦମଦାର ବ୍ୟାଟିଂ ବଳରେ ଚର୍ଚ୍ଚାରେ ଅଛନ୍ତି । ସେ ଅଳ୍ପ ବୟସରେ ଯେଉଁ ସଫଳତା ହାସଲ କରିଛନ୍ତି ତାହା ଅନ୍ୟ ଯୁବ କ୍ରିକେଟରଙ୍କ ପାଇଁ ସ୍ୱପ୍ନ ପରି ରହିଛି । ମୈଦାନରେ ଚୌକା ଓ ଛକା ବର୍ଷା କରୁଥିବା ଦେଖି ଦର୍ଶକ ବି ଆଚମ୍ବିତ ଯେ ଏତେ ଅଳ୍ପ ବୟସରେ ପିଲାଟି ପାଖରେ ଏତେ ଶକ୍ତି କେଉଁଠୁ ଆସୁଛି । ତାଙ୍କର ବ୍ୟାଟିଂର ଶକ୍ତି ସାମର୍ଥ୍ୟ ପଛରେ କୌଣସି ଯାଦୁ ନାହିଁ, ବରଂ ଶୃଙ୍ଖଳା, ଡାଏଟ ଓ ଟ୍ରେନିଂ ରହିଛି । ବୈଭବ ନିଜର ଫିଟନେସକୁ ନେଇ ସର୍ବଦା ସତର୍କ । ତାଙ୍କ କହିବା କଥା ଜଣେ ଆଥଲେଟ୍ ପାଇଁ ଶରୀର ହିଁ ସବୁଠୁ ବଡ଼ ହତ୍ୟା । ବୈଭବଙ୍କ ଡଏଟ୍ ମୁଖ୍ୟତଃ ଲିନ ପ୍ରୋଟିନ ଓ କମ୍ପ୍ଲେକ୍ସ କାର୍ବୋହାଇଡ୍ରେଟ ବିଶିଷ୍ଟ ହୋଇଥାଏ । ସେ ଦିନର ଆରମ୍ଭ ଭରପୂର ଭୋଜନ ସହ କରିଥାନ୍ତି । ସକାଳ ବ୍ରେକଫାଷ୍ଟରେ ଅଣ୍ଡା, ଓଟ୍ସ ଓ ସତେଜ ଫଳ ଖାଇଥାନ୍ତି । ମ୍ୟାଚରେ ଏନର୍ଜିସ୍ତର ବଜାୟ ରଖିବା ପାଇଁ ସେ ମଝିରେ ମଝିରେ ଲଡ୍ସ ଓ ହାଇଡ୍ରୋଟିଂ ଡ୍ରିଙ୍କ୍ସ ନେଇଥାନ୍ତି । ତାଙ୍କର ଫୋକସ ଶରୀରକୁ କେମିତି ପର୍ଯ୍ୟାପ୍ତ ଶକ୍ତି ମିଳିବ । ବାହାରେ ଖାଇବା ପରିବର୍ତ୍ତେ ବୈଭବ ଘରର ଖାଦ୍ୟ ଉପରେ ଅଧିକ ଉପରେ ଗୁରୁତ୍ୱ ଦେଇଥାନ୍ତି । ପନିପରିବା ତାଙ୍କ ଶରୀର ଉପରେ ଭିଟାମିନ ପ୍ରାଦନ କରିଥାଏ । ପଡିଆରେ ଘଣ୍ଟା ଘଣ୍ଟା ଝାଳ ବୋହିବା ପରେ ଶରୀରରେ ଯେମିତି ଜଳିୟଂଶ ନକମିବ ସେଥି ପ୍ରତି ବୈଭବ ପଇଡ ଓ ଇଲ୍ରୋକେଟାଇ ଯୁକ୍ତ ପାନୀୟ ପିଇଥାନ୍ତି । ସେ ଜଙ୍କ୍ ଫିଡ୍ ଖାଇବା ଛାଡି ଦେଇଛନ୍ତି । ଖୁବ କମ ବୟସରେ ମିଠା ଓ ଫାଷ୍ଟଫୁଡ ସେ ଛାଡି ଦେଇଛନ୍ତି । ତାଙ୍କ କହିବା କଥା ଫିଟ୍‌ନେସ ପାଇଁ ଅନୁଶାସନ ଜରୁରୀ । ଜଙ୍କ୍ ଫୁଡ ଖେଳରେ ବାଧା ଦେଇଥାଏ । ଅଭ୍ୟାସ ମଝିରେ ଭୋକ ଯେମିତି ନହୁଏ ସେଥି ପାଇଁ ବାମହାତି ବ୍ୟାଟର ବାଦାମ ଓ ଅଖରୋଟ ଓ ଫଳ ଖାଇଥାନ୍ତି । ଏହା ତାଙ୍କୁ ତୁରନ୍ତ ଏନର୍ଜି ପ୍ରଦାନ କରିଥାଏ । ଖେଳ ଉପରେ ଧ୍ୟାନ ବଢ଼ାଇବାରେ ସାହାର୍ଯ୍ୟ କରିଥାଏ ।

ଛୋଟ ବେଳୁ କ୍ରିକେଟ୍ ପ୍ରତି ସମର୍ପଣ ପାଇଁ ବୈଭବ ବାହାର ଖାଦ୍ୟ ଛାଡି ଦେଇଥିଲେ । ଏପରିକି ବିହାର ପ୍ରସିଦ୍ଧ ଖାଦ୍ୟ ଲିଟି ଚୋଖା ମଧ୍ୟ ସେ ଖାଇବା ଛାଡି ଦେଇଛନ୍ତି । ନିଜର ଫିଟନେସ ସ୍ତର ବଢ଼ାଇବା ପାଇଁ ସବୁ ବିହାରୀଙ୍କ ପ୍ରିୟ ଲିଟି ଚୋଖାକୁ ନିଜ ମେନ୍ୟୁରୁ ବୈଭବ ହଟାଇ ଦେଇଛନ୍ତି । ଖାଦ୍ୟପ୍ରେୟ ପ୍ରତି ସତର୍କ ଥିବାରୁ ତାଙ୍କ ସଫଳ ଯାତ୍ରା ଆଗକୁ ବଢ଼ି ଚାଲିଛି ।

# ରାଜ୍ୟ ସିଏମ ଟ୍ରଫିର ଷଷ୍ଠ ଦିବସ : ବାଳିକା ବିଭାଗରେ ଟିଏସଏଫ, ଯୋଡ଼ା ଚାମ୍ପିଅନ

କେନ୍ଦୁଝର,୧୫।୪(ସବ୍ୟୁ): ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ, ଫୁଟବଲ ଆସୋସିଏସନ ଅଫ ଓଡିଶା ଏବଂ କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ମିଳିତ ସହଯୋଗରେ ଶଙ୍କରପୁରସ୍ଥିତ ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ସିଏମ ଫୁଟବଲ ପ୍ରତିଯୋଗିତାର ଲିଗ ପଦ୍ଧତିରେ ଅନୁଷ୍ଠିତ ୧୪ ବର୍ଷରୁ କମ ବାଳିକା ବିଭାଗରେ ଗତକାଲି ଖେଳ ଶେଷ ସୁଦ୍ଧା ଟାଟା ଷ୍ଟିଲ ଫାଉଣ୍ଡେସନ, ଯୋଡ଼ା ଲିଗ ପର୍ଯ୍ୟାୟ ଖେଳରେ ସମସ୍ତ ୪ଟି ଯାକ ମ୍ୟାଚରେ ବିଜୟୀ ହୋଇ ଲିଗ ଟେବୁଲରେ ଶୀର୍ଷରେ ରହିବା ସହ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି । ସେହିପରି ତଝରଣୀ ଫୁଟବଲ ଏକାଡେମୀ ସମୁଦାୟ ୪ଟି ଖେଳରୁ ୩ଟି ରେ ବିଜୟୀ ହୋଇ ରନର୍ସଅପ ହେବାର ସୌଭାଗ୍ୟ ଅର୍ଜନ କରିଛି । ପ୍ରତିଯୋଗିତାର ଫଳାଫଳ ନିର୍ଣ୍ଣୟ ହୋଇ ଯାଇଥିବାରୁ ବୁଧବାର ପୂର୍ବାହ୍ନରେ ଲିଗ ପର୍ଯ୍ୟାୟର ଅନୁଷ୍ଠିତ ଅନ୍ତିମ ଖେଳଟି କେବଳ ଔପଚାରିକତା ଦୃଷ୍ଟିରୁ ଖେଳା ଯାଇଥିଲା । ଏହି ଖେଳରେ ରାଇକଳା ହାଇସ୍କୁଲ ଆର ଏମ ହାଇସ୍କୁଲ ନିଉଣ୍ଡି ବିପକ୍ଷରେ ୬-୦ ଗୋଲରେ ବିଜୟ ହାସଲ କରିଥିଲା । ରାଇକଳା ହାଇସ୍କୁଲ ପକ୍ଷରୁ ନିରୁପମା ପାତ୍ର ଓ ନମିତା ମାଝୀ ଦୁଇଟି ଲେଖାଏଁ ଗୋଲ ସ୍କୋର କରିଥିବା ବେଳେ ସ୍ମୃତି ସେଠୀ ଏବଂ ସୁପ୍ରିୟା ମୁଣ୍ଡା ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ ।

ଅପରାହ୍ନରେ ୧୪ ବର୍ଷରୁ କମ ବାଳକ ବିଭାଗର ଖେଳ ଆରମ୍ଭ କରାଯାଇଥିଲା ଆଜି ଲିଗ କମ ନକ ଆଉଟ ପଦ୍ଧତିର ଅନୁଷ୍ଠିତ ପ୍ରଥମ ଖେଳରେ ଜିନ୍ଦଲ ଫାଉଣ୍ଡେସନ, ବଡ଼ବିଲ ରାଇକଳା ହାଇସ୍କୁଲ ବିପକ୍ଷରେ ୬-୦ ଗୋଲରେ ଏକ ବିପୁଳ ବିଜୟ ଲାଭ କରି ପୁରା ପଏଣ୍ଟ ହାସଲ କରିଛି । ଦଳ ପକ୍ଷରୁ ଆଶିଷ ନାଏକ ଓ ଅଙ୍କିତ ବେହେରା ଦୁଇଟି ଲେଖାଏଁ, ପ୍ରେମ ମହାକୁଡ଼, ଗଙ୍ଗାଧର ଗୁଇଆ ଗୋଟିଏ କରି ଗୋଲ ସ୍କୋର କରିଥିଲେ । ଆଜି ପୂର୍ବାହ୍ନରେ ଖେଳ ଆରମ୍ଭ ହେବା ପୂର୍ବରୁ ଆଜିର ମୁଖ୍ୟ ଅତିଥି ଜିଲ୍ଲା କ୍ରୀଡା ଅଧିକାରୀ ସରୋଜ କୁମାର ମଲ୍ଲିକ ଏବଂ ଦ୍ୱିତୀୟ ଖେଳ ପୂର୍ବରୁ କ୍ରୀଡା ଛାତ୍ରାବଝସର ମୁଖ୍ୟ ଦୌଡ଼କୁଦ ପ୍ରଶିକ୍ଷକ ସୁବାସ ସରକାର ଓ ରାଜେନ୍ଦ୍ର ସିଙ୍କ ସହ ଉଭୟ ଦଳର ଖେଳାଳୀ ମାନଙ୍କୁ ପରିଚିତ କରାଇ ଦିଆଯାଇଥିଲା । ଆଜିର ପ୍ରଥମ ଖେଳରେ ବୃନ୍ଦାବନ ମୁଣ୍ଡା ରେଫରୀ ଦାୟିତ୍ୱ ତୁଲାଇଥିବା ବେଳେ ତାଙ୍କୁ ଲାଇନରେ ସହାୟତା କରିଥିଲେ ଦଶମନ୍ତ ଟୁଡୁ ଓ ରାଇମୋହନ ମୁର୍ମୁ । ଚତୁର୍ଥ ରେଫରୀ ଥିଲେ ବେଣୁଧର ମୁଣ୍ଡା । ସେହିପରି ଦ୍ୱିତୀୟ ଖେଳରେ ବେଣୁଧର ମୁଣ୍ଡା ରେଫରୀ ଦାୟିତ୍ୱ ତୁଲାଇଥିବା ବେଳେ ତାଙ୍କୁ ଲାଇନରେ ସହାୟତା କରିଥିଲେ ବୃନ୍ଦାବନ ମୁଣ୍ଡା ଓ ରାଇମୋହନ ମୁର୍ମୁ । ଚତୁର୍ଥ ରେଫରୀ ଥିଲେ ବିଜୟ କୁମାର ମୁଣ୍ଡା । ଫାଓ ପକ୍ଷରୁ ବୀରେନ୍ଦ୍ର ମହାନ୍ତ ମ୍ୟାଚ କମିଶନର ନିଯୁକ୍ତ ହୋଇ ଦାୟିତ୍ୱ ନିର୍ବାହ କରିଥିଲେ ।

# ଦୁଇଟି ମ୍ୟାଚ ଖେଳିବେନି ରୋହିତ

ନୂଆଦିଲ୍ଲୀ,୧୫।୪(ଏଜେନ୍ସି): ଚଳିତ ଆଇପିଏଲ୍‌ରେ ୩ଟି ମ୍ୟାଚ ହାରି ସାରିଥିବା ମୁମ୍ବାଇ ଇଣ୍ଡିଆନ୍ସ ଗୁରୁବାର ପଞ୍ଜାବ କିଙ୍ଗ୍ସକୁ ଭେଟିବେ । ଦଳ ବିଜୟ ସନ୍ଧାନରେ ରହିଥିବା ବେଳେ ବଡ଼ ଖବର ସାମ୍ନାକୁ ଆସିଛି । ଦଳର ଷ୍ଟାର ଓପନର ରୋହିତ ଶର୍ମା ଆହତ କାରଣରୁ ଆଗାମୀ ଦୁଇଟି ମ୍ୟାଚ ଖେଳି ପାରିବେ ନାହିଁ । ରବିବାର ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷ ମ୍ୟାଚରେ ରୋହିତ ବ୍ୟାଟିଂ କରୁଥିବା ବେଳେ ମାଂସପେଶୀ ଟାଣି ହୋଇଯାଇଥିଲା । ଏଥିପାଇଁ ତାଙ୍କୁ ମ୍ୟାଚ ଅଧାରୁ ବ୍ୟାଟିଂ ଛାଡି ପାଭିଲିୟନ୍ ଫେରିବାକୁ ପଡିଥିଲା । ରୋହିତ ରିଟାୟାର୍ଡ ହର୍ଟ ହେବା ମୁମ୍ବାଇକୁ ମହଙ୍ଗା ପଡିଥିଲା । ଶେଷରେ ଦଳ ୧୮ ରନରେ ମ୍ୟାଚ ହାରିଥିଲା । ଚଳିତ ଆଇପିଏଲରେ ଏହା ମୁମ୍ବାଇର କ୍ରମାଗତ ତୃତୀୟ ପରାଜୟ । ଦଳ ଏଯାଏଁ ୪ଟି ମ୍ୟାଚ ଖେଳିଛି । ଗୁରୁବାର ପଞ୍ଜାବ ଓ ୨୦ ତାରିଖରେ ଗୁଜରାଟ ଟାଇଟନ୍ସକୁ ଦଳ ଭେଟିବ । ଏହି ଦୁଇଟି ମ୍ୟାଚରେ ରୋହିତ ନଜର ଆସିବେ ନାହିଁ ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୦୬୮୫୩୩୧୬୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୦୬୮୫୩୩୧୬୪ରେ ଯୋଗାଯୋଗ କରନ୍ତୁ ।

# ୱର୍ଣ୍ଣଙ୍କ ମୃତ୍ୟୁ ପଛରେ କିଏ ?



ନୂଆଦିଲ୍ଲୀ,୧୫।୪(ଏଜେନ୍ସି): କ୍ରିକେଟ ଦୁନିଆର ଅନେକ ମହାନ ବ୍ୟାଟରଙ୍କ ଚମକା ଦେଖାଇଥିବା ସେନ ୱର୍ଣ୍ଣଙ୍କୁ ଆଜି ବି କ୍ରିକେଟ ଜଗତ ଝୁରୁଛି । ମାତ୍ର ୫୨ ବର୍ଷ ବୟସରେ ତାଙ୍କ ଅକାଳ ବିୟୋଗକୁ ଅନେକ ବିଶ୍ୱାସ କରିପାରୁନାହାନ୍ତି । ଦ୍ୱିତୀୟ ଅଗ୍ରଣୀ ଟେଷ୍ଟ ବୋଲର ୧୯୯୯ ଦିନିକିଆ ବିଶ୍ୱକପ ବିଜେତା ଓ ଆଇପିଏଲ୍ ବିଜେତା ପ୍ରଥମ ଅଧିନାୟକ, ଅନ୍ୟତମ ୱିଜଡେନ କ୍ରିକେଟର ଅଫ୍ ଦ ସେଞ୍ଚୁରୀ ପୁରସ୍କାରପ୍ରାପ୍ତ କ୍ରିକେଟରଙ୍କ ପ୍ରଦର୍ଶନ ଅତୁଳନୀୟ ଥିଲା । ଦ୍ରୁତ ବୋଲରଙ୍କ ଭୂ-ସ୍ୱର୍ଗ ଅଷ୍ଟ୍ରେଲିଆରେ ଜନ୍ମ ଗ୍ରହଣ କରି ବିଶ୍ୱ କ୍ରିକେଟରଙ୍କ ମହାନ୍ ସ୍ପିନର ପାଲଟି ଥିଲେ । ତଥାପି ତାଙ୍କ ମୃତ୍ୟୁକୁ ନେଇ ସସପେନ୍ସ ଲାଗି ରହିଥିବା ବେଳେ ୱର୍ଣ୍ଣଙ୍କ ପୁଅ ଯାଞ୍ଚଲ୍ୟକର ତଥ୍ୟ ଦେଇଛନ୍ତି ।

୨୦୨୨ରେ ଥାଇଲାଣ୍ଡରେ ଥିବା ବେଳେ ସେନ ୱର୍ଣ୍ଣଙ୍କ ଆକସ୍ମିକ ମୃତ୍ୟୁ ହୋଇଥିଲା । ତାଙ୍କ ମୃତ୍ୟୁର କାରଣ ହୃଦଘାତ ବୋଲି କୁହାଯାଇଥିଲା । ଏହାର ବର୍ଷକ ପୂର୍ବରୁ ୨୦୨୧ରେ ସେ ଇଂଲଣ୍ଡରେ କରୋନାରେ ଆକ୍ରାନ୍ତ ହୋଇଥିଲେ । ୱର୍ଣ୍ଣଙ୍କ ମୃତ୍ୟୁର ୪ ବର୍ଷ ପରେ ତାଙ୍କ ପୁଅ ଜ୍ୟାକ୍ସସନ ୱର୍ଣ୍ଣ ମୁହଁ ଖୋଲିଛନ୍ତି । କୋଭିଡ ଟୀକା ଯୋଗୁଁ ତାଙ୍କ ବାପାଙ୍କ ଅସମୟରେ ମୃତ୍ୟୁ ହୋଇଥିବା ଦାବି କରିଛନ୍ତି । ଏକପୋଡକାଷ୍ଟରେ ସେ କହିଛନ୍ତି ତାଙ୍କ ବାଧ୍ୟତାମୂଳକ ଭଳବେ ନେଇଥିବା ୩ରୁ ୪ଟି କରୋନା ଟୀକା ତାଙ୍କ ହୃଦଘାତ କାରଣ ହୋଇଥାଏ ପରେ । ସେ ସ୍ୱୀକାର କରିଛନ୍ତି ଯେ, ତାଙ୍କ ବାପାଙ୍କ ପୂର୍ବରୁ କେତେକ ଶାରୀରିକ ସମସ୍ୟା ଥିଲା । କିନ୍ତୁ ଟୀକା ନେବା ଫଳରେ ତାଙ୍କର ସମସ୍ୟା ବଢ଼ି ଯାଇଥିଲା । ମୁଁ ଯେତେବେଳେ ତାଙ୍କର ମୃତ୍ୟୁର ଖବର ପାଇଲି, ତୁରନ୍ତ ସରକାର ଓ କୋଭିଡ ଟୀକା ନେବାକୁ ଚାହୁଁ ନଥିଲେ । କିନ୍ତୁ କାମ ପାଇଁ ବାଧ ହୋଇ ୩/୪ ଟୀକା ନେଇଥିଲେ । ବାପାଙ୍କ ଶ୍ରଦ୍ଧାଞ୍ଜଳୀ ସଭାରେ ମୁଁ ଏକଥା କହିବାରୁ ନିଜକୁ ରୋକି ପାରିନଥିଲି ।

କରୋନା ମହାମାରୀ ପରେ ଭାରତରେ କୋଭଡ ଟୀକା ନେଇଥିବା ଲୋକଙ୍କ ଆକଷ୍ମିକ ମୃତ୍ୟୁ ହେଉଛି ବୋଲି ବିଭିନ୍ନ ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା । ଏମିତିକି ଚାଲିବା ବୁଲିବା ବେଳେ ଆକଷ୍ମିକ ମୃତ୍ୟୁ ହେଉଥିବା କୁହାଯାଇଥିଲା । ଇଣ୍ଡିଆନ୍ କାଉନସିଲ ଅଫ୍ ମେଡିକାଲି ରିସର୍ଚ୍ଚ (ଆଇସିଏମଆର୍) ଏବଂ ନ୍ୟାସନାଲ ସେଣ୍ଟ୍ରିଲ ଫର ଡିଜିଜ କଣ୍ଟ୍ରୋଲ (ଏନସିଡିସି) ପକ୍ଷରୁ ପ୍ରକାଶିତ ରିପୋର୍ଟରେ ମୃତ୍ୟୁ ସମ୍ପର୍କିତ ଅଭିଯୋଗକୁ ଖଣ୍ଡନ କରାଯାଇଥିଲା । ଉଭୟ ସଂସ୍ଥା ପକ୍ଷରୁ କୁହାଯାଇଥିଲା ଯେ, ରିସର୍ଚ୍ଚ ଓ ଅନୁସନ୍ଧାନରୁ କୋଭିଡ ଟୀକା ସହ ହୃଦଘାତ ସମ୍ପର୍କ ନାହିଁ ବୋଲି ସ୍ୱାସ୍ଥ୍ୟମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଥିଲା ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି